


ନୀରଜଙ୍କ ବାୟୋପିକ୍ ଫିଲ୍ମରେ ଅକ୍ଷୟ

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-43 ♦THURSDAY ♦6 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୪୩ ♦ଗୁରୁବାର ♦୬ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଚନ୍ଦ୍ରପୃଷ୍ଠରେ ପିଟିହେଲା ସ୍ପେସ-ଏକ୍ସ ରକେଟ୍

■ ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଆମେରିକାର ବେସରକାରୀ ମହାକାଶ ଗବେଷଣା ସଂସ୍ଥା 'ସ୍ପେସ-ଏକ୍ସ'ର ଏକ ଫାଲକନ୍ ୯ ରକେଟ୍‌ର ଅବଶିଷ୍ଟାଂଶ ଚନ୍ଦ୍ରପୃଷ୍ଠରେ ଭୀଷଣ ବେଗରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରାୟ ୪୦୦୦ କିଲୋଗ୍ରାମ୍ ଓଜନର ଏହି ରକେଟ୍ ଅଂଶଟି ୩ ଟନ୍ ଟିଏନ୍‌ଟି ବିସ୍ଫୋରଣର ଶକ୍ତି ସହ ଚନ୍ଦ୍ରର ଆଇନଷ୍ଟାଇନ୍ କ୍ରାଟର ନିକଟରେ ମାଡ଼ ହୋଇଥିବା ମହାକାଶ ବିଜ୍ଞାନୀମାନେ ଅନୁମାନ କରୁଛନ୍ତି। ୨୦୨୫ ମସିହାରେ ଏକ ଚନ୍ଦ୍ର ମିଶନ ଉଦ୍ଦେଶ୍ୟରେ କ୍ଷେପଣ କରାଯାଇଥିବା ଏହି ରକେଟ୍‌ର ଶେଷ ଭାଗଟିରେ ଜାଳେଣି ସରିଯିବା ପରେ ତାହା ମହାକାଶରେ ନିୟନ୍ତ୍ରଣହୀନ ଭାବେ ଭାସୁଥିଲା। ମହାକର୍ଷଣ ବଳ ଏବଂ ସୌର ବିକିରଣ ଯୋଗୁଁ ଏହା ଧୀରେ ଧୀରେ ଚନ୍ଦ୍ର ଆଡ଼କୁ ଆକର୍ଷିତ ହୋଇ ମାଡ଼ ହୋଇଛି। ଏହି ସଂଘର୍ଷ ଯୋଗୁଁ ଚନ୍ଦ୍ରପୃଷ୍ଠରେ ଏକ ନୂଆ ଗର୍ତ୍ତ ସୃଷ୍ଟି ହୋଇଥିବା ସହ ବିଶାଳ ଧୂଳିଝଡ଼ ସୃଷ୍ଟି ହୋଇଥିଲା। ତେବେ ପୃଥିବୀଠାରୁ ଏହି ବିସ୍ଫୋରଣର ଦୃଶ୍ୟ ସ୍ପଷ୍ଟ ଦେଖାଯାଇ ନ ଥିବା ବେଳେ, ଚନ୍ଦ୍ର ପ୍ରଦକ୍ଷିଣ କରୁଥିବା ମହାକାଶଯାନ (ଯଥା ନାସାର ଏଲ୍‌ଆରଓ ଏବଂ ଦକ୍ଷିଣ କୋରିଆର ଡାନୁରୀ) ଦ୍ୱାରା ଉଠାଯାଇଥିବା ଚିତ୍ର ମାଧ୍ୟମରେ ବିଜ୍ଞାନୀମାନେ ଏହି ଗର୍ତ୍ତର ଅନୁଧ୍ୟାନ କରୁଛନ୍ତି। ଏହି ଘଟଣା ଫଳରେ ଚନ୍ଦ୍ରପୃଷ୍ଠରେ ମାନବକୃତ ଆବର୍ଜନାର ପରିମାଣ ଆହୁରି ବୃଦ୍ଧି ପାଇଛି।



ସୃଷ୍ଟି ହେଲା ନୂତନ ଗର୍ତ୍ତ

## ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ; ସୁପ୍ରିମକୋର୍ଟ ନାରାଜ

■ ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଛାତ୍ର ବିକ୍ଷୋଭ ଏବଂ ଆନ୍ଦୋଳନକୁ ସମ୍ଭାଳିବା ସମୟରେ ପୋଲିସ ଏବଂ ଶାସନକଳ ଅତ୍ୟଧିକ ଆକ୍ରାମକ ମନୋଭାବ ଗ୍ରହଣ ନକରି ଧୈର୍ଯ୍ୟ ରଖିବା ଆବଶ୍ୟକ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ମତ ପ୍ରକାଶ କରିଛନ୍ତି। ଶକ୍ତିଶାଳୀ ରାଷ୍ଟ୍ର ନାମରେ ଯୁବବର୍ଗଙ୍କ ଉପରେ ଶକ୍ତି ପ୍ରୟୋଗ କଲେ ତାହା ହିଂସାକୁ ଅଧିକ ବୃଦ୍ଧି କରିବ ବୋଲି ନ୍ୟାୟାଳୟ ସତର୍କ କରାଇ ଦେଇଛନ୍ତି। ରାଜଧାନୀ ନୂଆଦିଲ୍ଲୀରେ ଅନୁଷ୍ଠିତ ଛାତ୍ର ଆନ୍ଦୋଳନ ଏବଂ ଯନ୍ତରମନ୍ତର ପ୍ରତିବାଦ ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି କହିଛନ୍ତି ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆନ୍ଦୋଳନକାରୀ ଯୁବକମାନଙ୍କ ସହ ଆଲୋଚନା କରିବା ଏବଂ ସେମାନଙ୍କ ସମସ୍ୟା ଶୁଣିବା ସବୁଠାରୁ ବଡ଼ ଶକ୍ତି। ଯଦି କେତେକ ଭୁଲ ବାଟରେ ଯାଇ ପଥରଫିଙ୍ଗା ପରି କାର୍ଯ୍ୟ କରନ୍ତି, ତଥାପି ସେମାନଙ୍କୁ ବୁଝାସୁଝା କରିବା ଏବଂ ପରାମର୍ଶ ଦେବା ଉଚିତ। ଆନ୍ଦୋଳନରତ ଯୁବକମାନଙ୍କୁ ଦମନ କରିବା ପରିବର୍ତ୍ତେ ଉଚିତ ମାର୍ଗଦର୍ଶନ ଏବଂ ଆଲୋଚନାର ଆବଶ୍ୟକତା ରହିଛି। ଶାସନକଳର ଅତ୍ୟଧିକ କଠୋରତା ପରିସ୍ଥିତିକୁ ଅଧିକ ଜଟିଳ କରିପାରେ। ତେବେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କିପରି ପଦକ୍ଷେପ ନିଆଯିବ, ତାହା ନିୟନ୍ତ୍ରଣ କରୁଥିବା ସଂସ୍ଥାଗୁଡ଼ିକର ଅନୁଭବ ଉପରେ ଛାଡ଼ିଦେବା ଉଚିତ ବୋଲି ▶ପୃଷ୍ଠା-୧୦



ବଳପ୍ରୟୋଗ ନୁହେଁ; ଶାନ୍ତିପୂର୍ଣ୍ଣ ଆଲୋଚନା ଜରୁରୀ

### ଆକାଂକ୍ଷୀ ଜିଲ୍ଲା ଡେଲ୍‌ଟା ର୍‍ୟାଙ୍କିଙ୍ଗ

# ଓଡ଼ିଶାର ନିରୁତ୍ସାହଜନକ ପ୍ରଦର୍ଶନ

■ ଭୁବନେଶ୍ୱର, ୫।୮ (ସମିସ): 'ନିତି' ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଆକାଂକ୍ଷୀ ଜିଲ୍ଲା ଯୋଜନାରେ ଓଡ଼ିଶାର ୧୦ଟି ଜିଲ୍ଲା ସାମିଲ ହୋଇଛି। ୨୦୧୮ ଜାନୁଆରୀରେ ପ୍ରଧାନମନ୍ତ୍ରୀ ମୋଦୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ଦେଶର ଅନୁନ୍ନତ ଏବଂ ପଛୁଆ ଭାବେ ପରିଗଣିତ ୧୧୨ଟି ଜିଲ୍ଲାରେ ଦ୍ରୁତ ତଥା ଫଳପ୍ରଦ ଭାବେ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଏବଂ ରୂପାନ୍ତରଣ ଆଣିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ କିଛି ମାସ ଧରି ଓଡ଼ିଶାର ସାମିଲ ଜିଲ୍ଲା ଗୁଡ଼ିକ ନିରୁତ୍ସାହଜନକ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳୁଛି। ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ବେଳେ ବାରମ୍ବାର ପଛୁଆ ଜିଲ୍ଲା ଭାବେ ପରିଗଣିତ ହେବା ଆଦୌ ଶୁଭ ସଙ୍କେତ ନୁହେଁ ବୋଲି ପ୍ରଶାସନିକ ମହଲରେ ମତ ପ୍ରକାଶ ପାଇଛି।

ଡେଲଟା ର୍‍ୟାଙ୍କିଙ୍ଗ ପ୍ରତି ୩ ମାସରେ ଥରେ ପ୍ରକାଶ ପାଉଥିବା ବେଳେ ଗତ ଜାନୁଆରୀ, ଫେବୃଆରୀ ତଥା ମାର୍ଚ୍ଚର ସାମଗ୍ରିକ ର୍‍ୟାଙ୍କିଙ୍ଗ ନିକଟରେ ପ୍ରକାଶ ପାଇଛି। ମୋଟ ୫ଟି ମାନଦଣ୍ଡ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ, ଭିତ୍ତିଭୂମି ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ନେଇ ଏହି ସାମଗ୍ରିକ ର୍‍ୟାଙ୍କିଙ୍ଗ ପ୍ରକାଶ ପାଉଥିବା ବେଳେ କୌଣସି ବର୍ଗରେ ଓଡ଼ିଶାର ଗୋଟିଏ ହେଲେ ବି ଜିଲ୍ଲା ଟପ୍-୫ ମଧ୍ୟରେ ସ୍ଥାନ ପାଇନାହିଁ। ଅପରପକ୍ଷେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମଗ୍ର ଦେଶ୍‌ରେ ପଛୁଆ ଜିଲ୍ଲା ଭାବେ ମାଲକାନଗିରି ୩ ନମ୍ବରରେ ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ମୋଟ ୧୧୨ ଜିଲ୍ଲା ମଧ୍ୟରୁ ମାଲକାନଗିରି ୧୧୦ ନମ୍ବରରେ ଥିବାବେଳେ କୋରାପୁଟ ୧୦୪, ବଲାଙ୍ଗୀର ୧୦୧, ନବରଙ୍ଗପୁର ୯୯ ଓ ରାୟଗଡ଼ା ୯୨ ନମ୍ବର ସ୍ଥାନରେ ରହିଛନ୍ତି। ଗତ ଡିସେମ୍ବର ମାସରେ ମାଲକାନଗିରି ୧୦୮ ନମ୍ବର ସ୍ଥାନରେ ଥିବା ବେଳେ ରାୟଗଡ଼ା ୧୦୭ ନମ୍ବର ସ୍ଥାନରେ ଥିଲା। ସୂଚନାଯୋଗ୍ୟ ଯେ ଏହି ଡେଲଟା ର୍‍ୟାଙ୍କିଙ୍ଗ ଆରମ୍ଭ ହେବାପରଠାରୁ ଓଡ଼ିଶା ନିୟମିତ ଭାବରେ ଭଲ ପ୍ରଦର୍ଶନ କରି ଆସୁଥିଲା। ବିଶେଷକରି ୨୦୧୮ରୁ ୨୦୨୪ ମଧ୍ୟରେ ଓଡ଼ିଶାର ଆକାଂକ୍ଷୀ ଜିଲ୍ଲାଗୁଡ଼ିକୁ ବହୁ ସମୟରେ ଏହି ୫ଟି ବର୍ଗରେ ପ୍ରଥମ ୫ ସ୍ଥାନରେ ରହି ଆସୁଥିଲେ। ଯାହା ସ୍ଥାନୀୟ ଜିଲ୍ଲାରେ ଦ୍ରୁତ ବିକାଶ, ଜୀବନ ଧାରଣ ମାନରେ ଉନ୍ନତି, ଯୋଜନାର ସଫଳ କ୍ରିୟାନ୍ୱୟନକୁ ଦର୍ଶାଉଥିଲା। ତେବେ ଗତ କିଛି ମାସ ଧରି ରାଜ୍ୟର ଏହି ୧୦ ଜିଲ୍ଲା ନିୟମିତ ଖରାପ ପ୍ରଦର୍ଶନ କରିବା ବିଭିନ୍ନ ଦିଗକୁ ରେଖାଙ୍କିତ କରୁଛି। ସରକାର ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

**କୌଣସି ବର୍ଗରେ ପ୍ରଥମ ୫ ସ୍ଥାନରେ ଓଡ଼ିଶା ପାଇଲାନି ସ୍ଥାନ**

**ସ୍ୱାସ୍ଥ୍ୟ କ୍ଷେତ୍ରରେ ପଛଆଡ଼ୁ ମାଲକାନଗିରି ତୃତୀୟ**

**ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦେବାକୁ ଦାବି**

### ପୁଣି ଆସିପାରେ ସୀମା ନିର୍ଦ୍ଧାରଣ ଓ ମହିଳା ଆରକ୍ଷଣ ବିଲ୍

## ୧୭ରେ ସ୍ୱତନ୍ତ୍ର ସଂସଦ ଅଧିବେଶନ !

■ ନୂଆଦିଲ୍ଲୀ, ୫।୮(ଏଜେନ୍ସି): ରାମ ମନ୍ଦିର ଏବଂ ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଭଳି ପ୍ରସଙ୍ଗକୁ ନେଇ ସଂସଦର ଚଳିତ ମୌସୁମୀ ଅଧିବେଶନରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା ଦାବିରେ ବିରୋଧୀ ଦଳ ଅଟଳ ରହିଛନ୍ତି। ଏଭଳି ଅଚଳାବସ୍ଥା ମଧ୍ୟରେ ସରକାର ପୁଣି ସୀମା ନିର୍ଦ୍ଧାରଣ ଏବଂ ମହିଳା ଆରକ୍ଷଣ ବିଲ୍ ଆଣିବାକୁ ଯୋଜନା ଚଳାଇଥିବା ନେଇ ଜାତୀୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏସଂପର୍କରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ସହଯୋଗ ଲୋଡ଼ିଥିବା କୁହାଯାଉଛି। ଆସନ୍ତା ଅଗଷ୍ଟ ୧୩ ତାରିଖରେ ମୌସୁମୀ ଅଧିବେଶନ ଶେଷ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ଏହି ଦୁଇଟି ବିଲ୍ ଆଗତ ହୋଇପାରେ ବୋଲି ରାହୁଲ-ରିଜିଜୁ ସାକ୍ଷାତ ପରେ ଆଲୋଚନା ଜୋର ଧରିଛି। ଏହା ସମ୍ଭବ ନହେଲେ ଅଗଷ୍ଟ ୧୭ରୁ ସ୍ୱତନ୍ତ୍ର ଅଧିବେଶନ ଡକାଯାଇପାରେ ବୋଲି କୁହାଯାଉଛି। ସରକାର ଏସଂପର୍କରେ ବିଭିନ୍ନ ଦଳ ସହିତ ପୁଣି ଆଲୋଚନା ଚଳାଇଛନ୍ତି।

ନିର୍ବାଚନମଣ୍ଡଳୀ ସୀମା ନିର୍ଧାରଣ ଏବଂ ମହିଳା ଆରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ସଂସଦର ଉଭୟ ଗୃହରେ ଦୁଇ-ତୃତୀୟାଂଶ ସ୍ୱତନ୍ତ୍ର ବହୁମତର ଆବଶ୍ୟକତା ରହିଛି। ଏହି ▶ପୃଷ୍ଠା-୧୦



**ବିଲ୍ ସମର୍ଥନ ପାଇଁ ରାହୁଲଙ୍କୁ ଭେଟିଲେ ମନ୍ତ୍ରୀ**

**ଦୁଇ-ତୃତୀୟାଂଶ ବହୁମତ ପାଇଁ କେନ୍ଦ୍ରର ଉଦ୍ୟମ**

## ଏଲ୍‌ପିଜି ସିଲିଣ୍ଡର ଉପରେ ଲାଗିବ ନୂଆ ଶୁଳ୍କ



■ ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଦୀର୍ଘ ଦିନ ହେବ ଉଚ୍ଚ ରନ୍ଧନ ଗ୍ୟାସ୍ ଦର ସହ ଯୁଝୁଥିବା ଖାଉଟିଙ୍କୁ ଲାଗିବାକୁ ଯାଉଛି ଆଉ ଏକ ବଡ଼ ଝଟ୍‌କା। ମହଙ୍ଗା ହେବ ଘରୋଇ ଏଲ୍‌ପିଜି ସିଲିଣ୍ଡର। ଏଥର ଗ୍ୟାସ୍ ଦର ବୃଦ୍ଧି ଆଉ ସିଧାସଳଖ ମୂଲ୍ୟ ବୃଦ୍ଧି ଜରିଆରେହେବନାହିଁ। ଏହା ନୂତନ ଶୁଳ୍କ ଲାଗୁ ମାଧ୍ୟମରେ ହେବ। ଏଣିକି ଏଲପିଜି ସିଲିଣ୍ଡର ଉପରେ ସରକାର ଲଗାଇବେ ନୂତନ ଶୁଳ୍କ। ସାଧାରଣ ଖାଉଟିଙ୍କୁ ଶୋଷଣ କରିବା ପାଇଁ ତୈଳ ମାର୍କେଟିଂ କମ୍ପାନୀଙ୍କ ନୂଆ ପ୍ଲାନ୍ ପ୍ରସ୍ତୁତ। ଯୋଜନାନୁଯାୟୀ, ଘରୋଇ ରନ୍ଧନ ଗ୍ୟାସ ଉପରେ କିଲୋଗ୍ରାମ ପିଛା ୧.୨୯ ଟଙ୍କା ଶୁଳ୍କ ଲାଗୁ କରାଯିବ। ସିଏନ୍‌ଜି ଉପଭୋକ୍ତାଙ୍କ ଉପରେ ମଧ୍ୟ ଏହି ଶୁଳ୍କ ଛାଟ ଲାଗିବ। ପ୍ରାକୃତିକ ଗ୍ୟାସ ଉପରେ ପ୍ରତି ମାନକ ଘନ ମିଟର (ଏସ୍‌ସିଏମ୍) ପାଇଁ ୧.୪୩ ଟଙ୍କା ଶୁଳ୍କ ଆଦାୟ କରାଯିବ। ଯଦି ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଏ ତେବେ ଆଗକୁ ଘରୋଇ ଏଲ୍‌ପିଜି ସିଲିଣ୍ଡର ୧୮ ଟଙ୍କା ମହଙ୍ଗା ହେବ। ଅର୍ଥାତ୍ ଗ୍ରାହକଙ୍କୁ ସିଲିଣ୍ଡର ପିଛା ଅଧିକ ୧୮ ଟଙ୍କା ଦଣ୍ଡ ଗଣିବାକୁ ପଡିବ। ସରକାର ବର୍ତ୍ତମାନ ଦେଶରେ ▶ପୃଷ୍ଠା-୧୦

**୧୮ ଟଙ୍କା ମହଙ୍ଗା ହେବ ଘରୋଇ ଏଲ୍‌ପିଜି ସିଲିଣ୍ଡର**


**କିଲୋ ପିଛା ଏଲ୍‌ପିଜି ୧.୨୯ ଟଙ୍କା, ସିଏନ୍‌ଜି ପାଇଁ ୧.୪୩ ଟଙ୍କା ଅତିରିକ୍ତ ଶୁଳ୍କ**

## ଓଡ଼ିଶାରେ ହେବ ଦେଶର ପ୍ରଥମ ଘରୋଇ ପରମାଣୁ ବିଦ୍ୟୁତ୍ କେନ୍ଦ୍ର !

■ ଭୁବନେଶ୍ୱର, ୫।୮ (ସମିସ): ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶାରେ ସ୍ଥାପନ ହେବ ଘରୋଇ ପରମାଣୁ ବିଦ୍ୟୁତ କେନ୍ଦ୍ର। ରାଜ୍ୟରେ ୩ଟି ପରମାଣୁ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ପାଇଁ ଦୁଇଟି ଘରୋଇ କମ୍ପାନୀ ପ୍ରସ୍ତାବ ଦେଇଥିବା ଓ ଏ ସଂକ୍ରାନ୍ତରେ ସରକାର ବିଚାର କରୁଥିବା ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ରାଜନୈତିକ, ଆଇନଗତ, ସୁରକ୍ଷା ଓ ପରିବେଶ ସମ୍ବନ୍ଧୀୟ ବିତର୍କ ମଧ୍ୟ ତୀବ୍ର ହେବାରେ ଲାଗିଛି। ଦେଶରେ ପୂର୍ବରୁ ପ୍ରସ୍ତାବିତ କୁଡ଼ାନକୁଲମ, ଜୈତାପୁର, କୋଭାଡ଼ା ଓ ମିଥି ଭିର୍‌ଦି ପରମାଣୁ ପ୍ରକଳ୍ପକୁ ନେଇ ସମ୍ପୃକ୍ତ ରାଜ୍ୟରେ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଛି ଏବଂ ଆନ୍ଦୋଳନ ଯୋଗୁଁ ପ୍ରକଳ୍ପଗୁଡ଼ିକ ହୋଇପାରି ନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଘରୋଇ ପରମାଣୁ ବିଦ୍ୟୁତ୍ ପ୍ରକଳ୍ପ ପ୍ରସ୍ତାବ ରାଜ୍ୟର ସୁରକ୍ଷା ଓ ସ୍ୱାର୍ଥକୁ ନେଇ ପ୍ରଶ୍ନ ଉଠାଇଛି।

ସୂଚନା ଅନୁଯାୟୀ ଗୋଟିଏ ଘରୋଇ କମ୍ପାନୀ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ବିନିଯୋଗରେ ରାୟଗଡ଼ା ଜିଲ୍ଲାରେ ଦୁଇଟି ପରମାଣୁ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛି। ପ୍ରତ୍ୟେକ ପ୍ରକଳ୍ପର ଉତ୍ପାଦନ କ୍ଷମତା ୨୮୦୦ରୁ ୩୦୦୦ ମେଗାୱାଟ ରଖାଯାଇଥିବାରୁ ଦୁଇଟି ପ୍ରକଳ୍ପରୁ ମୋଟ ୫୬୦୦ରୁ ୬୦୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନର ଲକ୍ଷ୍ୟ ରହିଛି। ତେବେ ରାୟଗଡ଼ାର କେଉଁ ଅଞ୍ଚଳରେ ପ୍ରକଳ୍ପ ସ୍ଥାପନ ହେବ, ସେନେଇ ସରକାର କିମ୍ବା କମ୍ପାନୀ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ମାଲକାନଗିରି ଜିଲ୍ଲାରେ ଆଉ ଏକ ପରମାଣୁ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ପାଇଁ ଦ୍ୱିତୀୟ ଘରୋଇ କମ୍ପାନୀ ପ୍ରସ୍ତାବ ଦେଇଛି। କିନ୍ତୁ ଏହି ପ୍ରକଳ୍ପର ବିନିଯୋଗ, ▶ପୃଷ୍ଠା-୧୦

**ରାୟଗଡ଼ା ଓ ମାଲକାନଗିରିରେ ୩ ପ୍ରକଳ୍ପ ପାଇଁ ୨ କମ୍ପାନୀର ପ୍ରସ୍ତାବ**







## ଓଡ଼ିଶା ଇଞ୍ଜିନକୁ କମୁଛି ଅନୁଦାନ

### ବର୍ଷକୁ ବର୍ଷ ପୋଷଣ, ବାତ୍ସଲ୍ୟ ଓ ଅଙ୍ଗନବାଡ଼ି ସହାୟତା ହ୍ରାସ

■ ଭୁବନେଶ୍ୱର, ୫।୮ (ସମିସ): ମହିଳା ଓ ଶିଶୁଙ୍କ ପୋଷଣ, ସୁରକ୍ଷା ଏବଂ ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ବିଡମ୍ବନା ହେଉଛି ଯେ ଗତ ୩ ବର୍ଷ ହେଲା ପ୍ରତ୍ୟେକ ଯୋଜନାରେ ଓଡ଼ିଶାକୁ ସହାୟତା ରାଶି ହ୍ରାସ ପାଇ ଚାଲିଛି। ପୋଷଣ, ମିଶନ ବାତ୍ସଲ୍ୟ ଓ ସକ୍ଷମ ଅଙ୍ଗନବାଡ଼ି ଅନୁଦାନ ହ୍ରାସ ପରେ ରାଜ୍ୟରେ ଅସହାୟ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ପୁଷ୍ଟିକର ଖାଦ୍ୟ ଓ ପୋଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି କେନ୍ଦ୍ର ସରକାରଙ୍କ ଏହି ତଥ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ। ରାଜ୍ୟର ଶିଶୁ, କିଶୋରୀ, ଆସନ୍ନ ପ୍ରସବା ଓ ପ୍ରସୂତିଙ୍କ ପ୍ରତି ଅନୁଦାନ ହ୍ରାସ କରି ଓଡ଼ିଶାକୁ କେନ୍ଦ୍ର ସରକାର ପ୍ରତାରିତ କରିଛନ୍ତି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ଗତ ତିନି ଆର୍ଥିକ ବର୍ଷ ଏବଂ ଚଳିତ ବର୍ଷରେ ଓଡ଼ିଶାକୁ ୩,୨୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ସହାୟତା ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର। ପୋଷଣ ୨.୦, ମିଶନ ଶକ୍ତି ଓ ମିଶନ ବାତ୍ସଲ୍ୟ ଅଧୀନରେ ଏହି ଅର୍ଥ ବ୍ୟୟ କରାଯାଇଥିବା ବେଳେ ଲକ୍ଷାଧିକ ମହିଳା, ଶିଶୁ ଓ କିଶୋରୀ ଉପକୃତ ହୋଇଛନ୍ତି। ରାଜ୍ୟସଭାରେ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଜ୍ୟମନ୍ତ୍ରୀ ସାବିତ୍ରୀ ଠାକୁର ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ସମ୍ପୂରକ ପୁଷ୍ଟିକର ଖାଦ୍ୟ, ପ୍ରାକ୍-ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା ଓ ପୋଷଣ ସଚେତନତା ଭଳି ସେବା ଲାଗି ମିଶନ ସକ୍ଷମ ଅଙ୍ଗନୱାଡ଼ି ଓ ପୋଷଣ ୨.୦ ପାଇଁ ୨୦୨୩-୨୪ରେ ଓଡ଼ିଶାକୁ ୯୬୮.୮୦ କୋଟି ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ୨୦୨୪-୨୫ରେ ଏହି ଅନୁଦାନ ୯୪୮.୧୬ କୋଟି ଟଙ୍କାକୁ ହ୍ରାସ ପାଇଛି। ସେହିପରି ୨୦୨୫-୨୬ରେ ଏହା ଆହୁରି କମି ୯୧୧.୨୭ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୬-୨୭ରେ ଜୁଲାଇ ୨୦ ତାରିଖ ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟକୁ ଏ ବାବଦରେ ୩୩୬.୦୫ କୋଟି ଟଙ୍କା ପ୍ରଦାନ କରିଛନ୍ତି।

କେବଳ ଏହି ଗୋଟିଏ ଯୋଜନା ନୁହେଁ; ଅସହାୟ ଓ ବିପଦଗ୍ରସ୍ତ ଶିଶୁଙ୍କ ପାଇଁ ପ୍ରତିଷ୍ଠାନଗତ ଓ ଅଣ-ପ୍ରତିଷ୍ଠାନଗତ ସେବା, ଶିଶୁ ଯତ୍ନ ପ୍ରତିଷ୍ଠାନ, ଫୋଷ୍ଟର ▶ପୃଷ୍ଠା-୧୦

**ଶିଶୁ, କିଶୋରୀ, ପ୍ରସୂତିଙ୍କ ପୋଷଣକୁ ନେଇ ପ୍ରଶ୍ନବାଚୀ**

**ମନ୍ତ୍ରୀଙ୍କ ତଥ୍ୟକୁ ନେଇ ସାଂସଦ ମାନସଙ୍କ ଉଦ୍‌ବେଗ**

# ଜମି ଅଦଳବଦଳ କରିବେ ଭାରତ-ମିଆଁମାର

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ସୀମା ସୁରକ୍ଷା ଓ ବାଡ଼ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ଓ ମିଆଁମାର ମଧ୍ୟରେ କିଛି ଜମି ଅଦଳବଦଳ ହୋଇପାରେ ବୋଲି ଆଲୋଚନା ଚାଲିଛି। ମଣିପୁରର ଚାନ୍ଦେଲ୍ ଜିଲ୍ଲା ଭଳି ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳରେ ଥିବା ବିବାଦର ସମାଧାନ ପାଇଁ ପ୍ରାୟ ୧.୪୪ ବର୍ଗ ମାଇଲ ଜମି ଅଦଳବଦଳ ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ବିଚାର କରୁଥିବା ନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଛି। ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ କିଛି ଅସମାହିତ ସୀମାନ୍ତ ଅଞ୍ଚଳକୁ ନେଇ ବର୍ତ୍ତମାନ ଆଲୋଚନା ଜାରି ରହିଛି। ଭାରତ ଓ ମିଆଁମାର ମଧ୍ୟରେ ୧, ୬୪୩ କିଲୋମିଟର ଦୀର୍ଘ ସୀମାରେଖା ରହିଛି, ଯାହା ଚାରୋଟି ଉତ୍ତର-ପୂର୍ବ ରାଜ୍ୟ ଦେଇ ଯାଇଛି। ବେଆଇନ ଅନୁପ୍ରବେଶ, ନିଶାଦ୍ରବ୍ୟ କାରବାର ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ରୋକିବା ପାଇଁ ଭାରତ ସରକାର ସମ୍ପୂର୍ଣ୍ଣ ସୀମାରେ ବାଡ଼ ନିର୍ମାଣ ସହ ମୁକ୍ତ ଚଳାଚଳ ବ୍ୟବସ୍ଥା (ଏଫ୍ଏମ୍ଆର୍)କୁ ରଦ୍ଦ କରିଛନ୍ତି। ସୁରକ୍ଷା ବାହିନୀ ଓ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଆଞ୍ଚଳିକ ସୁରକ୍ଷା ସୁଦୃଢ଼ ହେବା ସହ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ଶେଷ ହୋଇପାରିବ।

# ବିଦେଶ ଯିବାକୁ ଅଭିଷେକଙ୍କୁ ଅନୁମତି ଦେଲେନାହିଁ ହାଇକୋର୍ଟ

କୋଲକାତା, ୫।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍ସି) ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଚକ୍ଷୁ ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ଦେବା ନେଇ ରୁଜୁ ଆବେଦନକୁ କଲିକତା ହାଇକୋର୍ଟ



ବୁଧବାର ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଭାରତରେ ଆବଶ୍ୟକୀୟ ଚିକିତ୍ସା ସୁବିଧା ଉପଲବ୍ଧ ଥିବାରୁ ଏବେ ବିଦେଶ ଯିବାର କୌଣସି ଆବଶ୍ୟକତା ନାହିଁ। ୨୦୨୬ ନିର୍ବାଚନ ପ୍ରଚାର ସମୟରେ ଉତ୍ତେଜନାମୂଳକ ବକ୍ତବ୍ୟ ଦେବା ମାମଲାରେ ଅଭିଷେକ୍ ତଦନ୍ତର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ତାଙ୍କର ବିଦେଶ ଯାତ୍ରା ଉପରେ କଟକଣା ରହିଛି। ବିଚାରପତି ସୌଗତ ଭଟ୍ଟାଚାର୍ଯ୍ୟଙ୍କ ଖଣ୍ଡପୀଠ ଅଭିଷେକଙ୍କୁ ସରକାରୀ ଏସ୍ଏସ୍କେଏମ୍ ହସ୍ପିଟାଲର ଚକ୍ଷୁ ରୋଗ ବିଭାଗ ପ୍ରମୁଖଙ୍କ ନିକଟରେ ଚିକିତ୍ସିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଠାକାର ରିପୋର୍ଟ ଆସିବା ପରେ କୋର୍ଟ ପରବର୍ତ୍ତୀ ନିଷ୍ପତ୍ତି ନେବେ। ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ବିରୋଧୀ ନେତାମାନେ ଅଭିଯୋଗ କରିଛନ୍ତି ଯେ ତଦନ୍ତରୁ ବଞ୍ଚିବା ପାଇଁ ଅଭିଷେକ୍ ସ୍ୱାସ୍ଥ୍ୟର ବାହାନା ଦେଇ ବିଦେଶ ଫେରାର ହେବାକୁ ଯୋଜନା କରୁଛନ୍ତି। ତେବେ ତୃଣମୂଳ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ୨୦୧୬ ଦୁର୍ଘଟଣା ପରଠାରୁ ତାଙ୍କ ଆଖିର ନିୟମିତ ଚିକିତ୍ସା ଚାଲିଥିବା କହିଛି।

# ବିଦେଶୀ ସାମ୍ବାଦିକଙ୍କ ଉପରେ ପାକିସ୍ତାନର ନୂଆ କଟକଣା

ଇସଲାମାବାଦ, ୫।୮ (ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀରରେ ଚାଲିଥିବା ପ୍ରତିବାଦକୁ ନେଇ ଆନ୍ତର୍ଜାତିକ ସମାଲୋଚନା ମଧ୍ୟରେ ପାକିସ୍ତାନ ସରକାର ବିଦେଶୀ ସାମ୍ବାଦିକଙ୍କ ପାଇଁ ନୂଆ କଟକଣା ଲାଗୁ କରିଛନ୍ତି। ଏଣିକି ଖବର ସଂଗ୍ରହ ପୂର୍ବରୁ ସରକାରଙ୍କ ଅନୁମତିପତ୍ର ନେବା ବାଧ୍ୟତାମୂଳକ କରାଯାଇଛି। ନୂତନ ନିର୍ଦ୍ଦେଶାବଳୀ ଅନୁସାରେ ବିଦେଶୀ ସମ୍ବାଦ ସଂସ୍ଥା ସହ ଜଡ଼ିତ ସମସ୍ତ ସାମ୍ବାଦିକ, ଚିତ୍ରଗ୍ରାହକ ଓ ଅନ୍ୟ କର୍ମୀମାନେ ରାଜଧାନୀ, ଲାହୋର ଓ କରାଚି ବ୍ୟତୀତ ଅନ୍ୟ କୌଣସି ସହରକୁ ଖବର ସଂଗ୍ରହ ପାଇଁ ଯିବା ପୂର୍ବରୁ ସୂଚନା ମନ୍ତ୍ରଣାଳୟର ଅନାପତ୍ତି ପ୍ରମାଣପତ୍ର ନେବାକୁ ପଡ଼ିବ। ସେହିପରି ସମସ୍ତ ବିଦେଶୀ ସାମ୍ବାଦିକ ଓ ସମ୍ବନ୍ଧିତ ସଂସ୍ଥାଙ୍କ ପଞ୍ଜୀକରଣ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଏହି ପଦକ୍ଷେପ ପାକିସ୍ତାନ ଅଧିକୃତ କାଶ୍ମୀରରେ ପ୍ରତିବାଦ ଓ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନକୁ ନେଇ ବଢ଼ୁଥିବା ଆନ୍ତର୍ଜାତିକ ଚିନ୍ତା ମଧ୍ୟରେ ନିଆଯାଇଛି। ମାନବାଧିକାର ଓ ସାମ୍ବାଦିକ ସ୍ୱାଧୀନତା ସଂଗଠନଗୁଡ଼ିକ ଏହି କଟକଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପଟେ ଭାରତ ପାକିସ୍ତାନ ଅଧିକୃତ କାଶ୍ମୀରରେ ସାଧାରଣ ଲୋକଙ୍କ ଉପରେ ଦମନକୁ ନିନ୍ଦା କରିବା ସହ ପାକିସ୍ତାନକୁ ଉତ୍ତରଦାୟୀ କରିବା ପାଇଁ ଆନ୍ତର୍ଜାତିକ ସମୁଦାୟକୁ ଆହ୍ୱାନ କରିଛି।

# ସିଜେପି ନେତା ସୌରଭଙ୍କ ଘରେ ପଶିଲେ ୟୁଟ୍ୟୁବର

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): କକ୍ରୋଚ ଜନତା ପାର୍ଟି (ସିଜେପି) ମୁଖପାତ୍ର ସୌରଭ ଦାସ ନିଜ ପରିବାର ପ୍ରତି ଗୁରୁତର ସୁରକ୍ଷା



ବିପଦ ଥିବା ନେଇ ଅଭିଯୋଗ କରିଛନ୍ତି। କେତେକ ୟୁଟ୍ୟୁବର ଓ ଅସାମାଜିକ ଯୁବକ ତାଙ୍କ ଘର ଭିତରକୁ ଜବରଦସ୍ତ ପଶିଆସିବା ସହ ବାହାରେ ଡେରା ପକାଇଥିବା ସେ ପ୍ରକାଶ କରିଛନ୍ତି। ସୌରଭ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ କହିଛନ୍ତି ଯେ, ଗତକାଲି ରାତିରୁ ପ୍ରାୟ ୧୫ରୁ ୨୦ ଜଣ ବ୍ୟକ୍ତି ତାଙ୍କ ଘର ବାହାରେ ରହିଥିଲେ ଏବଂ ଆଜି ସକାଳେ ଘର ଭିତରକୁ ଅନୁପ୍ରବେଶ କରିଥିଲେ। ସେ ବର୍ତ୍ତମାନ ଏକ ଦଳୀୟ ବୈଠକ ପାଇଁ ମହାରାଷ୍ଟ୍ରରେ ଥିବାରୁ ଘରେ ଥିବା ପରିବାର ସଦସ୍ୟଙ୍କ ନିରାପତ୍ତାକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି। ଏହିପରି ଅନୁପ୍ରବେଶ ଓ ଭିଡିଓ ପ୍ରସାରଣ ଯୋଗୁଁ ତାଙ୍କ ପରିବାର ସୁରକ୍ଷା ସଙ୍କଟରେ ପଡ଼ିଥିବାରୁ ଆବଶ୍ୟକୀୟ



# ଦୁବାଇର ଜେବେଲ ଅଲି ବନ୍ଦରରେ ୨୦ ମିନିଟରେ ୭ ବିସ୍ଫୋରଣ

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଦୁବାଇର ପ୍ରସିଦ୍ଧ ଜେବେଲ ଅଲି ବନ୍ଦର ଏବଂ ଏହାର ନିକଟବର୍ତ୍ତୀ ଶିଳ୍ପାଞ୍ଚଳରେ ବୁଧବାର ଭୋର ସମୟରେ ଏକାଧିକ ବିସ୍ଫୋରଣ ଘଟି ବ୍ୟାପକ ଅଗ୍ନିକାଣ୍ଡ ସୃଷ୍ଟି ହୋଇଛି। କେବଳ ୨୦ ମିନିଟ ମଧ୍ୟରେ ଅନ୍ତତଃ ୭ଟି ବିସ୍ଫୋରଣ ହୋଇଥିବା ସଂଯୁକ୍ତ ଅରବ ଏମିରେଟ୍ସ (ୟୁଏଇ) ର ଅଧିକାରୀମାନେ ସ୍ୱୀକାର କରିଛନ୍ତି। ଆମେରିକା-ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଏହି ଘଟଣା ଘଟିଥିବାରୁ ପ୍ରଶାସନ ତୁରନ୍ତ ଏହାର ତଦନ୍ତ ଆରମ୍ଭ କରିଛି। ସାମାଜିକ ଗଣମାଧ୍ୟମ ଏବଂ ବିଭିନ୍ନ ସମ୍ବାଦ ସଂସ୍ଥାରେ ପ୍ରକାଶିତ ଭିଡିଓ ଅନୁଯାୟୀ, ବନ୍ଦର ପରିସରରୁ କଳା ଧୂଆଁର ବିଶାଳ ଆଚ୍ଛାଦନ ଆକାଶକୁ ଉଠୁଥିବା ଦେଖାଯାଇଛି। ଘଟଣାର ଭିଡିଓ ରେକର୍ଡିଂ କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଛି। ନାସାର ତାପଜ ଚିତ୍ର ଅନୁଯାୟୀ, ବନ୍ଦର ନିକଟସ୍ଥ ଏକ ଇନ୍ଧନ ଗଚ୍ଛିତ ଓ ହସ୍ତାନ୍ତର ଗୋଦାମରେ ଏହି ଅଗ୍ନିକାଣ୍ଡ ଘଟିଛି। ଜେବେଲ ଅଲି ବନ୍ଦର ମଧ୍ୟପ୍ରାଚ୍ୟର ଅନ୍ୟତମ ବୃହତ୍ତମ ବ୍ୟାପାରିକ ଓ ପରିବହନ କେନ୍ଦ୍ର। ଏହାର ମୁକ୍ତ ବାଣିଜ୍ୟ ଅଞ୍ଚଳରେ ୧୫୦ରୁ ଅଧିକ ଦେଶର ୧୧, ୦୦୦ରୁ ଅଧିକ କମ୍ପାନୀ କାର୍ଯ୍ୟରତ। ତେବେ ବିସ୍ଫୋରଣର ମୂଳ କାରଣ ସମ୍ପର୍କରେ ସରକାରୀ ସୂଚନା ସ୍ପଷ୍ଟ ହୋଇନଥିବା ବେଳେ ଏହା କ୍ଷେପଣାସ୍ତ୍ର ଆକ୍ରମଣ ହେତୁ ଘଟିଥାଇପାରେ ବୋଲି କେତେକ ବେସରକାରୀ ସୂତ୍ରରୁ ଦାବି କରାଯାଉଛି। ସାମ୍ପ୍ରତିକ ସମୟରେ ଆମେରିକା ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ସାମରିକ ତିକ୍ତତା ଯୋଗୁଁ ଉପସାଗରୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଠୋର କରାଯାଇଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ସରକାରୀ ସଂସ୍ଥାଗୁଡ଼ିକୁ ହାଇଆଲର୍ଟରେ ରଖାଯାଇଛି।

# ଲୋକସଭା ସଚିବାଳୟ ନିର୍ଦ୍ଦେଶକଙ୍କ ଆତ୍ମହତ୍ୟା

■ ଋଣ କାରଣରୁ ଆତ୍ମହତ୍ୟା ସନ୍ଦେହ
■ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର

ନୋଏଡା, ୫।୮ (ଏଜେନ୍ସି): ଲୋକସଭା ସଚିବାଳୟର ଜଣେ ୪୦ ବର୍ଷୀୟ ନିର୍ଦ୍ଦେଶକ ଗୌରବ ଗୌତମଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ନୋଏଡାସ୍ଥିତ ନିଜ ଆପାର୍ଟମେଣ୍ଟରୁ ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ପୁଲିସ ଏକ ଚିଠି (ସୁସାଇଡ ନୋଟ) ଉଦ୍ଧାର କରିଛି, ଯେଉଁଥିରେ ଋଣ ସମ୍ପର୍କିତ ବିଷୟ ଉଲ୍ଲେଖ ଥିବା ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ, ସେକ୍ଟର ୮୨ସ୍ଥିତ



କେନ୍ଦ୍ରୀୟ ବିହାର-୨ ସୋସାଇଟିର ନିଜ ଫ୍ଲାଟରେ ଗୌରବ ସିଲିଂ ଫ୍ୟାନରେ ଝୁଲି ରହିଥିଲେ। ତାଙ୍କ ସ୍ତ୍ରୀ ବାପଘରୁ ଫେରିବା ପରେ ଘର ଭିତରୁ ବନ୍ଦ ଥିବା ଦେଖି ସୁରକ୍ଷା କର୍ମୀଙ୍କ ସହାୟତାରେ ଭିତରକୁ ଯାଇଥିଲେ। ସେଠାରେ ଗୌରବଙ୍କୁ ଅଚେତ ଅବସ୍ଥାରେ ଦେଖି ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା, ମାତ୍ର ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଫୋରେନ୍ସିକ ଟିମ୍ ଏବଂ ପୁଲିସ ପହଞ୍ଚି ପ୍ରମାଣ ସଂଗ୍ରହ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଉଦ୍ଧାର ହୋଇଥିବା ଚିଠିରେ ଋଣ ଭାର ବିଷୟରେ ଉଲ୍ଲେଖ ରହିଛି, ଯାହାକୁ ଆଧାର କରି ପୁଲିସ ବିଭିନ୍ନ ଦିଗରୁ ଅଧିକ ତଦନ୍ତ ଚଳାଇଛି।

# ଝାଡ଼ଖଣ୍ଡରେ ଯୁବକଙ୍କୁ ପିଟି ପିଟି ହତ୍ୟା

ଧର୍ଷଣ ଅଭିଯୋଗରେ ସଂଘବଦ୍ଧ ଆକ୍ରମଣ

ରାଞ୍ଚି, ୫।୮ (ଏଜେନ୍ସି): ଝାଡ଼ଖଣ୍ଡର ଚାତ୍ରା ଜିଲ୍ଲାରେ ଜଣେ ନାବାଳିକାଙ୍କୁ ଅଟକ ରଖି ଧର୍ଷଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ପିଟି ହତ୍ୟା କରିଛନ୍ତି। ମୃତ ଯୁବକଙ୍କ ନାମ ମହମ୍ମଦ ଇମ୍‌ରୋଜ ବୋଲି ଜଣାପଡ଼ିଛି। ଏହି ସଂଘବଦ୍ଧ ଆକ୍ରମଣ ଘଟଣାରେ ମୃତକଙ୍କ ବାପା ମହମ୍ମଦ ସୁଲତାନ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିବା ପରେ ଏକ ଆଇନଗତ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ



ସୋମବାର ରାତିରୁ ଗାଁର ଜଣେ ନାବାଳିକା ନିଖୋଜ ଥିଲେ। ମଙ୍ଗଳବାର ସେ ଫେରିବା ପରେ ଯୁବକଙ୍କ ଘରେ ତାଙ୍କୁ ଅଟକ ରଖି ଅତ୍ୟାଚାର କରାଯାଇଥିବା ଅଭିଯୋଗ କରିଥିଲେ। ଏହାପରେ ପ୍ରାୟ ୧୦୦ରୁ ୧୫୦ ଜଣ ଲୋକଙ୍କ ଏକ ଉତ୍ତ୍ୟକ୍ତ ଗୋଷ୍ଠୀ ଯୁବକଙ୍କ ଘରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ବାନ୍ଧି ମାଡ଼ ମାରିଥିଲେ। ବାପାମାଆଙ୍କୁ ବଞ୍ଚାଇବାକୁ ଯାଇଥିବା ଯୁବକଙ୍କୁ ସଂଘବଦ୍ଧ ଭାବେ ଲାଠି ଓ ପଥରରେ ପ୍ରହାର କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ବି ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତକଙ୍କ ବାପା ୫୬ ଜଣଙ୍କ ନାମରେ ଅଭିଯୋଗ ଆଣିଛନ୍ତି। ପ୍ରଶାସନ ୧୦ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ବେଳେ ନାବାଳିକାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଯାଇଛି। ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ବ୍ୟାପକ ସୁରକ୍ଷା ବାହିନୀ ମୁତୟନ କରାଯାଇଛି।

# ସେମାନେ ମୋତେ ମାରିପାରନ୍ତି; ତଥାପି ମୁଁ ବାଂଲାଦେଶ ଫେରିବି



ନୂଆଦିଲ୍ଲୀରୁ ଶେଖ୍ ହସିନାଙ୍କ ଘୋଷଣା

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶ ଛାଡ଼ିବାର ୨ ବର୍ଷ ପରେ ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ନିଜର ପକ୍ଷ ରଖିଛନ୍ତି। ବୁଧବାର ନୂଆଦିଲ୍ଲୀର 'ଫରେନ୍ କରେସପଣ୍ଡେଣ୍ଟସ୍ କ୍ଲବ୍ ଅଫ୍ ସାଉଥ୍ ଏସିଆ' (ଏଫ୍ସିସିଏସ୍ଏ) ଦ୍ୱାରା ଆୟୋଜିତ ଏକ ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ସେ ଆସନ୍ତା ଡିସେମ୍ବର ମାସରେ ବାଂଲାଦେଶ ଫେରିବା ନେଇ ଘୋଷଣା କରିଛନ୍ତି। ହସିନା ନିଜ ସମ୍ବୋଧନରେ କହିଛନ୍ତି ଯେ, ତାଙ୍କ ବିରୋଧରେ ଚାଲିଥିବା ଆଇନଗତ ପ୍ରକ୍ରିୟା ଅସାମ୍ବିଧାନିକ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସେ କହିଛନ୍ତି, 'ମୁଁ ଜାଣେ ସେମାନେ ମୋତେ ଜେଲରେ ପକାଇ ପାରନ୍ତି କିମ୍ବା ମାରିଦେଇ ପାରନ୍ତି, କିନ୍ତୁ ମୁଁ ମୋ ଲୋକଙ୍କ ପାଖକୁ ଫେରିବି। ମୃତ୍ୟୁଦଣ୍ଡ କିମ୍ବା ମିଥ୍ୟା ମାମଲା ମୋତେ ଅଟକାଇ ପାରିବ ନାହିଁ। ୨୦୨୪ର ସରକାର ବିରୋଧୀ ଛାତ୍ର ଆନ୍ଦୋଳନ ସ୍ୱତଃସ୍ଫୂର୍ତ୍ତ ନଥିଲା। କ୍ଷମତା ଦଖଲ କରିବା ପାଇଁ ଏକ ପରିକଳ୍ପିତ ଯୋଜନା ଥିଲା ବୋଲି ସେ ଦାବି କରିଛନ୍ତି। ଭାରତକୁ ବାଂଲାଦେଶର ପ୍ରକୃତ ବନ୍ଧୁ ଭାବେ ବର୍ଣ୍ଣନା କରିଛନ୍ତି ହସିନା କହିଛନ୍ତି ଯେ, ୧୯୭୧ ମସିହା ମୁକ୍ତି ସଂଗ୍ରାମ ଠାରୁ ଆରମ୍ଭ କରି ପ୍ରତିଟି ସଙ୍କଟ ସମୟରେ ନୂଆଦିଲ୍ଲୀ ଢାକା ସହିତ ଛିଡ଼ା ହୋଇଛି। ତେବେ ଭାରତ ସରକାର ଏହି କାର୍ଯ୍ୟକ୍ରମରୁ ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖିଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଏକ ବେସରକାରୀ କାର୍ଯ୍ୟକ୍ରମ ବୋଲି କହିବା ସହ ଏଥିରେ ସରକାରଙ୍କର କୌଣସି ସମ୍ପୃକ୍ତି ନଥିବା ସ୍ପଷ୍ଟ କରିଛି।

୨୦୨୪ ଅଗଷ୍ଟ ୫ରେ ବାଂଲାଦେଶ ଛାଡ଼ିବା ପରେ ଶେଖ୍ ହସିନା ଭାରତରେ ଗୁପ୍ତ ସ୍ଥାନରେ ରାଜନୈତିକ ଆଶ୍ରୟ ନେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ସମ୍ବୋଧନ ବେଳେ ସେ କ୍ୟାମେରା ସାମ୍ନାକୁ ନଆସି କେବଳ ଅଡିଓ ମାଧ୍ୟମରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ହସିନାଙ୍କ ପୁଅ ସଜୀବ ୱାଜେଦ୍ ଜୟ ମଧ୍ୟ ସାମିଲ ହୋଇଥିଲେ। ସେ ବର୍ତ୍ତମାନର ବାଂଲାଦେଶ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ, ବର୍ତ୍ତମାନ ଦେଶରେ ରାଜନୈତିକ ହତ୍ୟାକୁ ବୈଧ କରାଯାଉଛି। ଜାତିସଂଘ ପକ୍ଷରୁ ପ୍ରକାଶିତ ମୃତ୍ୟୁ ସଂଖ୍ୟାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି ଏବଂ ବାଂଲାଦେଶ ଏକ 'ବିଫଳ ରାଷ୍ଟ୍ର'ରେ ପରିଣତ ହୋଇଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନ ସେପ୍ଟେମ୍ବରରେ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏପରି ସମୟରେ ହସିନାଙ୍କୁ ଭାରତୀୟ ମାଟିରୁ ରାଜନୈତିକ ବାର୍ତ୍ତା ଦେବାରୁ ରୋକିବାକୁ ଢାକା ଭାରତକୁ ଅନୁରୋଧ କରିଥିଲା।

# ପଶ୍ଚିମବଙ୍ଗରେ ବଟି ଆଦାୟ କରୁଛନ୍ତି ବିଜେପି ନେତା

୨୨ ନିଲମ୍ବିତ, ୨୫୦ ଜଣଙ୍କୁ ନୋଟିସ

କୋଲକାତା, ୫।୮ (ଏଜେନ୍ସି): ପଶ୍ଚିମବଙ୍ଗ ଭାରତୀୟ ଜନତା ପାର୍ଟି (ବିଜେପି) ନିଜର ଆଭ୍ୟନ୍ତରୀଣ ଶୃଙ୍ଖଳା କଡ଼ାକଡ଼ି କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛି। ଦଳ ବିରୋଧୀ କାର୍ଯ୍ୟକଳାପ ଏବଂ ଚାନ୍ଦା ଆଦାୟ ଭଳି ଗମ୍ଭୀର ଅଭିଯୋଗରେ ୨୨ ଜଣ ନେତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ବେଳେ ୨୫୦ରୁ ଅଧିକ ନେତା ଓ କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେମାନଙ୍କ ବିରୋଧରେ ବେଆଇନ୍ ଅର୍ଥ ଆଦାୟ, ଟିଏମ୍ସି କାର୍ଯ୍ୟାଳୟକୁ ଜୋରଜବରଦସ୍ତ ଦଖଲ କରିବା ଏବଂ ବିରୋଧୀ ଦଳର ନେତାଙ୍କ ସହ ଅସାଧୁ ସମ୍ପର୍କ ରଖିବା ଭଳି ଅଭିଯୋଗ ରହିଛି। ଗତ ତିନି ମାସ ମଧ୍ୟରେ ଶୃଙ୍ଖଳାଗତ ନିୟମ ଭଙ୍ଗ କରିଥିବା ଅଭିଯୋଗରେ ଦଳ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସଂଗଠନକୁ ଅଧିକ ସୁଦୃଢ଼ କରିବା ଏବଂ ଦଳୀୟ ଅନୁଶାସନ ବଜାୟ ରଖିବା ପାଇଁ ବିଜେପି ଏହି କଠୋର ପଦକ୍ଷେପ ନେଇଛି। ଅସଦାଚରଣ କିମ୍ବା ଶୃଙ୍ଖଳାହୀନତାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦଳୀୟ ନେତୃତ୍ୱ ସ୍ପଷ୍ଟ ଚେତାବନୀ ଦେଇଛନ୍ତି।

# ଗୁଜରାଟ, ରାଜସ୍ଥାନରେ ଚାନ୍ଦିପୁରା ଭାଇରସ୍

■ ୨୨ ଶିଶୁଙ୍କ ଜୀବନ ନେଲାଣି
■ ଶତାଧିକ ସଂକ୍ରମିତ

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଗୁଜରାଟ ଏବଂ ରାଜସ୍ଥାନରେ ଚାନ୍ଦିପୁରା ଭାଇରସ (ସିଏଚ୍‌ପିଭି) ବ୍ୟାପିବାରେ ଲାଗିଛି। ଏହାର ବ୍ୟାପକ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଦଳ ନିଯୁକ୍ତ କରିଛନ୍ତି। ଚଳିତ ମୌସୁମୀ ଋତୁରେ କେବଳ ଗୁଜରାଟରେ ଏହି ଭାଇରସ ଯୋଗୁଁ ୨୨ ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି। ଏହାସହ ୩୫ଟି ସଂକ୍ରମଣ ମାମଲା ଚିହ୍ନଟ ହୋଇଛି। ସ୍ଥିତି ଗୁରୁତର ହେବାରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାସନାଲ ଜଏଣ୍ଟ ଆଉଟବ୍ରେକ୍ ରେସପନ୍ସ ଟିମ୍ (ଏନ୍‌ଜେଓଆର୍‌ଟି)କୁ ପ୍ରଭାବିତ ରାଜ୍ୟଗୁଡ଼ିକୁ ପଠାଯାଇଛି। ଏହି ଦଳରେ ନ୍ୟାସନାଲ ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ (ଏନ୍‌ସିଡିସି), ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର୍) ଏବଂ ପ୍ରାଣୀ ସମ୍ପଦ ଓ ଦୁଗ୍ଧ ବିଭାଗର (ଡିଏଏଚ୍‌ଡି) ବିଶେଷଜ୍ଞମାନେ ସାମିଲ ଅଛନ୍ତି। ଏହି ବିଶେଷଜ୍ଞ ଦଳ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସହ ମିଶି କ୍ଷେତ୍ରସ୍ତରରେ ଏହାର ପ୍ରତିକାର, ରୋଗ ପରିଚାଳନା ଏବଂ ମହାମାରୀର ଆକଳନ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏହା ସହିତ ଏନ୍‌ସିଡିସିର ପବ୍ଲିକ ହେଲ୍ଥ ଇମର୍ଜେନ୍ସି ଅପରେସନ୍ ସେଣ୍ଟର (ପିଏଚ୍‌ଇଓସି) ମଧ୍ୟ ସକ୍ରିୟ ହୋଇଛି।

ଚାନ୍ଦିପୁରା ଭାଇରସ ମୁଖ୍ୟତଃ ୧୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଆକ୍ରାନ୍ତ କରିଥାଏ। ଏହାଦ୍ୱାରା ପ୍ରଥମେ ପ୍ରବଳ ଜ୍ୱର ହେବା ସହ ପରେ କୋମା ଏବଂ କେତେକ କ୍ଷେତ୍ରରେ ମୃତ୍ୟୁର କାରଣ ସାଜିଥାଏ। ବର୍ତ୍ତମାନ ଏହି ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଟିକା ବା ଚିକିତ୍ସା ଉପଲବ୍ଧ ନାହିଁ। ତେଣୁ ସ୍ୱଚ୍ଛତା, ମଶା ଓ ମାଛି ନିୟନ୍ତ୍ରଣ ହିଁ ଏହାର ଏକମାତ୍ର ସୁରକ୍ଷା ବୋଲି କୁହାଯାଇଛି। ଗୁଜରାଟ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରଫୁଲ ପାନସେରିଆଙ୍କ ଅନୁଯାୟୀ, ବର୍ତ୍ତମାନ ୭ ଜଣ ଶିଶୁ ଚିକିତ୍ସିତ ହେଉଛନ୍ତି। ସାଧାରଣତଃ ସାଣ୍ଡଫ୍ଲାଇ ବା ବାଲିମାଛି ଏହାର ବାହକ ବୋଲି ଜଣାପଡ଼ିଛି। ହେଲେ ମଶା, ଟିକ୍ ଜାତୀୟ କୀଟ ଏବଂ ମାଇଟ୍ସର ଭୂମିକା ଉପରେ ମଧ୍ୟ ପରୀକ୍ଷା କରାଯାଉଛି। କେନ୍ଦ୍ର ସରକାର ଏହି ଘଟଣାରେ ୱାନ ହେଲ୍ଥ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥିରେ ମଣିଷଙ୍କ ସହ ପଶୁମାନଙ୍କର ମଧ୍ୟ ପରୀକ୍ଷା କରାଯାଉଛି। ଏପର୍ଯ୍ୟନ୍ତ ଗାଈ, ମଇଁଷି ଏବଂ ଛେଳିଙ୍କଠାରୁ ପ୍ରାୟ ୭୦ଟି ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଏହା ବ୍ୟତୀତ ଗୁଜରାଟ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଣ୍ଟରରେ ଭାଇରସର ଜେନେଟିକ୍ ପରିବର୍ତ୍ତନକୁ ବୁଝିବା ପାଇଁ ହୋଲ-ଜେନୋମ ସିକ୍ୱେନ୍ସିଂ ମଧ୍ୟ କରାଯାଉଛି। ମୌସୁମୀ ସମୟରେ ଏହିପରି କୀଟବାହିତ ରୋଗ ବୃଦ୍ଧି ପାଉଥିବାରୁ ଶୀଘ୍ର ଚିହ୍ନଟ ଏବଂ ସଚେତନତା ଜରିଆରେ ଏହି ପ୍ରାଣଘାତୀ ରୋଗ ସଂକ୍ରମଣକୁ ରୋକିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

# ରୁଷରେ 'ବ୍ଲାକ୍ ୱିଡୋ ସ୍କାମ୍'

ମସ୍କୋ, ୫।୮ (ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧରେ ପ୍ରାଣ ହରାଉଥିବା ରୁଷୀୟ ସୈନିକଙ୍କ ପରିବାରକୁ ମିଳୁଥିବା ସରକାରୀ ଆର୍ଥିକ ସହାୟତାକୁ ହଡ଼ପ କରିବା ପାଇଁ ଏବଂ ଦେଶରେ କିମ୍ବା ଗୁରୁତର ଆହତ ହୋଇଥିବା ସୈନିକଙ୍କୁ ପ୍ରଲୋଭିତ କରି କ୍ରୁର ଭାବେ ଶୀଘ୍ର ବିବାହ କରିନେଉଛନ୍ତି। ସୈନିକଙ୍କ ମୃତ୍ୟୁ ପରେ ଏହି ମହିଳାମାନେ ଆଇନଗତ ସ୍ତ୍ରୀ ଭାବେ ସମସ୍ତ



ମୃତ ସୈନିକଙ୍କ କ୍ଷତିପୂରଣ ଟଙ୍କା ହଡ଼ପ ପାଇଁ ବାହା ହେଉଛନ୍ତି ମହିଳା

'ବ୍ଲାକ୍ ୱିଡୋ ସ୍କାମ୍' ନାମକ ଏକ ଦୁର୍ନୀତି ସାମ୍ନାକୁ ଆସିଛି। ରୁଷ ନିୟମ ଅନୁଯାୟୀ, ଯୁଦ୍ଧକ୍ଷେତ୍ରରେ ସୈନିକ ମୃତ୍ୟୁବରଣ କଲେ ତାଙ୍କର ନିକଟତମ ଆଇନଗତ ଉତ୍ତରାଧିକାରୀଙ୍କୁ ୫୦ ଲକ୍ଷ ରୁବଲ୍ (ପ୍ରାୟ ୫୯.୫ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ କ୍ଷତିପୂରଣ ମିଳିଥାଏ। ଏହାର ଫାଇଦା ନେବା ପାଇଁ କିଛି ଅସାଧୁ ମହିଳା ଯୁଦ୍ଧକୁ ଯାଉଥିବା ସରକାରୀ କ୍ଷତିପୂରଣ ଏବଂ ସମ୍ପତ୍ତି ହାତେଇ ନେଉଛନ୍ତି, ଯାହାଫଳରେ ପ୍ରକୃତ ପରିବାର ଓ ସନ୍ତାନମାନେ ପ୍ରାପ୍ୟରୁ ବଞ୍ଚିତ ହେଉଛନ୍ତି। ଏହି ନୂଆ ଠକେଇ ପ୍ରକ୍ରିୟା ସାମ୍ନାକୁ ଆସିବା ପରେ ରୁଷରେ ଚିନ୍ତା ବୃଦ୍ଧି ପାଇଛି ଏବଂ ସାଂସଦମାନେ ଏହା ବିରୋଧରେ କଠୋର ଆଇନଗତ ବ୍ୟବସ୍ଥା ଦାବି କରିଛନ୍ତି।

# ଫରିଦାବାଦରେ ଶିକ୍ଷୟିତ୍ରୀଙ୍କୁ ନୃଶଂସ ହତ୍ୟା

## ୨ ବର୍ଷର ନିର୍ଯାତନା, ଅପହରଣ ପରେ ରକ୍ତାକ୍ତ ପରିଣତି



ଗୁରୁଗ୍ରାମ, ୫।୮ (ଏଜେନ୍ସି): ଫରିଦାବାଦର ଏକ ବେସରକାରୀ ବିଦ୍ୟାଳୟରେ ସୋମବାର ଦିନ ଜଣେ ୨୬ ବର୍ଷୀୟା ଶିକ୍ଷୟିତ୍ରୀଙ୍କୁ ଛୁରାଘାତ କରି ହତ୍ୟା କରାଯିବା ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ମୃତ ଶିକ୍ଷୟିତ୍ରୀ ସନ୍ଧ୍ୟାଙ୍କୁ ଅଭିଯୁକ୍ତ ଅମିତ (୨୧) ବିଗତ ଦୁଇ ବର୍ଷ ଧରି ଲଗାତାର ପିଛା କରି ନିର୍ଯାତନା ଦେଉଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାର ଅନୁଯାୟୀ, ୨୦୨୪ ମସିହାରେ ଅମିତଙ୍କ ଗ୍ରାମରେ ଥିବା ଏକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ସମୟରେ ସନ୍ଧ୍ୟାଙ୍କ ସହ ଅମିତର ପରିଚୟ ହୋଇଥିଲା। ବିବାହିତା ଏବଂ ଦୁଇଟି ସନ୍ତାନର ମା' ସନ୍ଧ୍ୟାଙ୍କୁ ବିବାହ କରିବା ପାଇଁ ଅମିତ ଜୋରଜବରଦସ୍ତ କରୁଥିଲା। ଚଳିତ ବର୍ଷ ଜାନୁଆରୀ ମାସରେ ଅମିତ ସନ୍ଧ୍ୟାଙ୍କୁ ଘରୁ ଅପହରଣ କରି ନେଇଥିଲା, ମାତ୍ର ଦୁଇ ଗ୍ରାମର ଭଦ୍ରଲୋକଙ୍କ ମଧ୍ୟସ୍ଥତା ଓ ଅମିତଙ୍କ ପରିବାରର ପ୍ରତିଶ୍ରୁତି ପରେ କୌଣସି ପୋଲିସ ଅଭିଯୋଗ ନକରି ମାମଲା ସମାଧାନ କରାଯାଇଥିଲା। ତଥାପି ଅମିତ ନିଜ ହରକତରୁ ଓହରି ନଥିଲା ଏବଂ ତିନି ମାସ ପୂର୍ବେ ସନ୍ଧ୍ୟାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲା। ସୋମବାର ସକାଳ ପ୍ରାୟ ୯.୩୦ ସମୟରେ ଅମିତ ମୁଖା ପିନ୍ଧି ସିକରୋନାସ୍ଥିତ ସରସ୍ୱତୀ ସିନିୟର ସେକେଣ୍ଡାରୀ ସ୍କୁଲରେ ପହଞ୍ଚିଥିଲା। ସନ୍ଧ୍ୟାଙ୍କ ସ୍ୱାମୀଙ୍କ ନାମ ନେଇ ସେ ସନ୍ଧ୍ୟାଙ୍କୁ ସ୍କୁଲ ଗେଟ୍ ନିକଟକୁ ଡକାଇଥିଲା। ସନ୍ଧ୍ୟା ବାହାରକୁ ଆସିବା ମାତ୍ରେ ଅମିତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସାମ୍ନାରେ ତାଙ୍କ ବେକ, ଛାତି ଓ ପିଠିକୁ ନିର୍ମମ ଭାବେ ଛୁରିରେ ଆକ୍ରମଣ କରିଥିଲା। ୨୭ ଥରରୁ ଅଧିକ ଛୁରାଘାତ କରିବା ସହ ଛୁରି ବଙ୍କାହେବା ଯାଏଁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ସନ୍ଧ୍ୟାଙ୍କର ମୃତ୍ୟୁ ଘଟିଥିଲା। ଏହି ନିର୍ମମ ହତ୍ୟାକାଣ୍ଡ ଘଟଣା ସ୍କୁଲର ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଗ୍ରାମବାସୀମାନେ ସ୍କୁଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି, କାରଣ ସେହି ସମୟରେ ସ୍କୁଲ ଗେଟରେ କୌଣସି ସୁରକ୍ଷାକର୍ମୀ ନ ଥିଲେ। ଘଟଣାର ଦୁଇ ଘଣ୍ଟା ମଧ୍ୟରେ ପୋଲିସ ଅଭିଯୁକ୍ତ ଅମିତକୁ ଗିରଫ କରିଛି। ପରିବାର ଲୋକେ ଅଭିଯୁକ୍ତ ଏବଂ ତାଙ୍କୁ ପ୍ରଶ୍ରୟ ଦେଇଥିବା ପରିବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମୃତକଙ୍କ ସ୍ୱାମୀ ଭିକି ଗୁର୍ଜର କହିଛନ୍ତି ଯେ ପୂର୍ବରୁ ଅମିତଙ୍କ ବିରୋଧରେ ପିଛା କରିବା, ନିର୍ଯାତନା ଅଭିଯୋଗରେ ପୋଲିସ ନିକଟରେ ଏଫଆଇଆର ଦିଆଯାଇଥିଲା। ମାତ୍ର ସେତେବେଳେ କେବଳ କ୍ଷମାପ୍ରାର୍ଥନା ଆଧାରରେ ତାକୁ ଛାଡ଼ିଦିଆଯାଇଥିଲା। 'ଯଦି ପୋଲିସ ସେତେବେଳେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା, ତେବେ ଆଜି ସନ୍ଧ୍ୟା ଜୀବିତ ଥାଆନ୍ତେ,' ବୋଲି ସେ କ୍ଷୋଭର ସହ କହିଛନ୍ତି। ସନ୍ଧ୍ୟାଙ୍କର ଏକ ୭ ବର୍ଷର ପୁଅ ଏବଂ ୫ ବର୍ଷର ଝିଅ ଅଛନ୍ତି। ଏବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳ ସମେତ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଛଇ। ଅପରାଧୀ ନିର୍ଭୟରେ କାଣ୍ଡ ଘଟାଇବାକୁ ପଛାଉ ନାହାନ୍ତି।

## ଧୀରେ ଧୀରେ ବଢ଼ିବ ବର୍ଷା

ଭୁବନେଶ୍ୱର,୫।୮ (ସମିସ): ଆଗକୁ ଧୀରେ ଧୀରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ିର ପ୍ରଭାବ ସହ ଏହା ପରେ ଅର୍ଥାତ ୯ ତାରିଖଠାରୁ ବିସ୍ତୃତ ବର୍ଷା ହେବ। ଏବେ ବିଶେଷ କରି ଉତ୍ତର ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ଷା ସମ୍ଭାବନା ଥିବା ବେଳେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବର୍ତ୍ତମାନ ବିହାର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଓଡ଼ିଶା ଉପରେ ଏହାର କାଁ ଭାଁ ପ୍ରଭାବ ରହୁଛି। ଏହି କ୍ରମରେ ବୁଧବାର ରାଜ୍ୟର କେତେକ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ସମ୍ବଲପୁରରେ ସର୍ବାଧିକ ୨୩ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୧୭ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଗୁରୁବାର ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୨ ଜିଲ୍ଲା କେନ୍ଦୁଝର ଓ ମୟୂରଭଞ୍ଜକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ୭ ତାରିଖ ଅର୍ଥାତ ଶୁକ୍ରବାର ଦିନ ସାରା ରାଜ୍ୟରେ ବର୍ଷା ସମ୍ଭାବନା ଥିବା ବେଳେ କେତେକ ପ୍ରବଳ ବର୍ଷା ପାଇଁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଓ ମୟୂରଭଞ୍ଜ ଜିଲ୍ଲାକୁ ସତର୍କତା ସୂଚନା ଜାରି ହୋଇଛି। ଅନ୍ୟ ସବୁ ଜିଲ୍ଲାରେ ହାଲୁକା ବର୍ଷା ସହ ବଜ୍ରପାତ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ୮ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୧୦ ସୁଦ୍ଧା ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ଏହାଦ୍ୱାରା ରାଜ୍ୟରେ ୯ରୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି।

**ବନ୍ୟା ପରିଚାଳନା ବିଭ୍ରାଟ**

## ପାଣି କମିଲା; ରୋଷ ବଢ଼ିଲା

■ ପାଲ ମିଳିଲାନି, ଚୁଡ଼ା ମୁଠେ ପହଞ୍ଚିଲାନି
■ ଗାଁରେ ନେତା-ମନ୍ତ୍ରୀଙ୍କୁ ଘେରୁଛନ୍ତି ବିପନ୍ନ

ଭୁବନେଶ୍ୱର,୫।୮ (ସମିସ): ଓଡ଼ିଶାରେ ବନ୍ୟା ପରିଚାଳନାକୁ ନେଇ କାଠଗଡ଼ାରେ ଠିଆ ହୋଇଛନ୍ତି ରାଜ୍ୟ ସରକାର। ଠିକ୍ ବନ୍ୟାରେ ରାଜ୍ୟବାସୀ ଉବୁଟୁବୁ ହେଉଥିବା ବେଳେ ରାଜ୍ୟର ପ୍ରମୁଖ ନେତୃମଣ୍ଡଳୀ ଓ ସାଂସଦମାନେ ଦିଲ୍ଲୀରେ ଭୋଜିଭାତ କରୁଥିବା ବେଳେ ଏଠାରେ ରିଲିଫ ମୁଠାଏ ଲୋକଙ୍କୁ ମିଳିପାରି ନ ଥିଲା। ଏବେ ବନ୍ୟା ପାଣି ଗାଁ ଦାଣ୍ଡରୁ ଛାଡ଼ିଛି; ହେଲେ ଲୋକଙ୍କର ଦୁର୍ଦ୍ଦଶା ଆହୁରି ବଢ଼ିବାରେ ଲାଗିଛି। ବନ୍ୟା ପରିଚାଳନାରେ ବିଭ୍ରାଟ ଯୋଗୁଁ ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉ ଥିବା ବେଳେ ଶାସକ ଦଳର ନେତା ଓ ମନ୍ତ୍ରୀ ଏହି ରୋଷର ଶିକାର ହେଉଛନ୍ତି।

ଚଳିତ ବର୍ଷର ଲଗାଣ ବର୍ଷା ଓ ଉପରମୁଣ୍ଡରୁ ଆସୁଥିବା ବିପୁଳ ଜଳପ୍ରବାହ ଯୋଗୁଁ ଓଡ଼ିଶାର ଏକାଧିକ ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଛି। ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା ସମେତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ରାସ୍ତା, ସେତୁ, ଚାଷଜମି ଓ ଘରବାଡ଼ିର ବ୍ୟାପକ କ୍ଷତି ହୋଇଛି। ସରକାରୀ ଭାବେ ବନ୍ୟା ଯୋଗୁଁ ପ୍ରାୟ ୭ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା କୁହାଯାଉଛି। ବିଶେଷ କରି ଭଦ୍ରକ ଓ ଯାଜପୁରରେ ଲୋକେ ନାହିଁ ନ ଥିବା ସ୍ଥିତି ଭୋଗୁ ଥିବା ବେଳେ ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ମଧ୍ୟ ଲୋକେ ବ୍ୟାପକ ଭାବେ କ୍ଷତିସହିଛନ୍ତି। ବନ୍ୟା ପରିଚାଳନାକୁ ନେଇ ସରକାରଙ୍କ ପ୍ରସ୍ତୁତି ଓ ପ୍ରଶାସନିକ ତତ୍ପରତା ଉପରେ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। ପ୍ରଭାବିତ ଅଞ୍ଚଳର ଲୋକମାନେ ଅଭିଯୋଗ କରୁଛନ୍ତି ଯେ କେତେକ ସ୍ଥାନରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପହଞ୍ଚିବାରେ ମାତ୍ରାଧିକ ବିଳମ୍ବ ହୋଇଛି, ଯାହାଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏମିତି କି ପଲିଥିନ୍ ଦୂରର କଥା; ଚୂଡ଼ା ମୁଠେ ପାଇବା ପାଇଁ ମଧ୍ୟ ଲୋକଙ୍କୁ ଡହଳବିକଳ ହେବାକୁ ପଡ଼ିଛି। ଶାସକ ଦଳର ଯେଉଁଠାରେ ବିଧାୟକ ଅଛନ୍ତି, ସେଠାରେ ନିଜେ ସେମାନେ ମୁଣ୍ଡ ନ ପୂରାଇଲେ ଚୂଡ଼ା ମୁଠେ ଲୋକଙ୍କ ପାଖରେ ପହଞ୍ଚିବା ମୁସ୍କିଲ୍ ହୋଇପଡ଼ିଛି।

ଅନ୍ୟପଟେ, ରାଜ୍ୟ ସରକାର କହିଛନ୍ତି ଯେ ବନ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ଓଡ୍ରାଫ, ଅଗ୍ନିଶମ ବାହିନୀ, ଏନ୍‌ଡିଆରଏଫ ଏବଂ ଜିଲ୍ଲା ପ୍ରଶାସନ କାର୍ଯ୍ୟ ଜାରି ରଖିଛି। ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତିର ଶୀଘ୍ର ଆକଳନ ଏବଂ ପୁନର୍ବାସ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବାସ୍ତବରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଗତକାଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବନ୍ୟା ସମୀକ୍ଷା ପାଇଁ ଯାଜପୁର ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ଶତାଧିକ ଲୋକେ ତାଙ୍କ ଗାଡ଼ି ଅଟକାଇ ନାନା ଅଭିଯୋଗ ବାଢ଼ିଥିଲେ। ଲୋକମାନେ ପାଲ ପାଇଁ ନେହୁରା ହେବା ସହ ପ୍ରଶାସନ କିପରି ବନ୍ୟା ସମୟରେ ସେମାନଙ୍କ ହାତ ଛାଡ଼ି ଦେଇଛି ତାହା ବଖାଣିଥିଲେ। ଏହି ସମୟରେ କିଛି ଅପ୍ରୀତିକର ପରିସ୍ଥିତି ଘଟିବା ପୂର୍ବରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷିତ ଭାବେ ନିଆଯାଇଥିଲା। ଏହାପୂର୍ବରୁ ଯାଜପୁର ଜିଲ୍ଲାର ସାଂସଦ ମଧ୍ୟ ସମାନ ସ୍ଥିତିର ସମ୍ମୁଖୀନ ହୋଇଥିଲେ। କିପରି ବିନା ପ୍ରସ୍ତୁତି ଓ ଆବଶ୍ୟକ ସାମଗ୍ରୀର ଅଭାବ ରହିଥିଲା, ସେନେଇ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକା ସାଂସଦଙ୍କୁ ସର୍ବସମ୍ମୁଖରେ ପ୍ରଶ୍ନ କରିଥିଲେ। ଏହା ପୂର୍ବରୁ ରେମୁଣା ବିଧାୟକ ଗୋବିନ୍ଦ ଦାସ ମଧ୍ୟ ରିଲିଫ ରୋଷର ଶିକାର ହୋଇଥିଲେ। ତାଙ୍କ ନିର୍ବାଚନମଣ୍ଡଳୀର ଶତାଧିକ ମହିଳା ତାଙ୍କ ଗାଡ଼ି ଅଟକାଇ ନାନା ପ୍ରଶ୍ନ କରିବା ପରେ ସେ ହଟହଟା ହୋଇଥିଲେ। ବର୍ତ୍ତମାନ ସ୍ଥିତିରେ ବନ୍ୟା ଜଳ କିଛି ଅଞ୍ଚଳରେ କମିଥିଲେ ମଧ୍ୟ କ୍ଷୟକ୍ଷତିର ଆକଳନ, ରିଲିଫ ବଣ୍ଟନ ରାଜ୍ୟ ସରକାରଙ୍କ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ହୋଇ ରହିଛି। ଅନେକ ସ୍ଥାନରେ ଦଳୀୟ ଭିତ୍ତିରେ କ୍ଷତିପୂରଣ ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ସହ ବିଭିନ୍ନ ସ୍ଥାନରେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ବିଷ ବୋତଲ ଧରି କୃଷି ଅଧିକାରୀଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା

ଭଦ୍ରକ/ବାସୁଦେବପୁର,୫।୮ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ରେ ଦୀର୍ଘ ୪ ମାସ ଧରି ସୂର୍ଯ୍ୟମୁଖୀ ମଞ୍ଜିର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ଋଣଗ୍ରସ୍ତ ସୂର୍ଯ୍ୟମୁଖୀ ଚାଷୀ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଫାଟକ ଆଗରେ ବିଷ ବୋତଲ ଧରି



ଧାରଣା ଦେଇଛନ୍ତି। ଧାରଣାରତ ଜଣେ ଚାଷୀ ବିମ୍ବାଧର ମହାଳିକ ଧାରଣାସ୍ଥଳରେ ହଠାତ୍ ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପୁଲିସ ଗାଡ଼ିରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଲଘୁଚାପଜନିତ ବର୍ଷାର ତାଣ୍ଡବରେ ବନ୍ୟା ଭାଙ୍ଗି ଦେଇଛି ଚାଷୀର ମେରୁଦଣ୍ଡ। ଜଳଘେରରେ ହନ୍ତସନ୍ତ ହେଉଛନ୍ତି ହଜାର ହଜାର ଚାଷୀ। ଅନ୍ୟପକ୍ଷରେ ସୂର୍ଯ୍ୟମୁଖୀ ମଞ୍ଜିର ଅଭାବୀ ବିକ୍ରି ଋଣଗ୍ରସ୍ତ କରିଛି ଚାଷୀମାନଙ୍କୁ। ବାସୁଦେବପୁର ବ୍ଲକ୍ ନୂଆଗାଁ ଓ ଇରମ ଅଞ୍ଚଳର ଶହଶହ ଚାଷୀ ସୂର୍ଯ୍ୟମୁଖୀ ଚାଷ କରିଥିଲେ। ରାଜ୍ୟ ସରକାରଙ୍କ ମାର୍କଫେଡ୍ ଚାଷୀଙ୍କଠାରୁ ମଞ୍ଜି କିଣିଥାଏ। ଚଳିତ ବର୍ଷ ମାର୍କଫେଡ୍ କାଳକ୍ଷେପଣ ନୀତି ଅବଲମ୍ବନ କରୁଛି। ଚାଷୀମାନେ ମାସ ମାସ ଧରି ସୂର୍ଯ୍ୟମୁଖୀ ମଞ୍ଜିର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍ କୃଷି ଅଧିକାରୀଙ୍କଠାରୁ ଆରମ୍ଭ କରି କୃଷି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। ଲୋକଙ୍କ ସରକାର ଚାଷୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି। ସୂର୍ଯ୍ୟମୁଖୀ ମଞ୍ଜି ବିକ୍ରି କରିବାକୁ ୪ ମାସ ଧରି ଅଭିଯୋଗ କରି ଆସୁଛନ୍ତି। ଓଡ଼ିଶା ମାର୍କଫେଡ୍ ଚାଷୀଙ୍କଠାରୁ କିଣିବାର ନିୟମ ରହିଛି। ଆଉ କିଛିଦିନ ପରେ ସୂର୍ଯ୍ୟମୁଖୀ କ୍ରୟ କରିବା ଅବଧି ଶେଷ ହେବାକୁ ଯାଉଛି। ଚାଷୀଙ୍କ ପାଖରେ ଥିବା

**ଧାରଣାସ୍ଥଳରେ ଜଣେ ଚାଷୀ ଗୁରୁତର; ଡାକ୍ତରଖାନାରେ ଭର୍ତ୍ତି**

ବସ୍ତା ବସ୍ତା ମଞ୍ଜି ନଷ୍ଟ ହେବ। ଲକ୍ଷ ଲକ୍ଷ ଟଙ୍କା ଋଣ କରି ଚାଷ କରିଥିବା ଚାଷୀ ଶେଷରେ ମଞ୍ଜି ବିକ୍ରୟ ପାଇଁ ଧାରଣା ଦେଇଛନ୍ତି। ମଞ୍ଜି ବିକ୍ରି ହେବାରେ ବିଳମ୍ବ ହେଉଥିବାରୁ ଋଣ ବଢ଼ି ବଢ଼ି ଚାଲିଛି। ସରକାର ଯଦି ଅଭାବୀ ସୂର୍ଯ୍ୟମୁଖୀ ମଞ୍ଜି ବିକ୍ରି କରିବାକୁ କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ଚାଷୀମାନେ ବିଷପିଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି ଧମକ ଦେଇଛନ୍ତି।

**ପିଏସିର ଉଦ୍‌ବେଗ**

## ବଜେଟ ବ୍ୟୟ ବିଳମ୍ବିତ; ବିକାଶ ପ୍ରଭାବିତ

ଭୁବନେଶ୍ୱର, ୫।୮ (ସମିସ): ରାଜ୍ୟରେ ବିଭିନ୍ନ ବିଭାଗ ପାଇଁ ବଜେଟ୍‌ରେ ବରାଦ ହୋଇଥିବା ଅର୍ଥ ସମୟ ମଧ୍ୟରେ ଖର୍ଚ୍ଚ ହୋଇପାରୁ ନ ଥିବାରୁ ବିକାଶମୂଳକ କାର୍ଯ୍ୟ ପ୍ରଭାବିତ ହେଉଥିବା ପ୍ରସଙ୍ଗ ବିଧାନସଭାର ଲୋକ ହିସାବ କମିଟି (ପିଏସି) ବୈଠକରେ ବିରୋଧୀ ଅଭିଯୋଗ କରୁଛନ୍ତି। ବାରମ୍ବାର ତାଗିଦ ସତ୍ତ୍ୱେ ବିଭାଗଗୁଡ଼ିକ ଅର୍ଥ ବ୍ୟୟରେ ଆଶାନୁରୂପ ସଫଳ ହୋଇପାରୁ ନ ଥିବାରୁ କମିଟି ସଦସ୍ୟମାନେ ଉଦବେଗ ପ୍ରକାଶ କରିଛନ୍ତି। ଯାହାକୁ ନେଇ ସରଗରମ ହୋଇଛି ରାଜନୀତି। ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଥିବାବେଳେ ବିରୋଧୀ ଏହାର ପାଲଟା ଜବାବ ଦେଇଛନ୍ତି।

ନିକଟରେ ଅନୁଷ୍ଠିତ ପିଏସି ବୈଠକରେ ବିଭିନ୍ନ ବିଭାଗର ବଜେଟ୍ ବ୍ୟୟ ସ୍ଥିତିକୁ ନେଇ ସମୀକ୍ଷା କରାଯାଇଛି। କେତେକ କ୍ଷେତ୍ରରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇନଥିବାରୁ ଅନେକ ବିକାଶମୂଳକ ପ୍ରକଳ୍ପ ଆଗକୁ ବଢ଼ିପାରୁ ନ ଥିବା ନେଇ ଚିନ୍ତା ପ୍ରକାଶ ପାଇଥିଲା। ବିଭାଗଗୁଡ଼ିକୁ ବାରମ୍ବାର ତାଗିଦ କରାଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରିତାରେ ଆଶାନୁରୂପ ଅଗ୍ରଗତି ଦେଖାଯାଇନଥିବାରୁ କମିଟି ଅସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ବିଜେଡି ଶାସକ ଦଳ ଉପରେ କଡ଼ା ଆକ୍ରମଣ କରିଛି। ବିଜେପି ସରକାର ବଜେଟ୍ କାର୍ଯ୍ୟକାରିତାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିଭାଗଗୁଡ଼ିକ ଅର୍ଥ ଖର୍ଚ୍ଚ କରିପାରୁ ନ ଥିବାରୁ ରାଜ୍ୟର ବିକାଶ କାମ ଠପ୍ ହୋଇପଡ଼ିଛି। ଏହାସହ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ପ୍ରବାହ ମଧ୍ୟ ଆଶାନୁରୂପ ନ ଥିବାରୁ ବିଭିନ୍ନ ପ୍ରକଳ୍ପ ପ୍ରଭାବିତ ହେଉଥିବା ବିଜେଡି ଦାବି କରିଛି। କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ଶାସକ ଦଳକୁ ଘେରିଛି। ଦଳର ନେତାମାନଙ୍କ କହିବା ଅନୁସାରେ, "ଡବଲ ଇଞ୍ଜିନ' ସରକାରର ଦାବି କରାଯାଉଥିଲେ ମଧ୍ୟ ତାହାର ପ୍ରତିଫଳନ ବିକାଶ କାମରେ ଦେଖିବାକୁ ମିଳୁନାହିଁ। ବରଂ ବିଭିନ୍ନ ପ୍ରକଳ୍ପରେ ବିଳମ୍ବ, ବଜେଟ୍ ବ୍ୟୟରେ ଅବ୍ୟବସ୍ଥା ଏବଂ କେନ୍ଦ୍ରୀୟ ସହାୟତା ପ୍ରାପ୍ତିରେ ସମସ୍ୟା ଯୋଗୁଁ ଓଡ଼ିଶାର ବିକାଶ ବାଧାପ୍ରାପ୍ତ ହେଉଛି। ରାଜ୍ୟର ଲୋକଙ୍କ ଆଶା ପୂରଣରେ ସରକାର ବିଫଳ ବୋଲି କଂଗ୍ରେସ ଅଭିଯୋଗ କରିଛି। ପିଏସି ଏଧ୍ୟକ୍ଷ ପ୍ରମିଳା ମଲ୍ଲିକ କହିଛନ୍ତି, ସରକାର ଅର୍ଥ ଖର୍ଚ୍ଚ କରି ପାରୁନାହାନ୍ତି। ୨ ବର୍ଷ ହେବ ଘର ଦିଆହୋଇନାହିଁ। କେନ୍ଦ୍ରରୁ ଅର୍ଥ ଆସୁ ନାହିଁ। କେନ୍ଦ୍ରରୁ ଅର୍ଥ ଆସୁ ନ ଥିବାରୁ ଖର୍ଚ୍ଚ ସଠିକ ଭାବେ ହୋଇପାରୁ ନାହିଁ ବୋଲି ସରକାର ମଧ୍ୟ ମାନିଥିବା ପ୍ରମିଳା କହିଛନ୍ତ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି, ଅଧିକାଂଶ ବିଭାଗରେ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ। ଅଧିକାଂଶ ବିଭାଗରେ ବହୁତ କମ୍ ପରିମାଣରେ ଅର୍ଥ ଖର୍ଚ୍ଚ ହେଉଛି। ଏଭଳି ମନ୍ଥରଗତିରେ ସରକାର ଚାଲିଲେ, ରାଜ୍ୟର ବିକାଶ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଶାସକ ବିଜେପି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ନୂଆ ସରକାର ଦାୟିତ୍ୱ ନେବା ପରେ ପୂର୍ବ ସରକାର ଅମଳରୁ ଚାଲିଆସୁଥିବା ଅନେକ ପ୍ରଶାସନିକ ସମସ୍ୟାର ସମାଧାନ କରାଯାଉଛି। ବଜେଟ୍ ଅର୍ଥର ସ୍ୱଚ୍ଛ ଏବଂ ଫଳପ୍ରଦ ବ୍ୟବହାର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ କେବଳ ଖର୍ଚ୍ଚ ବଢ଼ାଇବା ପରିବର୍ତ୍ତେ ଗୁଣାତ୍ମକ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରାଥମିକତା ଦିଆଯାଉଛି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଦଳର ବିଧାୟକ ଅଶୋକ ମହାନ୍ତି କହିଛନ୍ତି, ଖର୍ଚ୍ଚ ହେଉଛି। ବିଭିନ୍ନ କାରଣରୁ ଯଥା ପ୍ରାକୃତିକ ବିପର୍ଯ୍ୟୟରୁ ଖର୍ଚ୍ଚ ବନ୍ଦ ହୋଇଯାଉଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ୨୦୨୬-୨୭ ବଜେଟ୍‌ରେ ବିଭିନ୍ନ କ୍ଷେତ୍ର ପାଇଁ ବ୍ୟାପକ ବ୍ୟୟ ବ୍ୟବସ୍ଥା କରାଯାଇଥିବାବେଳେ ସମୟ ମଧ୍ୟରେ ଅର୍ଥ ବ୍ୟୟ ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଏବେ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। ଏହି ପରିସ୍ଥିତିରେ ପିଏସିର ଉଦବେଗ ଓ ବିରୋଧୀଙ୍କ ଆକ୍ରମଣ ଆଗାମୀ ଦିନରେ ବଜେଟ୍ ପରିଚାଳନା ଏବଂ ବିକାଶ କାର୍ଯ୍ୟକୁ ନେଇ ରାଜନୈତିକ ଚର୍ଚ୍ଚାକୁ ଆହୁରି ତୀବ୍ର କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ପଞ୍ଜୀକରଣରୁ ବଞ୍ଚିତ ହେବେ ଭାଗଚାଷୀ ଓ ଜମିହୀନ ଚାଷୀ!

### ନୂଆ ଗାଇଡ୍‌ଲାଇନକୁ ନେଇ ବଢ଼ିଲା ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର/ନୟାଗଡ଼, ୫।୮ (ସମିସ): ରାଜ୍ୟ ସରକାର ଚଳିତ ଖରିଫ ଋତୁ ପାଇଁ ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜିକରଣରେ ନୂଆ ଗାଇଡ୍‌ଲାଇନ ଲାଗୁ କରିଥିବାବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ଭାଗଚାଷୀ, ବଂଶାନୁକ୍ରମରେ ଚାଷ କରୁଥିବା କୃଷକ ଏବଂ ନିଜ ନାମରେ ଜମି ନଥିବା ଚାଷୀମାନେ ପଞ୍ଜିକରଣରୁ ବାଦ ପଡ଼ିପାରନ୍ତି ବୋଲି ବିଭିନ୍ନ କୃଷକ ସଂଗଠନ ଆଶଙ୍କା ପ୍ରକାଶ କରିଛନ୍ତି। ଏପରିକି ଏହାକୁ "କୃଷକ ମାରଣ ନୀତି" ବୋଲି ବିରୋଧୀ ମହଲ ଅଭିହିତ କରିଛି।

ସାଧାରଣତଃ ପ୍ରତିବର୍ଷ ଜୁଲାଇ ୧୫ରୁ ପ୍ୟାକ୍ସ ମାଧ୍ୟମରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥାଏ। ମାତ୍ର ଚଳିତ ବର୍ଷ ଏହା ବିଳମ୍ବରେ ଆରମ୍ଭ ହେବା ସହ ସରକାର ନୂତନ ନିୟମାବଳୀ ଲାଗୁ କରିଛନ୍ତି। ଏହି ନିୟମ ଅନୁଯାୟୀ ଚାଷୀଙ୍କୁ କୃଷକ ରେଜିଷ୍ଟ୍ରି ସଂଖ୍ୟା ଆଧାରରେ ପଞ୍ଜିକରଣ କରିବାକୁ ପଡ଼ିବ। ଫଳରେ ବହୁ ବର୍ଷ ଧରି ପୈତୃକ ଜମିରେ ଚାଷ କରୁଥିବା ହଜାର ହଜାର ପରିବାର ଗୁରୁତର ସମସ୍ୟାରେ ପଡ଼ିବେ ବୋଲି କୁହାଯାଉଛି।

ଅନେକ କ୍ଷେତ୍ରରେ ଜମି ଏପର୍ଯ୍ୟନ୍ତ ମୃତ ଜେଜେବାପା କିମ୍ବା ଜେଜେମାଙ୍କ ନାମରେ ରହିଥିବାବେଳେ ବର୍ତ୍ତମାନ ତୃତୀୟ ପିଢ଼ି ସେହି ଜମିରେ ଚାଷ କରୁଛନ୍ତି। ନୂଆ ବ୍ୟବସ୍ଥାରେ ସେମାନେ କିପରି ପଞ୍ଜିକରଣ କରିବେ, ତାହାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ଯୁଗ୍ମ ମାଲିକାନାରେ ଥିବା ଜମି ଏବଂ ପରିବାର ମଧ୍ୟରେ ମାଲିକାନା ବିବାଦ ଥିବା ଜମିର ପଞ୍ଜିକରଣ ମଧ୍ୟ ଜଟିଳ ହୋଇପାରେ।

ଭାଗଚାଷୀଙ୍କ ପାଇଁ ମଧ୍ୟ ନୂଆ ନିୟମ ବଡ଼ ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ ଜମି ମାଲିକଙ୍କ ସହମତିପତ୍ର ଓ ଆଧାର କାର୍ଡ ଆଧାରରେ ସେମାନେ ପଞ୍ଜିକରଣ କରିପାରୁଥିଲେ। କିନ୍ତୁ ବର୍ତ୍ତମାନ ଜମି ମାଲିକଙ୍କ ବାୟୋମେଟ୍ରିକ୍ ଯାଞ୍ଚ କିମ୍ବା ପ୍ରତ୍ୟକ୍ଷ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଥିବାରୁ ଭାଗଚାଷୀଙ୍କ ପାଇଁ ପଞ୍ଜିକରଣ କରିବା ପ୍ରାୟ ଅସମ୍ଭବ ହୋଇପଡ଼ିବ ବୋଲି କୃଷକ ସଂଗଠନମାନେ ଅଭିଯୋଗ କରିଛନ୍ତି।

କୃଷକ ନେତାମାନଙ୍କ ମତରେ, ଏହି ନୂଆ ଗାଇଡ୍‌ଲାଇନ କାର୍ଯ୍ୟକାରୀ ହେଲେ ରାଜ୍ୟର ପ୍ରାୟ ୫୦ ପ୍ରତିଶତ ଚାଷ ଜମି ପଞ୍ଜିକରଣରୁ ବାଦ ପଡ଼ିପାରେ। ଫଳରେ ଅନେକ ପ୍ରକୃତ ଚାଷୀ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ ଧାନ ବିକ୍ରି କରିବାର ସୁଯୋଗ ହରାଇବେ। ଏହା ସେମାନଙ୍କ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଇବ ବୋଲି ସେମାନେ କହିଛନ୍ତି।

ବିଭିନ୍ନ କୃଷକ ସଂଗଠନ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାର ଧାନ କ୍ରୟର ପରିମାଣ କମାଇବା ଉଦ୍ଦେଶ୍ୟରେ ଏଭଳି କଠୋର ନିୟମ ଆଣିଛନ୍ତି। ସରକାର ତୁରନ୍ତ ପୁରୁଣା ପଦ୍ଧତିରେ ପଞ୍ଜିକରଣ ବ୍ୟବସ୍ଥା ପୁନଃ ଚାଲୁ ନ କଲେ ସାରା ରାଜ୍ୟରେ କୃଷକ ଆନ୍ଦୋଳନ ଆରମ୍ଭ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**ଭୁବନ ହାଇସ୍କୁଲରେ ଅଘଟଣ**

## ମଧ୍ୟାହ୍ନଭୋଜନ ଖାଇବା ପରେ ଅଷ୍ଟମ ଶ୍ରେଣୀ ଛାତ୍ର ମୃତ

ଭୁବନ,୫।୮ (ସମିସ): ଭୁବନ ହାଇସ୍କୁଲରେ ବୁଧବାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ହେଲେ ଭୁବନ ଏନ୍‌ଏସି ୧୨ନଂ ୱାର୍ଡ ଗାଦିସାହିର ପବିତ୍ର ସାଥୁଆ ମହାପାତ୍ର ଏବଂ ପ୍ରମିଳା ସାଥୁଆ ମହାପାତ୍ରଙ୍କ ଏକମାତ୍ର ପୁଅ ମଙ୍ଗରାଜ ସାଥୁଆ ମହାପାତ୍ର (୧୨)। ଏ ନେଇ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ସବୁଦିନ ଭଳି ମଙ୍ଗରାଜ ଆଜି ସ୍କୁଲକୁ ଆସିଥିଲେ। ମଧ୍ୟାହ୍ନଭୋଜନ ଖାଇବା ପରେ ଖେଳକୁଦ କରି ପାଣି ପିଇଥିଲେ। ଏହାର କିଛି ସମୟ ପରେ ସେ ଅସୁସ୍ଥ ହେବାରୁ ପ୍ରଧାନଶିକ୍ଷକ ବାଇକରେ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରି ମୃତ ଘୋଷଣା କରିଥିଲେ। ପୂର୍ବରୁ ହରିହରପୁର ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ସମୟରେ ମଧ୍ୟ ମଙ୍ଗରାଜ ଅନେକ ଥର ଚେତାଶୂନ୍ୟ ହେଉଥିବା କହିଛନ୍ତି ତାଙ୍କ ଦାଦା ଶଙ୍କର ସାଥୁଆ ମହାପାତ୍ର। ଅନ୍ୟପକ୍ଷରେ ମଧ୍ୟାହ୍ନଭୋଜନ ଖାଇବା ପରେ ଅନ୍ୟ ପିଲାମାନଙ୍କ ସହ ଖେଳିବା ପରେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ସହପାଠୀ କହିଛନ୍ତି। ଏ ସମ୍ପର୍କରେ ଭୁବନ ବିଇଓ ଆକାଂକ୍ଷୀତା ପ୍ରଧାନ କୁହନ୍ତି, ସମସ୍ତ ବିଷୟ ବୁଝିଲି, ଡାକ୍ତରଙ୍କ ସହ କଥା ହେଲି। ଛାତ୍ରଙ୍କ ବୀମା ବିଷୟରେ ଉଚ୍ଚ ଅଧିକାରୀଙ୍କ ସହ କଥା ହେବେ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ମଙ୍ଗରାଜଙ୍କ ବାପା ଭୁବନ ବାହାରେ ରହୁଛନ୍ତି। ସେ ପହଞ୍ଚିବା ପରେ ଗୁରୁବାର ବ୍ୟବଚ୍ଛେଦ ହେବ ବୋଲି ଡା. ରମେଶ ଚନ୍ଦ୍ର ସାହୁ କହିଛନ୍ତି।

## ଲୋକଙ୍କ ସରକାର ଏବେ ରାଜ୍ୟବାସୀଙ୍କ ପାଇଁ କାଳ: ବିଜେଡି

ଭୁବନେଶ୍ୱର,୫।୮ (ସମିସ): ବିଜେପିର ତଥାକଥିତ ଲୋକ ସରକାର ଏବେ ରାଜ୍ୟ ସରକାରଙ୍କ ପାଇଁ କାଳ ପାଲଟିଛି। ରାଜ୍ୟବାସୀଙ୍କ ଜୀବନ ସହ ଖେଳିବାକୁ ଚେଷ୍ଟା କରୁଛନ୍ତି। ରାଜ୍ୟରେ ପରମାଣୁ ପ୍ରକଳ୍ପ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରି ରାଜ୍ୟବାସୀଙ୍କ ଜୀବନକୁ ନର୍କ କରିଦେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।





■ ରାଜ୍ୟ ବିଜେପି ସରକାର ଓଡ଼ିଶାବାସୀଙ୍କ ଜୀବନ ସହ ଖେଳିବାକୁ ଚେଷ୍ଟା କରୁଛନ୍ତି
■ ପ୍ରକଳ୍ପକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡିର ଚେତାବନୀ

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଓଡ଼ିଶାରେ ନ୍ୟୁକ୍ଲିୟର ପ୍ଲାଣ୍ଟ ସ୍ଥାପନ ହେବା ଦ୍ୱାରା ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା କ୍ଷେତ୍ରରେ ବିପଦ ସୃଷ୍ଟି ହେବ। ଡବଲ ଇଞ୍ଜିନ ସରକାର ଘରୋଇ କମ୍ପାନୀ ମୋହରେ ପଡି ରାଜ୍ୟବାସୀଙ୍କ ସୁରକ୍ଷାକୁ ନେଇ ଆଖି ବୁଜିଦେଇଛନ୍ତି। ଉକ୍ତ ଘରୋଇ କମ୍ପାନୀ ଓଡ଼ିଶାରେ ପ୍ରାୟ ୩୦୦୦ ମେଗାୱାଟ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ସ୍ଥାପନ କରିବା ନେଇ ପ୍ରସ୍ତାବ ରହିଛି। ନ୍ୟୁକ୍ଲିୟର କିମ୍ବା ଏଟୋମିକ୍ ଏନର୍ଜି କଥା ଉଠିଲେ ମନରେ ଭୟ ସୃଷ୍ଟି ହୁଏ। ୧୯୪୫ ମସିହାରେ ନ୍ୟୁକ୍ଲିୟର ବିସ୍ଫୋରଣ ଯୋଗୁଁ ଜାପାନର ହିରୋସୀମା ଓ ନାଗାସାକି ସହର ଧ୍ୱଂସ ସ୍ତୁପରେ ପରିଣତ ହୋଇଥିଲା। ୧୯୮୬ରେ ଚେର୍ଣ୍ଣୋବିଲ୍ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟରେ ବିସ୍ଫୋରଣ ଘଟିଥିବା ବେଳେ ୨୦୧୧ରେ ଫୁକୁସୀମା ନ୍ୟୁକ୍ଲିର ପାୱାର ପ୍ଲାଣ୍ଟରେ ବିସ୍ଫୋରଣ ଘଟିଥିଲା। ଏହି ନ୍ୟୁକ୍ଲିୟର ବିସ୍ଫୋରଣରେ ହୋଇଥିବା କ୍ଷୟକ୍ଷତିକୁ ସ୍ଥାନୀୟ ସରକାର ଆଜି ପର୍ଯ୍ୟନ୍ତ ଭରଣା କରିପାରି ନାହାନ୍ତି। ପରମାଣୁ ଶକ୍ତି ବିପଦପୂର୍ଣ୍ଣ ହୋଇଥିବାରୁ ଲୋକଙ୍କ ଜୀବନ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ଦେଶମାନଙ୍କରେ ନ୍ୟୁକ୍ଲିୟର ଏନର୍ଜିକୁ ସରକାର ନିଜ ମାଲିକାନାରେ ରଖିଥାନ୍ତି, କୌଣସି ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରନ୍ତି ନାହିଁ। କିନ୍ତୁ ବିଜେପି ସରକାର ନ୍ୟୁକ୍ଲିୟର ଏନର୍ଜିକୁ ଘରୋଇ କମ୍ପାନୀର ମାଲିକାନାକୁ ହସ୍ତାନ୍ତର କରାଯାଉଛି। ରୁଷର ଚେର୍ଣ୍ଣୋବିଲ୍ ନ୍ୟୁକ୍ଲିୟର ଏନର୍ଜିର ରିଆକ୍ଟର ଅଘଟଣକୁ ୫୦ ବର୍ଷ ପୂରି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ତାହାର କ୍ଷୟକ୍ଷତିର ଭରଣା ହୋଇପାରି ନାହିଁ। ତେବେ ଓଡ଼ିଶାକୁ ବିପଦ ମୁହଁକୁ ଠେଲି ଦେବାକୁ ବିଜେପି ସରକାର କାହିଁକି ଯୋଜନା କରୁଛନ୍ତି ବୋଲି ସେ ପ୍ରଶ୍ନ କରୁଛନ୍ତି।

ସେ ପୁଣି କହିଛନ୍ତି ଯେ ଜାତୀୟ ସୁରକ୍ଷାକୁ କେବେ କୌଣସି ଘରୋଇ ସଂସ୍ଥାକୁ ଦିଆଯାଏ ନାହିଁ। କିନ୍ତୁ ବିଜେପି ସରକାର ଚକ୍ରାନ୍ତ କରି ନ୍ୟୁକ୍ଲିୟର ଏନର୍ଜି ପରି ଜାତୀୟ ସୁରକ୍ଷାକୁ ଘରୋଇକରଣ କରାଇବାକୁ ପ୍ରୟାସ କରୁଛନ୍ତି। ଦେଶରେ ୮.୮ ଗିଗାୱାଟ ନ୍ୟୁକ୍ଲିୟର ଏନର୍ଜି ସରକାରଙ୍କ ମାଲିକାନାରେ ରହିଛି। ଓଡ଼ିଶାରେ ବିଜେପି ସରକାର ଗଠନ ହେବା ପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଚାଲୁଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନ୍ୟୁକ୍ଲିୟର ଏନର୍ଜି ପ୍ଲାଣ୍ଟ ସ୍ଥାପନ ନେଇ ରାଜ୍ୟ ସରକାର ଲାଗି ପଡିଛନ୍ତି। ନ୍ୟୁକ୍ଲିୟର ଏନର୍ଜି ପ୍ଲାଣ୍ଟ ସ୍ଥାପନା କରି ଓଡ଼ିଶାବାସୀଙ୍କୁ ମୃତ୍ୟୁମୁଖରେ ପକାଇବାରୁ ରାଜ୍ୟ ସରକାର କ୍ଷାନ୍ତ ରୁହନ୍ତୁ। ନଚେତ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲଲି ସେ କହିଛନ୍ତି।

## ଚିକିତ୍ସା ପାଇଁ ୧୩୦ କିଲୋମିଟର ଟ୍ରାଇସାଇକଲରେ ଗଲେ ବୃଦ୍ଧ

ବ୍ରହ୍ମପୁର,୫।୮ (ସମିସ): ଉତ୍ତମ ଚିକିତ୍ସା ଆଶାରେ ପ୍ରାୟ ୧୩୦କିଲୋମିଟର ଦୂରତାକୁ ଟ୍ରାଇ ସାଇକଲରେ ଅତିକ୍ରମ କରି ବ୍ରହ୍ମପୁର ଏମକେସିଜି ମେଡିକାଲରେ ପହଞ୍ଚିଛନ୍ତି ଜଣେ ୬୬ବର୍ଷୀୟ ବୃଦ୍ଧ। ତାଙ୍କର ଏହି ସଂଘର୍ଷମୟ ଯାତ୍ରା ସମସ୍ତଙ୍କୁ ଭାବବିହ୍ୱଳ କରିଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବରସାହି ଗ୍ରାମର ଶୁକଦେବ ନାହକ(୬୬) ଗତ ଶନିବାର

**ଭଙ୍ଗାଗୋଡ଼ର ଚିକିତ୍ସା ପାଇଁ ନୟାଗଡ଼ରୁ ଏମ୍‌କେସିଜିକୁ ଯାତ୍ରା**

ଏମକେସିଜି ମେଡ଼ିକାଲରେ ପହଞ୍ଚିଛନ୍ତି। ଅର୍ଥାଭାବ ଓ ନିଜର କେହି ସହଯୋଗୀ ନଥିବାରୁ ବାଧ ହୋଇ ସେ ଟ୍ରାଇସାଇକଲରେ ଗୁରୁବାର ସକାଳେ ଗ୍ରାମରୁ ବାହାରି ଦୀର୍ଘ ଦୁଇଦିନର କଷ୍ଟସାଧ ଯାତ୍ରା ପରେ ଶନିବାର ମଧ୍ୟାହ୍ନରେ ଏମକେସିଜି ମେଡିକାଲରେ ପହଞ୍ଚିଥିଲେ। ପ୍ରଥମେ ତାଙ୍କୁ ମେଡିକାଲର ଆଶୁଚିକିତ୍ସା ବିଭାଗରେ ଡାକ୍ତର ଚିକିତ୍ସା କରିଥିବା ବେଳେ ପରେ ତାଙ୍କୁ ଡେଷ୍ଟିଟ୍ୟୁଟ ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଛି। ଶୁକଦେବ ନାହାକଙ୍କ ନିକଟତମ ସମ୍ପର୍କୀୟ କେହି ନ ଥିବାରୁ ତାଙ୍କୁ ଉକ୍ତ ୱାଡର୍‌ରେ ରଖି ଚିକିତ୍ସା କରାଯାଉଛି।



ଶୁକଦେବ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୨୨ମସିହାରେ ଅବସର ଗ୍ରହଣ କରିଥିଲେ। ତାଙ୍କର ପାରିବାରିକ ସ୍ଥିତି ମଧ୍ୟ ବେଶ ଦୁଃଖଦ। କିଛିବର୍ଷ ପୂର୍ବରୁ ପତ୍ନୀଙ୍କର ଦେହାନ୍ତ ଘଟିଥିବା ବେଳେ ଏକମାତ୍ର ପୁଅ ମାନସିକ ଅସୁସ୍ଥତାରେ ପୀଡ଼ିତ। ବୋହୂ ତାଙ୍କର ଯତ୍ନ ନେବାରେ ଅସମର୍ଥ ଥିବାରୁ ସେ ପ୍ରାୟ ଏକାକୀ ଜୀବନ ବିତାଉଥିବା କହିଛନ୍ତି ଶୁକଦେଦ। ପ୍ରାୟ ୪ବର୍ଷ ପୂର୍ବେ ଘର ସମ୍ମୁଖରେ ଥିବା ଏକ କୂଅ ନିକଟରେ ପଡ଼ିଯିବାରୁ ତାଙ୍କ ବାମ ଗୋଡ଼ର ହାଡ ଭାଙ୍ଗି ଯାଇଥିଲା। ଏହାପରେ ସେ ନୟାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ପରେ କଟକ ବଡ଼ ମେଡିକାଲକୁ ମଧ୍ୟ ଯାଇଥିଲେ। ତେବେ ସେଠାରେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନଥିଲେ। ଏମକେସିଜି ମେଡ଼ିକାଲ ପକ୍ଷରୁ ରୋଗୀଙ୍କୁ ଉନ୍ନତ ଚିକିତ୍ସା ଓ ସଫଳ ଅସ୍ତ୍ରୋପଚାର ସମ୍ପର୍କରେ ସେ ବିଭିନ୍ନ ସୂତ୍ରରୁ ଅବଗତ ହୋଇଥିଲେ। ଏଠାରେ ଚିକିତ୍ସା କଲେ କାଳେ ସେ ସୁସ୍ଥ ହେବେ ସେହି ଆଶାରେ ନିଜ ଟ୍ରାଇସାଇକଲରେ ୧୩୦କିଲୋମିଟର ଦୂରତାକୁ ଅତିକ୍ରମ କରି ମେଡିକାଲରେ ପହଞ୍ଚିଛନ୍ତି ଶୁକଦେବ। ତାଙ୍କୁ ଉପଯୁକ୍ତ ଚିକିତ୍ସା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନରେ ଆଉ ୯୧ଟି ସ୍ୱତନ୍ତ୍ର ପ୍ୟାକେଜ ସାମିଲ

■ ମୋଟ ଚିକିତ୍ସା ପ୍ୟାକେଜ ୨୨୫୪କୁ ବୃଦ୍ଧି
■ ଚଳିତ ବଜେଟରେ ୩୧୧ କୋଟିର ପ୍ରାବଧାନ

ଭୁବନେଶ୍ୱର,୫।୮ (ସମିସ): ରାଜ୍ୟରେ କର୍କଟ ରୋଗୀମାନଙ୍କୁ ଅଧିକ ବ୍ୟାପକ ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ଥିବା ଅତିରିକ୍ତ ୯୧ଟି କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ର ସମନ୍ୱିତ ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରାଯାଇଛି। ଏହା ଫଳରେ ରାଜ୍ୟର କ୍ୟାନସର ରୋଗୀମାନେ ଅଧିକ ସଂଖ୍ୟକ ଜଟିଳ ଚିକିତ୍ସା ସେବାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ପାଇପାରିବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ କ୍ୟାନ୍‌ସର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ଦେୟମୁକ୍ତ ଚିକିତ୍ସା ଯୋଗାଇଦେବେ। ୨୦୨୬-୨୭ ବଜେଟରେ ଏଥି ପାଇଁ ୩୧୧ କୋଟି ପ୍ରବଧାନ କରାଯାଇଛି। ଗୋଷ୍ଠୀ ସଚେତନତା, ମୋବାଇଲ କ୍ୟାମ୍ପ, ଡିଜିଟାଲ-ହବ ଏବଂ ସ୍ପୋକ ମଡେଲ ଏବଂ ମାଗଣା ଯାତାୟାତ ସୁବିଧା ପାଇଁ ଏହି ଅର୍ଥ ଖର୍ଚ୍ଚ ହେବ। ଓଡ଼ିଶାରେ ଏବିପିଏମ୍‌ଜେଏୱାଇ. ଓ ଜିଜେଏୱାଇର ସମନ୍ୱିତ କାର୍ଯ୍ୟକାରିତା ଆରମ୍ଭ ବେଳେ ଏହି ଯୋଜନାରେ ୨୧୬୩ଟି ଚିକିତ୍ସା ପ୍ୟାକେଜ ଉପଲବ୍ଧ ଥିଲା। ବର୍ତ୍ତମାନ ୯୧ଟି ନୂତନ ପ୍ୟାକେଜ ସାମିଲ ହେବା ପରେ ମୋଟ ଚିକିତ୍ସା ପ୍ୟାକେଜର ସଂଖ୍ୟା ୨୨୫୪ରେ ପହଞ୍ଚିଛି। କ୍ୟାନସର ଭଳି ଜଟିଳ ଓ ପ୍ରାଣଘାତୀ ରୋଗରେ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ, ଉପଯୁକ୍ତ ପରୀକ୍ଷା ଏବଂ ବୈଜ୍ଞାନିକ ଚିକିତ୍ସା ଅତ୍ୟନ୍ତ ଜରୁରୀ। ଏହି ରୋଗର ଚିକିତ୍ସା ସର୍ଜରୀ, କେମୋଥେରାପି, ରେଡିଏସନ, ଅଙ୍କୋଲୋଜି ଏବଂ ଅନ୍ୟାନ୍ୟ ବହୁ ବିଭାଗର ସମନ୍ୱିତ ଚିକିତ୍ସା ପଦ୍ଧତି ଉପରେ ନିର୍ଭରଶୀଳ। ସାଧାରଣ ଲୋକ ଏହି ରୋଗରେ ପୀଡ଼ିତ ହୋଇ ଖର୍ଚ୍ଚାନ୍ତ ହେଉଥିବାରୁ ଓଡ଼ିଶା ସରକାର ଏହାକୁ ଦୃଷ୍ଟିରେ ରଖି କ୍ୟାନସର ଚିକିତ୍ସା ପ୍ୟାକେଜକୁ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସାମିଲ କରିଛନ୍ତି। ଏହି ସମସ୍ତ ପ୍ୟାକେଜ ଅନୁଯାୟୀ ଦେୟମୁକ୍ତ ଚିକିତ୍ସା ସେବା ପ୍ରଦାନ ପାଇଁ ରାଜ୍ୟର ସମସ୍ତ ତାଲିକାଭୁକ୍ତ ହସ୍ପିଟାଲକୁ ନିର୍ଦ୍ଦେଶ ଜାରି କରାଯାଇଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ରାଉରକେଲା,୫।୮ (ସମିସ): ସ୍ଥାନୀୟ ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷାବର୍ଷ ୨୦୨୬-୨୭ର ଜ୍ଞାନବିଜ୍ଞାନ ମେଳା ପ୍ରଦର୍ଶିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝି, ପୂର୍ବତନ ସଭାପତି ତଥା ସଦସ୍ୟ ରମେଶ କୁମାର ଅଗ୍ରୱାଲ ଏବଂ ସଭାପତି ଭବାନୀ ଶଙ୍କର ଚାନ୍ଦେଲ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପରିଚାଳନା ସମିତିର ସଦସ୍ୟ ରମେଶ କୁମାର ଅଗ୍ରୱାଲ ମା' ବାଗଦେବୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ସହ ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ସମସ୍ତ ଅତିଥି ଓ ଅଧିକାରୀମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୨୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଦାୟିତ୍ୱ ତୁଲାଇଥିଲେ ସେକ୍ଟର-୬ରୁ ତୃପ୍ତିମୟୀ ଗଡ଼ନାୟକ, ଡେଭଲପ ଏରିଆ ହାଇସ୍କୁଲର ବିଶ୍ୱଜିତ୍ ସାହୁ ଏବଂ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ସୁନୀତା ପ୍ରଧା। ବିଜ୍ଞାନ ପ୍ରମୁଖା ରେଣୁଲତା ମହାନ୍ତି, ସହ-ପ୍ରମୁଖା ରଶ୍ମି ରେଖା ମହାପାତ୍ର ଏବଂ ସମସ୍ତ ଗୁରୁଜୀ-ଗୁରୁମା ସକ୍ରିୟ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଆଚାର୍ଯ୍ୟା ମିଲି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



# ସିରିଜ୍ ଚୋରି ଘଟଣାରେ ୩ ଗିରଫ

ରାଉରକେଲା,୫।୮ (ସମିସ)

ସୁନ୍ଦରଗଡ଼ ଟାଉନ ଥାନା ପୁଲିସ କ୍ରମାଗତ ଚୋରିଘଟଣାର ପର୍ଦ୍ଦାଫାସ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବହୁ ପରିମାଣର ଚୋରା ସାମଗ୍ରୀ ଜବତ କରିଛି। ଘଟଣାରେ ଆଉଜଣେ ଅଭିଯୁକ୍ତ ଫେରାର ଥିବାବେଳେ ତାକୁ ଧରିବାକୁ ପୁଲିସ ଉଦ୍ୟମ ଜାରି ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଣ୍ଡାପଡା ଅଞ୍ଚଳର ଚିଣ୍ଟୁ ଓରଫ କାର୍ତ୍ତିକ ଟିଗ୍ଗା (୨୦), ଦେବ ଓରଫ ରାଧେଶ୍ୟାମ ପାତ୍ର (୨୦) ଏବଂ ଜଣେ ନାବାଳକ। ଅନ୍ୟ ଜଣେ ଅଭିଯୁକ୍ତ ୨୨ ଜୁଲାଇ ଘଟଣା ପରଠାରୁ ଫେରାର ଅଛି।

ପୁଲିସ ସୂଚନା ଅନୁଯାୟୀ, ଗତ ୪ ଅଗଷ୍ଟରେ ବିରଞ୍ଚି ନାରାୟଣ ମହାପାତ୍ର ସୁନ୍ଦରଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ ଯେ, ୩ ଓ ୪ ଅଗଷ୍ଟ ମଧ୍ୟରାତ୍ରିରେ କିଛି ଦୁର୍ବୃତ୍ତ ଟାଉନ ଥାନା ସମ୍ମୁଖରେ ଥିବା ତାଙ୍କ ଜେରକ୍ସ ଓ କମ୍ୟୁନିକେସନ୍ ଦୋକାନର ଆଜବେଷ୍ଟସ୍ ଭାଙ୍ଗି ଦୋକାନରେ ପଶି ଚୋରି କରିଥିଲେ। ଏହା ପୂର୍ବରୁ ଗତ ୨୨ ଜୁଲାଇରେ ମଧ୍ୟ ତାଙ୍କ ଗ୍ରୋସରି ଓ କମ୍ୟୁନିକେସନ୍ ଦୋକାନରେ ସମାନ ଢଙ୍ଗରେ ଚୋରି ଘଟିଥିଲା। ଏହି ଘଟଣାକୁ ନେଇ ଟାଉନ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

ତଦନ୍ତବେଳେ ସୂଚନା ପାଇ ପୁଲିସ ଚିଣ୍ଟୁ ଓରଫ କାର୍ତ୍ତିକ ଟିଗ୍ଗା, ଦେବ ଓରଫ ରାଧେଶ୍ୟାମ ପାତ୍ର ଏବଂ ଜଣେ ନାବାଳକ ଏହିପରି ୩ ଜଣ ଅଭିଯୁକ୍ତଙ୍କୁ କାବୁ କରି ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଥିଲା। ପଚରାଉଚରା ବେଳେ ସେମାନେ ରଙ୍ଗାଧିପା ସରକାରୀ ୟୁପି ସ୍କୁଲ୍ ଓ ସଂଲଗ୍ନ ଏକ ମୋବାଇଲ୍ ଦୋକାନରେ ମଧ୍ୟ ବାରମ୍ବାର ଚୋରି କରିଥିବା ସ୍ୱୀକାର କରିଥିଲେ।



**ବହୁ ଚୋରା ସାମଗ୍ରୀ ଜବତ**

ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗିରଫ ଅଭିଯୁକ୍ତମାନେ ଚଳିତ ବର୍ଷ ଟାଉନ ଥାନାରେ ରୁଜୁ ହୋଇଥିବା ଏକାଧିକ ଚୋରି ମାମଲାରେ ସମ୍ପୃକ୍ତ ରହିଛନ୍ତି। ସେଥିରେ ରଙ୍ଗାଧିପା ସରକାରୀ ୟୁପି ସ୍କୁଲ୍ ପରିସର ଏବଂ ଟାଉନ ଥାନା ସମ୍ମୁଖରେ ଥିବା ମହାପାତ୍ର ଗ୍ରୋସରି ଦୋକାନରେ ଘଟିଥିବା ଚୋରି ଘଟଣା ମଧ୍ୟ ସାମିଲ ରହିଛି।

ଅଭିଯୁକ୍ତମାନଙ୍କ ନିକଟରୁ ଏକ ସାଉଣ୍ଡ ବକ୍ସ, ୟୁପିଏସ୍ ଓ ସ୍ପିକର, ସିପିୟୁ ଡେସ୍କଟପ୍, ମାଉସ୍, କି-ବୋର୍ଡ, ଏଚ୍‌ଡିଏମ୍‌ଆଇ କେବୁଲ୍, ପାୱାର ଆଡ଼ପ୍ଟର, ୧୨୮ ଜିବି ଓ ୬୪ ଜିବି ପେନ୍‌ଡ୍ରାଇଭ୍, ପାୱାର ବ୍ୟାଙ୍କ, ୟୁଭି ଲାଇଟ୍, ଇୟରବଡ୍, ହେଡଫୋନ୍, ବିଭିନ୍ନ ପ୍ରକାର ଡାଟା କେବୁଲ୍, ସ୍କ୍ରୁଡ୍ରାଇଭର ସେଟ୍, ସ୍ମାର୍ଟ ୱାଚ୍, ଫିଙ୍ଗର ପ୍ରିଣ୍ଟ ସ୍କାନର, ଆଇଫୋନ୍ ଚାର୍ଜର, ସ୍ପିକର ସହ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଜବତ କରାଯାଇଛି। ଏଥିସହ ଚକୋଲେଟ୍, ସିଗାରେଟ୍, ସ୍କ୍ରିନ୍‌ଗାର୍ଡ, ଇୟରବଡ୍, ନେକ୍ ବ୍ୟାଣ୍ଡ ଏବଂ ଟଙ୍କା ମଧ୍ୟ ଜବତ କରାଯାଇଛି। ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସମ୍ପୂର୍ଣ୍ଣ ଚୋରି ରାକେଟର ପର୍ଦ୍ଦାଫାସ ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

## ସିଡିପିଓଙ୍କ ବୋଲେରୋ ଧକ୍କାରେ ବାଇକ୍‌ଚାଳକ ଗୁରୁତର

ବଣାଇଁଗଡ,୫।୮ (ସମିସ): ବଣାଇଁ ଥାନା ଅନ୍ତର୍ଗତ କେନ୍ଦ୍ରିକଳା ଝୁମକି ବନ୍ଧ ନିକଟରେ ବୁଧବାର ସକାଳ ପ୍ରାୟ ୮ଟାରେ ବୋଲେରୋ-ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଗୁରୁଣ୍ଡିଆ ସିଡିପିଓ କାର୍ଯ୍ୟାଳୟରେ ନିୟୋଜିତ ବୋଲେରୋ (ନଂ.ଓଡ଼ି୧୪ଏବି-୬୮୯୯) କେନ୍ଦ୍ରିକଳା ଝୁମକି ବନ୍ଧ ନିକଟରେ ଏକ ବାଇକକୁ ଧକ୍କା ଦେଇଥିଲା। ଏଥିରେ ବାଇକ ଚାଳକ କେନ୍ଦ୍ରିକଳା ଗ୍ରାମର ଆସ୍ଥାନ ପାତ୍ର ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ଆହତଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ବଣାଇଁ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।





## ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ଡାଲମିଆ ମହାବିଦ୍ୟାଳୟ ପରିଦର୍ଶନ



କୁତ୍ରା,୫।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟକୁ ବୁଧବାର ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ମୂରଲୀଧର ମାଝୀ ଅଚାନକ ପରିଦର୍ଶନରେ ଆସି ମହାବିଦ୍ୟାଳୟର ଗ୍ରନ୍ଥାଗାର, ହିସାବ ବିଭାଗ, ପ୍ରତିଷ୍ଠାନ ବିଭାଗ, ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ତଥା ଶ୍ରେଣୀଗୃହ ପରିଦର୍ଶନ କରିଥିଲେ। ପରିଦର୍ଶନ କରି ଅଧ୍ୟକ୍ଷଙ୍କ ଠାରୁ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇ ସେସବୁର ସମାଧାନ ପାଇଁ ମତ ପ୍ରଦାନ କରିଥିଲେ। ଶ୍ରେଣୀ ଗୃହ ପରିଦର୍ଶନ କରି ଛାତ୍ରଛାତ୍ରୀମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ସୁପରିଚାଳନା, ନିୟମିତ କ୍ଲାସ ଓ କର୍ମଚାରୀମାନଙ୍କର ଉପସ୍ଥାନ ବିଷୟରେ ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକଙ୍କ ସହିତ ଆଲୋଚନା କରିଥିଲେ।

# ଆର୍‌ଏସ୍‌ପିରେ କ୍ଷମତା ଏବଂ ଦକ୍ଷତା ବିକାଶ ତାଲିମ



ରାଉରକେଲା,୫।୮ (ସମିସ): 'ପ୍ରୋଜେକ୍ଟ ନିଶ୍ଚୟ'ର କ୍ଷମତା ଏବଂ ଦକ୍ଷତା ବିକାଶ (ସିଆଣ୍ଡସିଡି) ପଦକ୍ଷେପର ଏକ ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ (ଏଲ୍‌ଆଣ୍ଡଡି) ବିଭାଗର ଗୋପବନ୍ଧୁ ପ୍ରେକ୍ଷାଳୟରେ 'ଇଲେକ୍ଟ୍ରିକାଲ୍ ସେଫ୍ଟି' (ବିଦ୍ୟୁତ୍ ସୁରକ୍ଷା) ଏବଂ 'ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ' (ସାମଗ୍ରୀ ପରିଚାଳନା) ଉପରେ ଏକ ବାଧ୍ୟତାମୂଳକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦକ୍ଷତା ବୃଦ୍ଧି କରିବା ଏବଂ ସୁରକ୍ଷାର ଏକ ଦୃଢ଼ ସଂସ୍କୃତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶିକ୍ଷାନବିଶ (ଆପ୍ରେଣ୍ଟିସ୍) ଟ୍ରେନି ଏବଂ ଠିକା ସୁପରଭାଇଜରଙ୍କ ସମେତ ପ୍ଲାଣ୍ଟର ବିଭିନ୍ନ ବିଭାଗରୁ ପ୍ରାୟ ୧୬୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ସୁରକ୍ଷା ବିଭାଗର ମହାପ୍ରବନ୍ଧକ ଅବକାଶ ବେହେରା କାର୍ଯ୍ୟକ୍ରମର ଉଦଯାପନୀ ଅଧିବେଶନରେ ପୌରୋହିତ୍ୟ କରିଥିଲେ ଏବଂ ତାଲିମ ସମୟରେ ହାସଲ କରାଯାଇଥିବା ଜ୍ଞାନକୁ ଦୈନନ୍ଦିନ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବାକୁ ଗୁରୁତ୍ୱାରୋପ କରିଥିଲେ।

ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ ଅଧିବେଶନକୁ ଏଚଏସଏମ-୨ ବିଭାଗର ଉପ-ପ୍ରବନ୍ଧକ ଭକ୍ତହରି ମହାପାତ୍ର ପରିଚାଳନା କରିଥିଲେ, ଯିଏକି 'ଲାଇନ୍ ଅଫ୍ ଫାୟାର୍' ବିପଦ ଉପରେ ବିଶେଷ ଗୁରୁତ୍ୱ ଦେଇ ନିରାପଦ ସାମଗ୍ରୀ ପରିଚାଳନା ପଦ୍ଧତି ଉପରେ ଆଲୋକପାତ କରିଥିଲେ।

ବିଦ୍ୟୁତ୍ ସୁରକ୍ଷା (ଇଲେକ୍ଟ୍ରିକାଲ୍ ସେଫ୍ଟି) ଅଧିବେଶନକୁ ବିଦ୍ୟୁତ୍ ଶକ୍ତି ବିତରଣ ବିଭାଗର ସହକାରୀ ମହାପ୍ରବନ୍ଧକ ଡି. ଜି ସେଠୀ ସମ୍ବୋଧିତ କରିଥିଲେ। ସେ ବିଦ୍ୟୁତ୍ ବିପଦ, ନିରାପଦ କାର୍ଯ୍ୟପଦ୍ଧତି, ପୂର୍ବ ଘଟଣାଗୁଡ଼ିକରୁ ଶିକ୍ଷା ଏବଂ ମୌସୁମୀ ଋତୁରେ କାର୍ଯ୍ୟ କରିବା ସମୟରେ ଅବଲମ୍ବନ କରାଯିବାକୁ ଥିବା ଆବଶ୍ୟକୀୟ ସାବଧାନତା ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ଏଲଆଣ୍ଡଡି ବିଭାଗର ବରିଷ୍ଠ ପ୍ରବନ୍ଧକ ସୁଶ୍ରୀ ଜ୍ୟୋତିର୍ମୟୀ ରାଉତିଆ ଏବଂ ସୁରକ୍ଷା ବିଭାଗର ସହକାରୀ ପ୍ରବନ୍ଧକ ସୁଶ୍ରୀ ପ୍ରଜ୍ଞା ନାଥ ସଂଯୋଜନା କରିଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ ପ୍ରତିଯୋଗିତା



ରାଉରକେଲା, ୫।୮ (ସମିସ): ବିଶ୍ୱ ସ୍ତନ୍ୟପାନ ସପ୍ତାହ ପରିପ୍ରେକ୍ଷୀରେ ଅଗଷ୍ଟ ୫ ତାରିଖ ଦିନ ଆଇଜିଏଚ୍‌ର ନର୍ସେସ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଟିଆଇ) ଦ୍ୱାରା ଏକ ସ୍ପଟ୍ କବିତା ଲିଖନ ଏବଂ ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ବର୍ଷର ମୁଖ୍ୟ ବିଷୟବସ୍ତୁ 'ଜୀବନର ଏକ ସ୍ଥାୟୀ ଶୁଭାରମ୍ଭ ପାଇଁ ସ୍ତନ୍ୟପାନ: ଯାହା ପ୍ରଭାବଶାଳୀ ତାହାକୁ ମଜବୁତ କରନ୍ତୁ' ସହିତ ସାମଞ୍ଜସ୍ୟ ରଖି ୧୩ ଜଣ ଛାତ୍ରଛାତ୍ରୀ 'ସ୍ତନ୍ୟପାନ ଏବଂ ଏହାର ଗୁରୁତ୍ୱ' ଶୀର୍ଷକ ମୂଳ ବିଷୟ ଉପରେ ସେମାନଙ୍କର ସୃଜନଶୀଳ ଦୃଷ୍ଟିକୋଣ ପ୍ରକାଶ କରିଥିଲେ। ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ସାହିତ୍ୟିକ ରଚନା ମାଧ୍ୟମରେ ସେମାନଙ୍କର ଚିନ୍ତାଧାରା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ପରାମର୍ଶଦାତା (ଏମ୍‌ଆଣ୍ଡଏଚ୍‌ଏସ୍) ଡାକ୍ତର ପୁନମ ଏକ୍କା, ବରିଷ୍ଠ ପରାମର୍ଶଦାତା (ଏମ୍‌ଆଣ୍ଡଏଚଏସ) ଡାକ୍ତର ବ୍ୟାସଦେବ ମିଶ୍ର ଏବଂ ଏନଟିଆଇର ଉପ-ଅଧ୍ୟକ୍ଷା ନବନୀତା ଜେନାଙ୍କୁ ନେଇ ଗଠିତ ଏକ ବିଚାରକ ମଣ୍ଡଳୀ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢ଼ୀ, ରଶ୍ମି ସୋରେଙ୍ଗ, ଏବଂ ପ୍ରତିଭା ଖେତିଙ୍କ ଦ୍ୱାରା ଆୟୋଜିତ ଓ ସଂଯୋଜିତ ଏହି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ଭାଗିଦାରୀ ଏବଂ କଳାତ୍ମକ ଅଭିବ୍ୟକ୍ତି ମାଧ୍ୟମରେ ମାତୃ ସ୍ୱାସ୍ଥ୍ୟ ଏବଂ ପ୍ରାରମ୍ଭିକ ଶୈଶବ ପୋଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସଫଳତାର ସହ ପ୍ରଦର୍ଶିତ କରିଥିଲା।

## ଚୋରା ବାଇକ୍ ଉଦ୍ଧାର; ଜଣେ ଗିରଫ

ରାଉରକେଲା,୫।୮ (ସମିସ): ସ୍ଥାନୀୟ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଏକ ଚୋରା ବାଇକ୍ ଉଦ୍ଧାର କରିବା ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବିହାରର ଔରଙ୍ଗାବାଦ ଜିଲ୍ଲା ନରାରିକଲାଖୁର୍ଦ୍ଦ୍ ଥାନା ଅନ୍ତର୍ଗତ କୁରୱାନ ଗ୍ରାମର ଅଶ୍ୱିନୀ କୁମାର (୨୫)।

ପ୍ରକାଶ ଯେ, ଗତ ୨୩ ଜୁନ୍‌ରେ ବେଦବ୍ୟାସ ଛକ ସ୍ଥିତ ହାଇଡ୍ରା କ୍ରେନ୍‌ଷ୍ଟାଣ୍ଡ ନିକଟରୁ ଏକ ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ଅଶ୍ୱିନୀକୁ ଗିରଫ କରିବା ସହ ତା ନିକଟରୁ ଚୋରି ଯାଇଥିବା ବାଇକ୍ ଜବତ କରିଛି। ସେ ରାଉରକେଲାର ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ବୁରୁଟୋଲା ଅଞ୍ଚଳରେ ରହୁଥିଲେ।

## ଜିଲ୍ଲାସ୍ତରୀୟ ଆଣ୍ଟି ଡେଙ୍ଗୁ ମାସ ଓ ଭେକ୍ଟରବାହିତ ରୋଗ ଟାସ୍କଫୋର୍ସ ଉପରେ ସମୀକ୍ଷା

ତରଭା,୫।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଆଣ୍ଟି ଡେଙ୍ଗୁ ମାସ ଓ ଭେକ୍ଟର ବାହିତ ରୋଗ ଟାସ୍କ ଫୋର୍ସ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଲିନା ପ୍ରଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା ଦେବୀ ପ୍ରସାଦ ମହାପାତ୍ର ଯୋଗଦେଇ ଡେଙ୍ଗୁର ଲକ୍ଷଣ ଓ ଚିହ୍ନଟ ବିଷୟରେ ବୁଝାଇଥିଲେ। ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରକାଶ ଦଣ୍ଡସନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ପଦ୍ମହଂସା ଦୋରା ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ରୂପକ ମହାପାତ୍ର, ଭିବିଡି ପରାମର୍ଶଦାତା ସୁନୀଲ ମହନ୍ତ, ଅତିତିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## କୁଷ୍ଠରୋଗ ଚିହ୍ନଟିକରଣ ଅଭିଯାନ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

ତରଭା,୫।୮ (ସମିସ): ଆସନ୍ତା ୧୭ରୁ ୩୧ ପର୍ଯ୍ୟନ୍ତ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଆରମ୍ଭ ହେବ। ଏଥିପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡା. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷା ରାଣୀ ଦାସ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଲିନା ପ୍ରଧାନ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା. ତ୍ରିବିକ୍ରମ ପାଣିଆ ଏହାର ମୁଖ୍ୟ ଉଦ୍ଦେଶ୍ୟ ଓ କିପରି କୁଷ୍ଠ ରୋଗର ଚିହ୍ନଟ ହୋଇପାରିବ ସେସବୁ ବିଷୟରେ ବୁଝାଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦେବୀ ପ୍ରସାଦ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରକାଶ ଦନସନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାର (ଯକ୍ଷ୍ମା) ଡା. ପଦ୍ମହଂସା ଦୋରା ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ରୂପକ ମହାପାତ୍ର, ଡିଏଲ୍‌ସି ଡା. ଗୌରୀଶଙ୍କର ପଣ୍ଡା, ଅତିତିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ ଉପସ୍ଥିତ ଥିଲେ।

## କଲରାପତରିଆ ବାଘ ନେଇ ସମାକୁପା ଜଙ୍ଗଲରେ ବନ ବିଭାଗର ସଚେତନତା

କନ୍ଧମାଳ,୫।୮ (ସମିସ): ବୌଦ୍ଧ ବନଖଣ୍ଡ କନ୍ଧମାଳ ବନାଞ୍ଚଳ ନାରାୟଣପ୍ରସାଦ ବନ ବିଭାଗ ଅଧୀନ ସମାକୁପା ଜଙ୍ଗଲ ଅଞ୍ଚଳରେ ଏକ କଲରାପତରିଆ ବାଘ ଚଳପ୍ରଚଳ କରୁଥିବା ସୂଚନା ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ଖବର ପାଇବା ପରେ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ଜଙ୍ଗଲ ମଧ୍ୟକୁ ନ ଯିବା ପାଇଁ ସଚେତନ କରାଯାଉଛି। ବାଘର ଗତିବିଧି ଉପରେ ନଜର ରଖିବା ସହ ଗ୍ରାମବାସୀଙ୍କୁ ସୁରକ୍ଷିତ ରହିବାକୁ ବନ ବିଭାଗ କର୍ମଚାରୀ ପରାମର୍ଶ ଦେଇଛନ୍ତି। ସନ୍ଧ୍ୟା ସମୟରେ ଘରୁ ନ ବାହାରିବା ଏବଂ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାକୁ ବନପାଳ ବରୁଣ ମୁଖୀ ନିବେଦନ କରିଛନ୍ତି।



## ବହୁ ପ୍ରତୀକ୍ଷିତ ଖରିଫ ଧାନ ପଞ୍ଜୀକରଣ ୭ରୁ

# ମାସେ ବିଳମ୍ବରେ ଆରମ୍ଭ; ନିୟମକୁ ନେଇ ଚିନ୍ତାରେ ଚାଷୀ

ବଣାଇଁଗଡ଼,୫।୮ (ସମିସ)

ଚଳିତ ଖରିଫ ଋତୁରେ ସରକାରୀ ଧାନକ୍ରୟ ପାଇଁ ଚାଷୀ ପଞ୍ଜୀକରଣ (ଧାନ କାର୍ଡ) ପ୍ରକ୍ରିୟା ଆସନ୍ତା ୭ ଅଗଷ୍ଟଠାରୁ ଆରମ୍ଭ ହେବାକୁ ଯାଉଛି। ସାଧାରଣତଃ ଏହି ପଞ୍ଜୀକରଣ ଜୁଲାଇ ମାସରୁ ଆରମ୍ଭ ହୋଇ ଅଗଷ୍ଟ ୧୫ ସୁଦ୍ଧା ଶେଷ ହୋଇଥାଏ। କିନ୍ତୁ ଚଳିତ ବର୍ଷ ପ୍ରାୟ ଏକ ମାସ ବିଳମ୍ବରେ ପ୍ରକ୍ରିୟା ଆରମ୍ଭ ହେବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ପ୍ରକାଶ ପାଇଛି।

ଏପଟେ ଚଳିତବର୍ଷ ସରକାର ଧାନ ପଞ୍ଜିକରଣ ପ୍ରକ୍ରିୟାରେ କିଛି କଡ଼ାକଡ଼ି ନିୟମ ଲାଗୁ କରିଥିବାରୁ ଅନେକ ଚାଷୀ ଦ୍ୱନ୍ଦରେ ପଡ଼ିଛନ୍ତି। ଜମିର କାଗଜପତ୍ର, ଆଧାର ସଂଯୋଗ, ବ୍ୟାଙ୍କ ଖାତା, ଭୂ-ରେକର୍ଡ ଓ ଅନ୍ୟାନ୍ୟ ଆବଶ୍ୟକ ଦଲିଲକୁ ନେଇ ଅନେକ ଚାଷୀ ଚିନ୍ତାରେ ରହିଛନ୍ତି। ବିଶେଷକରି ଭାଗଚାଷୀ ଓ ପଟ୍ଟାବିହୀନ ଚାଷୀମାନେ ନିଜ ଉତ୍ପାଦିତ ଧାନ ସରକାରଙ୍କୁ କିପରି ବିକ୍ରି କରିବେ ସେ ନେଇ ପ୍ରଶ୍ନ ଉଠାଇଛନ୍ତି।

**ଧାନ ବିକ୍ରିକୁ ନେଇ ବଢୁଛି ଅନିଶ୍ଚିତତା**




ବଣାଇ ଉପଖଣ୍ଡର ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କ କହିବା ଅନୁଯାୟୀ, ପଞ୍ଜୀକରଣରେ ବିଳମ୍ବ ହେବା ସହ କଡ଼ାକଡ଼ି ନିୟମ ଯୋଗୁ ସେମାନଙ୍କ ମଧ୍ୟରେ ଅନିଶ୍ଚିତତା ବଢ଼ିଛି। ଯଦି ସମସ୍ତ ଯୋଗ୍ୟ ଚାଷୀ ସହଜରେ ପଞ୍ଜିକୃତ ହୋଇପାରିବେ ନାହିଁ, ତେବେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାରେ ଅନେକ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି। ଚାଷୀମାନେ ସରକାରଙ୍କୁ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ ଓ ସ୍ୱଚ୍ଛ କରିବା ସହିତ ସମସ୍ତ ପ୍ରକୃତ ଚାଷୀଙ୍କୁ ଧାନ ବିକ୍ରିର ସୁଯୋଗ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଡୁଙ୍ଗୁରିପାଲି,୫।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଅରିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ପଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ନମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିନିକା ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡାଙ୍କୁ ମାନପତ୍ର, ଉପଢୌକନ ଓ ପେନସନ କାଗଜପତ୍ର ଦେଇ ସମ୍ମାନିତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଲକ୍ଷପତି ବେହେରା ମୁଖ୍ୟବକ୍ତା, ସାଂସଦ ପ୍ରତିନିଧି ବିଶ୍ୱମ୍ବର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁଶାନ୍ତ କମ୍ପ, ଯୁବ ନେତା ସୌମ୍ୟରଞ୍ଜନ ନାୟକ, ପୂର୍ବତନ ଏସଏମସି ସଭାପତି ପ୍ରକାଶ କର୍ମୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଶ୍ରୀ ପଣ୍ଡା ଜଣେ ସାଧୁ, ସତ୍ୟପ୍ରିୟ, ସମୟାନୁବର୍ତ୍ତୀ, ଜନପ୍ରିୟ ଶିକ୍ଷକ ବୋଲି କହିଥିଲେ। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭବାନୀ ଶଙ୍କର ଜଗଦଲ୍ଲା ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଏମ.ରାମପୁର,୫।୮(ସମିସ): କଳାହାଣ୍ଡି ଜିଲ୍ଲା ଏମ୍ ରାମପୁର ବ୍ଲକର ଡମକରଲାଖୁଣ୍ଟା ପଞ୍ଚାୟତର ମହିଳା ସରପଞ୍ଚ ସ୍ନିଗ୍ଧା ରଣାଙ୍କ ସ୍ୱାମୀ ଫକୀର ରଣା(୪୮)ଙ୍କୁ କେହି ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ସରପଞ୍ଚଙ୍କ ସ୍ୱାମୀ ତଥା ବିଜେପି ନେତା ଫକୀର ରଣା ବଜାରରୁ ସାଙ୍ଗମାନଙ୍କ ସହ କଥା ହୋଇ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ଗାଁ ପାଖ ପୋଲ ନିକଟରେ କିଛି ଦୁର୍ବୃତ୍ତ ଅଚାନକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପରିବାରଲୋକେ ଖବରପାଇ ତାଙ୍କୁ ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏହି ଘଟଣାରେ କେତେଜଣ ଥିଲେ ତାହା ଜଣାପଡି ନ ଥିବାବେଳେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ସଦଳବଳ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

## ଜଣେ ଶିକ୍ଷକରେ ଚାଲିଛି ସ୍କୁଲ

କର୍ଲାମୁଣ୍ଡା,୫।୮(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ଅନେକ ସ୍କୁଲରେ ଶିକ୍ଷକ ଅଭାବ ରହିଛି। କେଉଁଠି ଜଣେ ତ କେଉଁଠି ଦୁଇଜଣ ଶିକ୍ଷକଙ୍କ ଭରସାରେ ଚାଲିଛି ସ୍କୁଲ। ଏହିପରି ବୋରପଦର ପଞ୍ଚାୟତର ବଡିକୁପା ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ମାତ୍ରଜଣେ ଶିକ୍ଷକଙ୍କ ଭରସାରେ ପାଠପଢ଼ା ଚାଲିଥିବାରୁ ଅଭିଭାବକ ଓ ସ୍ଥାନୀୟଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟରେ ପ୍ରଥମଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସମସ୍ତ ଶ୍ରେଣୀର ପାଠଦାନ, ମଧ୍ୟାହ୍ନଭୋଜନ ତଦାରଖ ସହିତ ବିଭିନ୍ନ ସରକାରୀ କାର୍ଯ୍ୟ ଜଣେ ଶିକ୍ଷକଙ୍କୁ ହିଁ ସମ୍ଭାଳିବାକୁ ପଡୁଛି। ଏପରି ପରିସ୍ଥିତିରେ ପ୍ରତ୍ୟେକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା କଷ୍ଟସାଧ ହୋଇପଡ଼ିଛି। ସ୍ଥାନୀୟ ଅଭିଭାବକମାନେ ଶୀଘ୍ର ବିଦ୍ୟାଳୟରେ ଅତିରିକ୍ତ ଶିକ୍ଷକ ନିଯୁକ୍ତି କରିବାକୁ ଶିକ୍ଷା ବିଭାଗ ନିକଟରେ ଦାବି କରିଛନ୍ତି। ଏନେଇ ବ୍ଲକ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ନାଏକଙ୍କୁ ପଚାରିବାରୁ ଏହି ବିଦ୍ୟାଳୟକୁ ଶିକ୍ଷକ ଦେବାପାଇଁ କଣ୍ଡରେଇ ବିଦ୍ୟାଳୟ ଶିକ୍ଷକଙ୍କୁ ଦାଣ୍ଡିଭଯା ବିଦ୍ୟାଳୟ ଓ ଦାଣ୍ଡିଭଯା ବିଦ୍ୟାଳୟ ଶିକ୍ଷକଙ୍କୁ ବଡିକୁପା ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା। ତେବେ କଣ୍ଡରେଇ ଗ୍ରାମବାସୀ ତାଙ୍କ ଶିକ୍ଷକଙ୍କ ବଦଳିକୁ ବାତିଲ କରିବାକୁ କହି ବିଦ୍ୟାଳୟରେ ଆନ୍ଦୋଳନ କରିବାକୁ ଚେତାବନୀ ଦେବା ପରେ ବଦଳିକୁ ବାତିଲ କରିବାକୁ ବାଧ ହୋଇଥିଲୁ। ଆସନ୍ତା ସପ୍ତାହ ମଧ୍ୟରେ ବଡିକୁପା ବିଦ୍ୟାଳୟକୁ ଶିକ୍ଷକ ଦିଆଯିବ ବୋଲି କହିଛନ୍ତି। ଆରକ୍ଷଣ

## ୭୫ ଅଙ୍ଗନବାଡ଼ି କେନ୍ଦ୍ରକୁ ଜଣେ ସୁପରଭାଇଜର

କର୍ଲାମୁଣ୍ଡା,୫।୮(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ୧୨ଟି ପଞ୍ଚାୟତରେ ରହିଛି ୬୨ଟି ରାଜସ୍ୱ ଗ୍ରାମ। ଶିଶୁ, ଗର୍ଭବତୀ, ପ୍ରସୂତୀ, କିଶୋରୀ ବାଳିକାମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆଇସିଡିଏସ୍ ଯୋଜନାରେ ଏହି ବ୍ଲକରେ ରହିଛି ୭୫ଟି ଅଙ୍ଗନବାଡ଼ି କେନ୍ଦ୍ର। ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକର ତଦାରଖ ତଥା ପରିଦର୍ଶନ ପାଇଁ ଆବଶ୍ୟକ ପଦ ଖାଲି ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ସିଡିପିଓ କଳ୍ପଲତା ତ୍ରିପାଠୀ ଓ ଜଣେ ମାତ୍ର ସୁପରଭାଇଜର ରହିଛନ୍ତି। ସେହପରି କିରାଣି ଅଶୋକ କୁମାର ସାହୁଙ୍କ ଅବସର ପରେ କିରାଣି ପଦ ଖାଲି ରହିଛି। ଫଳରେ ଜଣେ ମାତ୍ର ସୁପରଭାଇଜରଙ୍କ ଉପରେ ୭୫ଟି ଅଙ୍ଗନବାଡ଼ି କେନ୍ଦ୍ରର ପରିଦର୍ଶନ, ତଦାରଖ ଓ ପ୍ରଶାସନିକ ଦାୟିତ୍ୱ ପଡୁଥିବାରୁ କ୍ଷେତ୍ରସ୍ତରରେ କାର୍ଯ୍ୟର ସଫଳତା ଓ ନିୟମିତ ମନିଟରିଂରେ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଉଛି। ଖାଲି ପଡ଼ିଥିବା ସୁପରଭାଇଜର ଓ କିରାଣି ପଦ ଶୀଘ୍ର ପୂରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାର ଆବଶ୍ୟକ ରହିଛି। ଏନେଇ ସିଡିପିଓ କଳ୍ପଲତା ତ୍ରିପାଠୀଙ୍କୁ ପଚାରିବାରୁ ପଦଗୁଡ଼ିକ ଖାଲି ରହିଛି, ଶୀଘ୍ର ପୂରଣ ପାଇଁ ଚିଠି କରିଛୁ ବୋଲି କହିଛନ୍ତି।

### ଏନ୍‌ସିସି ନାଭାଲ ୟୁନିଟ୍ କବ୍‌ଜାରେ ବ୍ରଜମୋହନ ହାଇସ୍କୁଲର ଜାଗା

# ହଷ୍ଟେଲ ସୁବିଧାରୁ ବଞ୍ଚିତ ଦଳିତ ଆଦିବାସୀ ଛାତ୍ରୀ

ଭବାନୀପାଟଣା,୫।୮(ସମିସ)

ଅବିଭକ୍ତ କଳାହାଣ୍ଡିର ଗର୍ବ ଗୌରବ ତଥା ସୁନାମ ଅର୍ଜନରେ ଶିଖର ଛୁଇଁଥିବା ଓଡ଼ିଶାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବ୍ରଜମୋହନ ହାଇସ୍କୁଲର ଜାଗାକୁନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘବର୍ଷ ପୂର୍ବେ ଭବାନୀପାଟଣାରେ ନୂଆକରି ପଦାର୍ପଣ କରିଥିବା ଏନ୍‌ସିସି ନାଭାଲ ୟୁନିଟର କାର୍ଯ୍ୟକାରିତା ଲକ୍ଷ୍ୟରେ ତତ୍କାଳୀନ ଜିଲ୍ଲାପାଳ ଦୟାପରବଶ ହୋଇ ୟୁନିଟ ଖୋଲିବା ଉଦ୍ଦେଶ୍ୟରେ ଜାଗା ଦେଇଥିଲେ। ଯେଉଁ ଜାଗା ଦଳିତ ଆଦିବାସୀ ଛାତ୍ରୀ ନିବାସ ପାଇଁ ଉଦ୍ଦିଷ୍ଟ। ଜିଲ୍ଲା ପ୍ରଶାସନ ତରଫରୁ ଦୟାରେ ଦିଆଯାଇଥିବା ଜାଗାରେ ଏବେ ନାଭାଲ ୟୁନିଟ ର ମାୟା ଲାଗିଯାଇଛି। ଚିଠି ଲେଖି ବାରମ୍ବାର ଜଣାଇଲେ ସୁଦ୍ଧା ନାଭାଲ ୟୁନିଟ ଜାଗା ଛାଡିବାର ନାଁ ଧରୁନାହାନ୍ତି। ଆଦିବାସୀ ହଷ୍ଟେଲକୁ ଏନ୍‌ସିସି ନାଭାଲ ୟୁନିଟ୍ ଦୀର୍ଘ ବର୍ଷ ଧରି କବ୍‌ଜା କରିଥିବାରୁ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳରୁ ପାଠ ପଢିବା ପାଇଁ ଆସୁଥିବା ଦଳିତ, ଆଦିବାସୀ ଛାତ୍ରୀମାନେ ହଷ୍ଟେଲ ସୁବିଧା ନଥିବା ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଅନେକ ଛାତ୍ରୀ ପାଠପଢ଼ା ଛାଡ଼ି ଚାଲିଯାଉଥିବା ଦେଖାଦେଉଛି। ସେମାନଙ୍କ ଶିକ୍ଷା,ସ୍ୱାସ୍ଥ୍ୟ,ସାଂସ୍କୃତିକ ଜୀବନଧାରା ଉନ୍ନତି ପାଇଁ ଏହି ଛାତ୍ରୀ ନିବାସର ପରିକଳ୍ପନା କରାଯାଇଥିଲା। କିଛିଦିନ ପାଇଁ ସୁବିଧା ଉପଲବ୍ଧ କରିବାପରେ ବର୍ତ୍ତମାନ ନାଭାଲ ୟୁନିଟ ବର୍ଷ ବର୍ଷ ଧରି ସେ ସ୍ଥାନରେ ଆସ୍ଥାନ ଜମେଇ ଆସୁଛନ୍ତି। ସୂଚନା ଅନୁଯାୟୀ ୨୦୧୨ରେ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୩୦୮୫୧/୨୯.୦୯.୨୦୧୨ ଅନୁସାରେ ବ୍ରଜମୋହନ ହାଇସ୍କୁଲର ଆଦିବାସୀ ହଷ୍ଟେଲରେ ଅସ୍ଥାୟୀ ଭାବରେ ଏନ୍‌ସିସି ନାଭାଲ ୟୁନିଟ ଆରମ୍ଭ କରିବାକୁ ଅନୁମତୀ ପ୍ରଦାନ କରାଯାଇଥିଲା। ଦୀର୍ଘବର୍ଷ ଧରି ଉକ୍ତ ହଷ୍ଟେଲରେ ଅଫିସ ଖୋଲି ଅନ୍ୟତ୍ର ନାଭାଲ ୟୁନିଟ ନିଜ ଅଫିସ ତିଆରି କରୁନଥିବା ଏବଂ ହଷ୍ଟେଲ ଛାଡୁନଥିବାରୁ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ହଷ୍ଟେଲ ଖାଲି କରିବା ସକାଶେ ପତ୍ରାଳାପ କରିଛନ୍ତି।



### ଦୟାରେ ପାଇଥିଲେ ଏବେ ମାୟା ଲାଗିଗଲା

କଳାହାଣ୍ଡି ଜିଲ୍ଲାପାଳ ଉକ୍ତ ହଷ୍ଟେଲକୁ ଖାଲିକରିବା ସକାଶେ ପତ୍ର ନାଭାଲ ୟୁନିଟକୁ ପତ୍ର ଦେଇଥିଲେ ମଧ ସେମାନେ ଏଯାଏଁ ଖାଲି ନକରିବା ଦୁର୍ଭାଗ୍ୟଜନକ।

ହଷ୍ଟେଲ ହସ୍ତାନ୍ତର ନ ହେବାରୁ ଜିଲ୍ଲାପାଳ କଳାହାଣ୍ଡି କମିସନର୍ ଓ ଗଣଶିକ୍ଷା ବିଭାଗକୁ ନାଭାଲ ୟୁନିଟକୁ ଅନୁମତୀ ଦେଇଥିବା ଆଦେଶକୁ ରଦ୍ଦ କରି ତୁରନ୍ତ ହଷ୍ଟେଲ ବ୍ରହମୋହନ ହାଇସ୍କୁଲକୁ ହସ୍ତାନ୍ତର କରିବା ପାଇଁ ଅନୁରୋଧ କରିଥିଲେ। ପତ୍ର ପାଇବା ପରେ ସ୍କୁଲ ଓ ଗଣଶିକ୍ଷା କମିଶନର୍ / ସେକ୍ରେଟାରୀ ପତ୍ର ନଂ.୬୪୦୩/ଡିଏମ୍ଇ/୩୧.୦୩.୨୦୨୬ ରେ ପୂର୍ବରୁ ଦିଆଯାଇଥିବା ଅନୁମତି ରଦ୍ଦ କରାଯାଇ ହଷ୍ଟେଲପାଇଁ ନାଭାଲ ୟୁନିଟ ଖାଲି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ବର୍ଷ ଧରି ଆଜିଯାଏଁ ନାଭାଲ ୟୁନିଟ ଏନ୍‌ସିସିର ଅଧିକାରୀମାନେ ସରକାରୀଆଦେଶକୁ ବେଖାତିର କରିଆଦିବାସୀ ହଷ୍ଟେଲକୁ ବ୍ରଜମୋହନ ହାଇସ୍କୁଲକୁ ହସ୍ତାନ୍ତର କରୁନଥିବାରୁ ଚଳିତବର୍ଷ ମଧ ଅନେକ ଦଳିତ ଆଦିବାସୀ ଛାତ୍ରୀ ହଷ୍ଟେଲ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ହସ୍ତକ୍ଷେପକରି ଉକ୍ତ ହଷ୍ଟେଲକୁ ବ୍ରଜମୋହନ ହାଇସ୍କୁଲକୁ ହସ୍ତାନ୍ତର କରିବା ପାଇଁ ବିଭିନ୍ନ ଆଦିବାସୀ ସଂଗଠନ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ୧୯୧୬ମସିହାର ଏହି ବିଦ୍ୟାଳୟର ଏହି ଦୁର୍ଦ୍ଦଶାକୁ ସମଗ୍ର ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଡବଲ ଇଞ୍ଜିନ ସରକାର ତୁରନ୍ତ ଏହାର ବିଧିବଦ୍ଧ ପଦକ୍ଷେପ ନେବାପାଇଁ ଦାବି ହୋଇଛି।

## ଚାରି ଦଫା ଦାବି ନେଇ ଓଷ୍ଟା ଶିକ୍ଷକ ସଂଘର ବିକ୍ଷୋଭ



ଖଡ଼ିଆଳ,୫।୮(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ଚାରି ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଖଡ଼ିଆଳ ବିଡିଓ ମିଳନ କୁମାର ଝଙ୍କାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର କହିବା ଅନୁଯାୟୀ, ରାଜ୍ୟର ୧୯୪ ଟି ଓଷ୍ଟା ବିଦ୍ୟାଳୟରେ ଶିକ୍ଷକମାନେ ଦୀର୍ଘଦିନ ଧରି ନିୟମିତ ଭାବେ କାର୍ଯ୍ୟ କରୁଥିଲେ ମଧ ସେମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ସେମାନଙ୍କର ମୁଖ୍ୟ ଦାବିଗୁଡ଼ିକ ହେଲା ସମାନ କାମକୁ ସମାନ ଦରମା ପ୍ରଦାନ, ୧୯୪ ଟି ଓଷ୍ଟା ବିଦ୍ୟାଳୟକୁ ସରକାରୀ ଅନୁଦାନ, ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ପାଇଁ ଅବସର ପରେ ପେନସନ ବ୍ୟବସ୍ଥା ଲାଗୁ କରିବା ଏବଂ ଅନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପରି ଓଷ୍ଟା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ ଛାତ୍ରବୃତ୍ତି ପ୍ରଦାନ କରିବା। ଏହି ଅବସରରେ ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ଆସି ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସରକାରଙ୍କ ପ୍ରତିନିଧି ଭାବେ ବିଡିଓଙ୍କୁ ନିଜ ଦାବି ସମ୍ପର୍କରେ ଅବଗତ କରାଇଥିଲେ। ସ୍ମାରକପତ୍ର ଗ୍ରହଣ କରି ବିଡିଓ ମିଳନ କୁମାର ଝଙ୍କାର କହିଥିଲେ ଯେ, ଏହାକୁ ନିୟମାନୁସାରେ ଉପରସ୍ଥ ଅଧିକାରୀଙ୍କ ଜରିଆରେ ସରକାରଙ୍କ ନିକଟକୁ ପ୍ରେରଣ କରାଯିବ।

## ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ

ସିନାପାଲି,୫।୮(ସମିସ): ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବା ସହିତ ଧାରଣା ଦିଆଯାଇଛି। ଶତାଧିକ ଶିକ୍ଷକ ଓ କର୍ମଚାରୀ ଏକ ରାଲିରେ ଆସି ଅଫିସ ସମ୍ମୁଖରେ ଏକ ପ୍ରତିବାଦ ସଭା କରିଥିଲେ। କିଶୋର କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରବୀନ୍ଦ୍ରନାଥ ଯୋଷୀ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଉଭୟଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯୋଗ୍ୟ ବିବେଚିତ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ୍ ପ୍ରଦାନ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା , ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କ ନିୟମିତ ପୂର୍ବ ୬ ବର୍ଷ ଚାକିରି କାଳକୁ ମୂଳଚାକିରିରେ ଗଣନା କରିବା, ଅବସର ବୟସ ସୀମା ୬୨ ବର୍ଷ କୁ ବୃଦ୍ଧି, ୨୮୦୦ ଗ୍ରେଡ ପେରେ ଥିବା ଅସଙ୍ଗତି ଦୂରୀକରଣ ଇତ୍ୟାଦି ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ରାଜ କୁମାର ତାଣ୍ଡି, କିଶୋର ଚନ୍ଦ୍ର ଯୋଷୀ, ନବ କିଶୋର ଆଚାର୍ଯ୍ୟ, ରୁଦ୍ର ମାଧବ ସା, ଶର୍ମିଳା ଶତପଥୀ , ରୁଦ୍ରମାଧବ ସା, ଅନିମା ପଣ୍ଡା, ନଳିନୀ ପ୍ରଭା ମେହେର, ସୁନନ୍ଦା ମେହେର, ଉର୍ମିଳା ଦେବାଙ୍ଗନ, ବିବେକାନନ୍ଦ ଭୋଇ, ସଂଗ୍ରାମ କେଶରୀ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ଆ।ସନ୍ତା ୭ ତାରିଖ ଦିନ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଜଣାପଡ଼ିଛି।




## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଭବାନୀପାଟଣା,୫।୮(ସମିସ): ଭବାନୀପାଟଣା ବ୍ଲକ୍ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସେଁପୁର ଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନେ ବିଜ୍ଞାନ ଏବଂ ଗଣିତ ପ୍ରକଳ୍ପ ଓ ଚାର୍ଟ ପ୍ରଦର୍ଶନ କରିଥିଲେ। ବିଚାରକ ଭାବରେ ସାଲେଭଟା ହାଇ ସ୍କୁଲର ବିଜ୍ଞାନଶିକ୍ଷକ ଅନୁରାଗ ହୋତା ଏବଂ ଜନତା ହାଇସ୍କୁଲ ବୋର୍ଡାର ଆଶୁତୋଷ ପ୍ରଧାନ ଯୋଗଦେଇଥିଲେ। ଏଥିରେ ୧୮୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଟିକଦେବ ସାହୁ ସଭାପତି କରିଥିଲେ। ମଞ୍ଚ ସଂଯୋଜନା ଜନାର୍ଦ୍ଦନ ବାଗ କରିଥିବାବେଳେ ବୃତ୍ତକଥନ ଗଙ୍ଗାଧର ଚଲାନ କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନା ସମିତିର ସଭାପତି ଭିକାରି ଚରଣ ସାହୁ, ସମ୍ପାଦକ ରାଜେଶ ପ୍ରସାଦ ସାହୁ, ଉପ-ସଭାପତି ବାଞ୍ଛାନିଧି ମିଶ୍ର, କୋଷାଧ୍ୟକ୍ଷ ମକରଧ୍ୱଜ ସାହୁ, ଗୁରୁ ଅଜିତ ପଟ୍ଟନାୟକଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

## ବିପଦ ସାଜିଛି ହାତୀଶାଳ ଘାଟି; ରାସ୍ତା ଚଉଡ଼ା କରିବାକୁ ଦାବି

ଲାଞ୍ଜିଗଡ଼,୫।୮(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁରୁ ବିଜେପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଥିବା ହାତୀଶାଳ ଘାଟି ଏବେ ଗମନାଗମନ ପାଇଁ ବିପଦ ସାଜିଛି। ବିଭିନ୍ନ ପଞ୍ଚାୟତର ଲୋକେ ବ୍ଲକ, ତହସିଲ, ଡାକ୍ତରଖାନା, ବ୍ୟାଙ୍କ୍ କାର୍ଯ୍ୟପାଇଁ ବ୍ଲକ୍ ମୁଖ୍ୟାଳୟ ବିଶ୍ୱନାଥପୁର ଆସିବାକୁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏହି ଘାଟି ରାସ୍ତାରେ ବିଭିନ୍ନ ସ୍ଥାନରେ ତୀବ୍ର ମୋଡ ରହିଥିବାବେଳେ ରାସ୍ତା ବହୁସ୍ଥାନରେ ଖାଲଖମା ହୋଇପଡ଼ିଛି। କେତେକ ସ୍ଥାନରେ ବଡ଼ ବଡ଼ ଖାଲ ଥିବାରୁ ବର୍ଷା ହେଲେ ଯାତ୍ରୀବାହୀ ଗାଡି ଓ ବାଇକ୍ ଆରୋହୀମାନେ ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅତ୍ୟଧିକ ଉଚ୍ଚ ଓ ବିପଦସଙ୍କୁଳ ହୋଇଥିବା ସତ୍ତ୍ୱେ ଘାଟି ସ୍ଥାନରେ କୌଣସି ସୂଚନା ବୋର୍ଡ କିମ୍ବା ସୁରକ୍ଷା ବାଡ଼ ନାହିଁ।



ଫଳରେ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। କେତେବେଳେ ବଡ଼ ବଡ଼ ଟ୍ରକ ମଧ ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସି ପଡୁଛି। ଏହି ଦୁର୍ଘଟଣାରେ ବହୁ ଲୋକ ଆହତ ହୋଇସାରିଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶତାଧିକ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯାଉଥିବା ବେଳେ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏହି ଘାଟି ରାସ୍ତାର ତୁରନ୍ତ ମରାମତି, ଚଉଡ଼ାକରଣ ସହିତ ସୂଚନା ବୋର୍ଡ ଓ ସୁରକ୍ଷା ବାଡ଼ ଲଗାଇବା ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରିଆସୁଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

- ଶ୍ରାବଣ ପୂର୍ଣ୍ଣିମାରେ ପାଳିତ ହେବ ନୂଆଖାଇ

## ସତ୍ୟମହିମା ଆଶ୍ରମ ପରବାଙ୍ଗିରେ ପ୍ରସ୍ତୁତି ଯୋରଦାର

ଭବାନୀପାଟଣା,୫।୮(ସମିସ): ଶ୍ରାବଣ ପୂର୍ଣ୍ଣିମାରେ ପଶ୍ଚିମ ଓଡ଼ିଶାର ସମସ୍ତ ମହିମା ଧର୍ମାବଲମ୍ବୀ ନୂତନ ବର୍ଷର ଉତ୍ପାଦିତ ନୂଆଁ ଧାନକୁ ପ୍ରଭୁଙ୍କୁ ଅର୍ପଣ କରି ନବାନ୍ନ ଭକ୍ଷଣ କରିବାର ବିଧି ରହିଛି। ସେହିକ୍ରମରେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ପରବାଙ୍ଗି ସ୍ଥିତ ସତ୍ୟ ମହିମା ଆଶ୍ରମରେ ଆସନ୍ତା ଅଗଷ୍ଟ ୨୭ ତାରିଖ ଶ୍ରାବଣ ପୂର୍ଣ୍ଣିମା ଦିନ ନବାନ୍ନଭକ୍ଷଣ (ନୂଆଖାଇ) ପାଳିତ ହେବ। ଏନେଇ ସୂଚନା ଦେଇଛନ୍ତି ମଠାଧୀଶ ସାଧୁ ପ୍ରଭାକର ଦାସ ମହାରାଜ। ଶ୍ରାବଣ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଅଗଷ୍ଟ ୨୬ ଦିନ ସନ୍ଧ୍ୟାରେ ଅଖଣ୍ଡ ବ୍ରହ୍ମ ଧୂନି ପ୍ରଜ୍ୱଳନ ପୂର୍ବକ ଅହୋରାତ୍ର ପ୍ରଭୁଙ୍କ ନାମ ଭଜନ କରାଯିବ। ଗୁରୁବାର ଶ୍ରାବଣ ପୂର୍ଣ୍ଣିମା ବ୍ରହ୍ମ ମୁହୂର୍ତ୍ତରେ ସପ୍ତମୃତ ପଣା ସହ ନବାନ୍ନକୁ ପ୍ରଭୁଙ୍କୁ ଅର୍ପଣ କଲା ପରେ ସକାଳ ୭ ଘଣ୍ଟା ସମୟରେ ସମସ୍ତ ମହିମା ଧର୍ମାବଲମ୍ବୀ ନବାନ୍ନ ଭକ୍ଷଣ କରିବେ।

## ମମତା ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ

ଧର୍ମଗଡ଼,୫।୮(ସମିସ): ବିଜେପି କଳାହାଣ୍ଡି ଜିଲ୍ଲା ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଭାବେ ମମତା କଶ୍ୟପଙ୍କୁ ମନୋନୀତ କରାଯାଇଛି। ଦଳର ଜିଲ୍ଲା ନେତୃତ୍ୱ ପକ୍ଷରୁ ଏହି ଘୋଷଣା କରାଯାଇଥିବା ବେଳେ ଧର୍ମଗଡ ବିଜେପି କର୍ମୀ ଓ ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହର ଲହରୀ ଖେଳିଯାଇଛି। ଦୀର୍ଘଦିନ ଧରି ସଂଗଠନକୁ ସୁଦୃଢ଼ କରିବା, ମହିଳା ସଶକ୍ତିକରଣ ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ କଶ୍ୟପ ସକ୍ରିୟ ଭୂମିକା ନିଭାଇ ଆସୁଥିବାବେଳେ ତାଙ୍କ ସାଂଗଠନିକ ଦକ୍ଷତା ଓ ନିଷ୍ଠାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ଦଳୀୟ ସୂତ୍ରରୁ ପ୍ରକାଶ। ନୂତନ ଦାୟିତ୍ୱ ପାଇବା ପରେ ମମତା କଶ୍ୟପ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟଯୋଶୀ, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ଏବଂ ଦଳର ଶୀର୍ଷ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଛନ୍ତି। ମହିଳା ମୋର୍ଚ୍ଚାକୁ ଆହୁରି ସୁଦୃଢ଼ କରିବା ସହ ସାଧାରଣଲୋକଙ୍କ ସେବା ଓ ସଂଗଠନର ବିକାଶ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।




### ନାର୍କୋ ସମନ୍ୱୟ କେନ୍ଦ୍ର ମେକାନିଜମ୍ କମିଟି ବୈଠକ


# ମାଦକ ବିରୋଧୀ ସଚେତନତା ଓ ମିଳିତ ଚଢ଼ଉ ଉପରେ ଗୁରୁତ୍ୱ

ସିନାପାଲି,୫।୮(ସମିସ)

ନୂଆପଡ଼ା ଜିଲ୍ଲାସ୍ତରୀୟ ନାର୍କୋ ସମନ୍ୱୟ କେନ୍ଦ୍ର (ଏନ୍‌ସିଓଆର୍ଡି) ମେକାନିଜମ କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ମାଦକଦ୍ରବ୍ୟର ଅବୈଧ କାରବାର ରୋକିବା, ସଚେତନତାକୁ ଅଧିକ ବ୍ୟାପକ କରିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟପଦ୍ଧତିକୁ ସୁଦୃଢ଼ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଇନ୍ସପେକ୍ଟର ଅଫ୍ ପୁଲିସ ବି. ରୁଦ୍ରିୟା ସମସ୍ତଙ୍କୁ ସ୍ୱାଗତଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ମାଦକ ବିରୋଧୀ ସଚେତନତା ଅଭିଯାନକୁ ବ୍ୟାପକ କରିବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗକୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ମାସରେ ମାଦକ ବିରୋଧୀ ସାଂସ୍କୃତିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଜନସାଧାରଣଙ୍କ ମଧ୍ୟରେ ସକାରାତ୍ମକ ବାର୍ତ୍ତା ପହଞ୍ଚାଇବାକୁ ମଧ ସେ କହିଥିଲେ। ଅବୈଧ ମାଦକ କାରବାର ବିରୋଧରେ କଠୋର ପଦକ୍ଷେପ ସ୍ୱରୂପ ପୁଲିସ ଓ ଅବକାରୀ ବିଭାଗ ପ୍ରତି ମାସରେ ଅତି କମ୍‌ରେ ଥରେ ମିଳିତ ଚଢ଼ଉ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରେଶମଲାଲ ନାୟକ ସୂଚନା ଦେଇଥିଲେ ଯେ, ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ମାଦକଦ୍ରବ୍ୟ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଏଥିସହ ସମସ୍ତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଏବଂ ଯେଉଁ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଛି, ସେଠାରେ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ 'ବ୍ରାଣ୍ଡ ଆମ୍ବାସାଡର' ଭାବେ ମନୋନୀତ କରାଯାଇ 'ଡ୍ରଗ୍ସକୁ ନା' ବାର୍ତ୍ତାର ପ୍ରଚାର କରାଯିବ। ପୁଲିସ ପକ୍ଷରୁ ଚଳିତବର୍ଷ ୬ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ୮ ଜଣଙ୍କୁ ଗିରଫ କରାଯାଇଥିବା ସହ ୪୨.୮ କିଲୋଗ୍ରାମ ଗଞ୍ଜେଇ ଓ ୨୦ ଲିଟର କଫ୍ ସିରପ୍ ଜବତ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ୬୦୯ଟି ମାମଲା ଚିହ୍ନଟ କରାଯାଇ ୫୨୩ ଜଣଙ୍କୁ ଗିରଫ କରାଯାଇଥିବା ସହ ବିପୁଳ ପରିମାଣର ଦେଶୀ ମଦ, ପୋଚ, ତାଡ଼ି, ବିଦେଶୀ ମଦ, ଗଞ୍ଜେଇ ଓ ମହୁଲ ଫୁଲ ଜବତ କରାଯାଇଥିବା ସୂଚନା ଦିଆଯାଇଥିଲା। ଜିଲ୍ଲାପାଳ କହିଥିଲେ ଯେ, ମାଦକମୁକ୍ତ ସମାଜ ଗଠନ କେବଳ ଆଇନ ପ୍ରୟୋଗ ଦ୍ୱାରା ସମ୍ଭବ ନୁହେଁ; ଏଥିପାଇଁ ଜନସଚେତନତା, ପରିବାର, ଶିକ୍ଷାନୁଷ୍ଠାନ ଓ ସମସ୍ତ ସରକାରୀ ବିଭାଗର ସକ୍ରିୟ ସହଯୋଗ ଅତ୍ୟନ୍ତ ଆବଶ୍ୟକ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଭାରପ୍ରାପ୍ତ ସିଡିଏମ୍ଓ ଡ. ଦ୍ୱାରିକାନାଥ ଶତପଥୀ, ସିଡିଏଓ ପ୍ରଣତିରାଣୀ ପ୍ରଧାନ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ, ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ଡ୍ରଗ୍ସ ଇନ୍ସପେକ୍ଟର ପ୍ରସନ୍ନଜିତ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



## ମାଲପଡ଼ାରେ ବିଶେଷ ଭେଷଜ ସ୍ୱାସ୍ଥ୍ୟ ଶିବିର





କେସିଙ୍ଗା,୫।୮(ସମିସ): ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଲୋକଙ୍କ ପାଖରେ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ବୁଧବାର କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ମାଲପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏସବିଆଇ ଓ ରାମକୀ ଫାଉଣ୍ଡେସନ ପକ୍ଷରୁ ଏକ ଭେଷଜ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି।

ଉକ୍ତ ଶିବିରରେ ଛାତ୍ରଛାତ୍ରୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାଶିବ ହରିଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶିବିରରେ ବିଶେଷ ଭେଷଜ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର ଖଟୁଆ ଉପସ୍ଥିତ ରହି ୧୩୮ ଜଣ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ୮୦ ଜଣଙ୍କୁ ମାଗଣା ଔଷଧ ସହ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମକୀ ଫାଉଣ୍ଡେସନର ଜିଲ୍ଲା ପିସି ଡାକ୍ତର ବିମଳ ଚରଣ ଷଡଙ୍ଗୀ, ଫାର୍ମାସିଷ୍ଟ ଜୋସ୍ନାରାନି ବେହେରା, ଷ୍ଟାଫନର୍ସ ପାଙ୍କଜିନି ରଣା, ଏଲ୍‌ଟି ନିତୁ ନାୟକ, ନିରଞ୍ଜନ ହାତୀଙ୍କ ସମେତ ବିଦ୍ୟାଳୟର ସଭାପତି ଦୀନବନ୍ଧୁ ରଣା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ସିନ୍ଧୁସୁତା ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



କେବଳ ଅର୍ଥ ଓ କ୍ଷମତା ସୁଖ ଦେଇପାରିବ ନାହିଁ, ଏହାର ପ୍ରକୃତ ଉତ୍ସ ହେଉଛି ହୃଦୟବତ୍ତା।
-ଦଲାଇଲାମା

## କୁମ୍ଭୀର-କାନ୍ଦଣା

କୁମ୍ଭୀର ଆକ୍ରମଣରେ ମଣିଷ ମୃତ୍ୟୁ ଘଟଣାରେ କେନ୍ଦ୍ରାପଡ଼ା ପୁଣି ଥରେ ଜାତୀୟସ୍ତରରେ ଚର୍ଚ୍ଚାକୁ ଆସିଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଦାମୋଦରପାଟଣା ଗ୍ରାମର ଜନୈକା ୪୬ ବର୍ଷର ମହିଳା ଶୌଚ ହେବା ପାଇଁ ବ୍ରାହ୍ମଣୀ ନଦୀ ତଟକୁ ଯାଇଥିବା ବେଳେ କୁମ୍ଭୀର ତାଙ୍କୁ ପାଣି ଭିତରକୁ ଟାଣି ନେଇଥିଲା। ଏଭଳି ଅବାଞ୍ଛିତ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ନିୟମିତ ଘଟଣା ହୋଇଯାଇଛି। ସରକାରୀ ସୂତ୍ରରୁ ପ୍ରାପ୍ତ ତଥ୍ୟାନୁଯାୟୀ ଗତ ୧୭ ମାସ ଭିତରେ କୁମ୍ଭୀର ଆକ୍ରମଣରେ ୬ଜଣଙ୍କ ଜୀବନ ଯାଇଥିବା ବେଳେ ଗତ ତିନିବର୍ଷ ଭିତରେ ୧୬ ଜଣଙ୍କର ମୃତ୍ୟୁ ଘଟିଛି।

ମଣିଷ-ପଶୁ ଲଢ଼େଇ ଓ ମୃତାହତ ଘଟଣା ଅସ୍ୱାଭାବିକ ନୁହେଁ। ଜୀବନ ସଂଘର୍ଷରେ ଉଭୟେ ଉଭୟଙ୍କୁ ଆକ୍ରମଣ ଓ ପ୍ରତିଆକ୍ରମଣର କ୍ରିୟା-ପ୍ରତିକ୍ରିୟା ପ୍ରାଗ୍‌ଐତିହାସିକ ଯୁଗରୁ ଚାଲିଆସିଛି। ତେବେ କେନ୍ଦ୍ରାପଡ଼ା ଜିଲ୍ଲା, ବିଶେଷକରି ରାଜନଗର ବ୍ଲକର ବିଭିନ୍ନ ନଦୀକୂଳିଆ ଅଞ୍ଚଳରେ ଘଟୁଥିବା କୁମ୍ଭୀର-ମଣିଷ ଲଢ଼େଇର କାହାଣୀ ଭିନ୍ନ ଧରଣର। ସ୍ଥାନୀୟ ଭିତରକନିକା ଅଭୟାରଣ୍ୟରେ ବିଶ୍ୱବିଦିତ ଘଡ଼ିଆଳ କୁମ୍ଭୀର ପ୍ରକଳ୍ପ ଆରମ୍ଭ ହେବାର କିଛିବର୍ଷ ପରେ ଏହି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟତଃ ଘଡ଼ିଆଳ କୁମ୍ଭୀରର ବଂଶବୃଦ୍ଧି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରେ ଏବେ କୁମ୍ଭୀର ସଂଖ୍ୟା ଏତେ ବଢ଼ିଯାଇଛି ଯେ ସେମାନେ ଖାଦ୍ୟ ଅନ୍ୱେଷଣରେ ନଦୀ ତଟକୁ ଚାଲି ଆସି ମଣିଷମାନଙ୍କୁ ଆକ୍ରମଣ କରୁଛନ୍ତି। ଏଣୁ ସେମାନଙ୍କ ସଂଖ୍ୟା ହ୍ରାସ କରିବାକୁ ସ୍ଥାନୀୟ ଅଞ୍ଚଳରୁ ବାରମ୍ବାର ଦାବି ହୋଇଆସୁଛି।

ଅପରପକ୍ଷରେ ପରିବେଶବିତ୍ ଓ ପ୍ରାଣୀ ଅଧିକାର ବିଶେଷଜ୍ଞମାନେ ଭିନ୍ନ ମତ ପୋଷଣ କରୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ ପଶୁମାନେ ପ୍ରଥମେ ମଣିଷକୁ ଆକ୍ରମଣ କରନ୍ତି ନାହିଁ। ପ୍ରଜନନ ସମୟରେ କିମ୍ବା ଜନ୍ମିତ ଶାବକ କିମ୍ବା ସେମାନଙ୍କ ଅଣ୍ଡାର ସୁରକ୍ଷା ବେଳେ ସେମାନେ ଆକ୍ରମଣାତ୍ମକ ହୁଅନ୍ତି। ଆକ୍ରମଣ ପୂର୍ବରୁ ଏକ ସତର୍କ ସଙ୍କେତ ଦେଇଥା'ନ୍ତି। ତାହାକୁ ଭ୍ରୂକ୍ଷେପ ନ କଲେ ସେମାନେ ଆକ୍ରମଣ କରନ୍ତି। ତେଣୁ ରାଜନଗର ଅଞ୍ଚଳରେ କୁମ୍ଭୀର-ମଣିଷ ଲଢ଼େଇର ଯେଉଁ ଦୁର୍ଭାଗ୍ୟଜନକ ଅଘଟଣମାନ ଘଟୁଛି ତାହା ମୁଖ୍ୟତଃ ନଦୀକୂଳରେ କୁମ୍ଭୀରମାନେ ଦେଇଥିବା ଅଣ୍ଡାର ସୁରକ୍ଷା ଦୃଷ୍ଟିରୁ ହୋଇଥାଇପାରେ। ପୁଣି ଘଡ଼ିଆଳ କୁମ୍ଭୀରମାନେ ଏତେ ଆକ୍ରମଣାତ୍ମକ ନୁହନ୍ତି। ସେଠାରେ ବାହାରୁ ଆସି ବସବାସ କରୁଥିବା ମଗର କୁମ୍ଭୀରମାନେ ହିଁ ମଣିଷମାନଙ୍କୁ ଅଧିକ ଆକ୍ରମଣ କରୁଥାଇପାରନ୍ତି।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବର୍ଷାଋତୁରେ କୁମ୍ଭୀରମାନେ ଭିତରକନିକା, ସାତକୋଶିଆ ଅଞ୍ଚଳରୁ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଆଦି ନଦୀ ଅଞ୍ଚଳକୁ ଭାସି ଆସନ୍ତି। ତେଣୁ ବର୍ଷାଋତୁ ଚାରିମାସ ଲୋକମାନେ ନଦୀକୂଳକୁ ଯଥାସମ୍ଭବ ବର୍ଜନ କରିବା ଉଚିତ। ଏବେ ଗାଁଗାଁରେ ନଳକୂପ, ପାନୀୟ ଜଳ ଯୋଗାଣ ଆଦି ହୋଇସାରିଥିବାରୁ ନଦୀକୂଳକୁ ଯିବା ନିହାତି ଅପରିହାର୍ଯ୍ୟ ନୁହେଁ। ଏହାଛଡ଼ା ବନବିଭାଗ ତରଫରୁ କୁମ୍ଭୀର ପ୍ରବଣ ଅଞ୍ଚଳରେ ଅସ୍ଥାୟୀ ଘାଟ ଓ ଘେରାମାନ ନିର୍ମାଣ କରାଯାଇଛି, ଯେଉଁଠାରେ ଲୋକମାନେ ସୁରକ୍ଷିତ ଭାବେ ସ୍ନାନଶୌଚାଦି ନିତ୍ୟକର୍ମ କରିପାରିବେ। ଏହି ସାବଧାନତା ଉଲ୍ଲଙ୍ଘନ କରି ଲୋକମାନେ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି। ତେଣୁ ବନବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଯାଉଛି। କିନ୍ତୁ ପ୍ରାୟ ଦୁଇମାସ ପୂର୍ବରୁ ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗାଁରେ ବନବିଭାଗ ଦ୍ୱାରା ନିର୍ମିତ ଗାଧୁଆ ତୁଠରୁ ଜନୈକ ବ୍ୟକ୍ତିଙ୍କୁ କୁମ୍ଭୀର ପାଣିଭିତରକୁ ଟାଣି ନେଇଥିବା ବେଳେ କୁମ୍ଭୀର ସହିତ ସଂଘର୍ଷ କରି ସେ ଭାଗ୍ୟବଳରେ ବଞ୍ଚିଯାଇଥିଲେ। ଏହି ଦୁର୍ଘଟଣା ବନବିଭାଗ ଦ୍ୱାରା ଚିହ୍ନିତ ସୁରକ୍ଷିତ ଅଞ୍ଚଳରେ ଘଟିଥିବାରୁ ଲୋକଙ୍କ ଅସାବଧାନତା କହି ଉତ୍ତରଦାୟିତ୍ୱରୁ ଓହରି ଯାଇପାରିବ ନାହିଁ। ରାଜନଗର ବ୍ଲକ ଏଭଳି କୁମ୍ଭୀର-ମଣିଷ ଲଢ଼େଇର ଏକପ୍ରକାର ପ୍ରୟୋଗସ୍ଥଳ ପାଲଟିଥିବା ବେଳେ କର୍ତ୍ତୃପକ୍ଷ ଓ ଜନସାଧାରଣ ପରସ୍ପରକୁ ଦୋଷ ଲଦାଲଦି ହୋଇ ଆସୁଛନ୍ତି।

ଏ ସବୁ ତର୍କ-ବିତର୍କ ଏବଂ ଆରୋପ-ପ୍ରତ୍ୟାରୋପରୁ ଊର୍ଦ୍ଧ୍ୱରେ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଜଙ୍ଗଲୀ ପଶୁମାନଙ୍କ ସଂଖ୍ୟା ନିର୍ଦ୍ଧାରିତ ସୀମା ଟପିଲେ ଜୈବ ସନ୍ତୁଳନ ନିୟନ୍ତ୍ରଣ ପାଇଁ ସରକାରୀ ଭାବେ ସେମାନଙ୍କୁ ନିପାତ ବା ଶିକାର କରିବାକୁ ଆଇନରେ ପ୍ରାବଧାନ ରହିଛି। ବିଶ୍ୱର ବିଭିନ୍ନ ଅଞ୍ଚଳରେ ଏଭଳି ବନ୍ୟଜନ୍ତୁ ନିପାତ(କଲିଂ) ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି। ଏପରିକି 'ମଣିଷଖିଆ' ପ୍ରମାଣିତ ହେଲେ ଜାତୀୟ ପଶୁ ବାଘକୁ ମଧ୍ୟ ଶିକାର କରାଯିବା ପାଇଁ ଭାରତରେ ଅନୁମତି ରହିଛି। ସେହି ନିୟମ ଅଧୀନରେ ଭିତରକନିକାରେ ଦିନକୁଦିନ ବୃଦ୍ଧି ପାଇ ଚାଲିଥିବା ଏବଂ ଜନବସତି ପ୍ରତି ଆତଙ୍କ ସୃଷ୍ଟି କରୁଥିବା କୁମ୍ଭୀରମାନଙ୍କର ନିପାତ ବା ଶିକାର କରା ନ ଯିବ କାହିଁକି? ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। ବନ୍ୟଜନ୍ତୁ ବିଶାରଦଙ୍କ ସୂଚନା ଅନୁଯାୟୀ କୁମ୍ଭୀର ସଂରକ୍ଷିତ ବର୍ଗ ତାଲିକାରେ ସାମିଲ୍ ହୋଇସାରିଥିବାରୁ ସେମାନଙ୍କୁ କଲିଂ କରାଯାଇପାରିବ ନାହିଁ। ଏଥିପାଇଁ ବନ୍ୟଜନ୍ତୁ ସଂରକ୍ଷଣ ଆଇନରେ ସଂଶୋଧନ ଆଣିବା ଆବଶ୍ୟକ।

ପରିବେଶବିତ୍‌ମାନଙ୍କ ଦୃଷ୍ଟିରେ ଲୋକମାନେ ନିଜର ଅସାବଧନତା ଯୋଗୁଁ କୁମ୍ଭୀରକୁ ଦୋଷ ଦେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କୁମ୍ଭୀର ଆକ୍ରମଣ ଜନିତ ମୃତାହତ ଘଟଣାରେ ସରକାରୀ କ୍ଷତିପୂରଣ ରାଶି ପରିମାଣ ବୃଦ୍ଧି ପାଉଥିବାରୁ ଏଭଳି ଅଘଟଣ ଓ ଅଭିଯୋଗ ସଂଖ୍ୟା ବଢ଼ୁଛି। ସରକାରୀ ଅନୁକମ୍ପା ରାଶି ପାଇବା ପାଇଁ ଜାଣିଶୁଣି ଯେ କେହି ମରଣ ମୁହଁକୁ ଯିବ ସେ ଯୁକ୍ତି ଅବାନ୍ତର ଲାଗୁଛି। ଅପରପକ୍ଷରେ ସ୍ଥାନୀୟ ଲୋକମାନେ ପାଲଟା ଅଭିଯୋଗ କରୁଛନ୍ତି। କୁମ୍ଭୀରକୁ ସରକାରୀ ପୃଷ୍ଠପୋଷକତା ଓ ସୁରକ୍ଷା ମିଳୁଥିବାରୁ ସେମାନେ ଆତ୍ମୀୟଙ୍କୁ ହରାଇ ଲୁହ ଝରାଉଛନ୍ତି। ସମୟ ଆସିଛି ଏବେ ଏ ବିଷୟରେ ବନ ବିଭାଗ ଓ ସରକାର ଗମ୍ଭୀରତାର ସହ ଚିନ୍ତା କରିବା ଆବଶ୍ୟକ।

## ସରକାରୀ ଶିକ୍ଷାର ସମୟ ସରିଆସୁଛି!

ଅଞ୍ଜନ ଚାନ୍ଦ

ପ୍ରାୟ ଦୁଇଦଶନ୍ଧି ଧରି ସରକାରୀ ସ୍କୁଲଗୁଡ଼ିକର ଶିକ୍ଷାଦାନ ସମ୍ପର୍କରେ ଯେତେଥର ସର୍ବେକ୍ଷଣ କରାଯାଇଛି ପ୍ରାୟ ପ୍ରତ୍ୟେକଥର ଏହାର ମାନ ହ୍ରାସପାଉଛି ବୋଲି ବିବରଣ ଆସିଛି। ତାହାକୁ ସୁଧାରିବା ପାଇଁ ଯେଉଁସବୁ ନୂତନ ଯୋଜନା ହୋଇଛି ଏବଂ ସେଥିପାଇଁ ରାଜକୋଷରୁ ବହୁ ଅର୍ଥ ବ୍ୟୟ କରାଯାଇଛି ସେ ସବୁଗୁଡ଼ିକ ନିଷ୍ଫଳ ହୋଇଛି। ସରକାରୀ ଶିକ୍ଷାର ମାନ ଆଜି ମଧ୍ୟ ତଳକୁ ତଳକୁ ବୁଡ଼ିଯାଉଛି। ଏହାର ଅର୍ଥ ଆମେ ପ୍ରକୃତ କାରଣଟିକୁ ଜାଣି ପାରୁନାହୁଁ। ଶୁଖି ଯାଉଥିବା ଗଛର ମୂଳରେ ଜଳ ନଦେଇ ଡାଳପତ୍ରରେ ସିଞ୍ଚନ କରୁଛୁ।

କେବଳ ଶିକ୍ଷାର ମାନ ହ୍ରାସ ପାଇବା ସମସ୍ୟା ନୁହେଁ। ସରକାରୀ ସ୍କୁଲଗୁଡ଼ିକରେ ବହୁପିଲା ଅଧାରୁ ପାଠପଢ଼ା ଛାଡ଼ି ଦେଉଛନ୍ତି। ସରକାରଙ୍କ ହିସାବରେ ଏହି ପିଲାଙ୍କ ସଂଖ୍ୟା ଯେତିକି ଦର୍ଶାଯାଉଛି ବାସ୍ତବ ସଂଖ୍ୟା ତା'ଠାରୁ ଅଧିକ। ସ୍କୁଲକୁ ଆସୁ ନ ଥିବା ପିଲାମାନଙ୍କର ଉପସ୍ଥାନ ପକାଯାଇ, ପରୀକ୍ଷା ସମୟରେ ତା' ନାମରେ ଖାତାଖଣ୍ଡିଏ ଲେଖି ଶିକ୍ଷକମାନେ ତା'କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିଦେଉଛନ୍ତି। ସ୍କୁଲର ଶେଷ ଶ୍ରେଣୀ ବେଳକୁ ସେ ପରୀକ୍ଷା ଦେଲା ନାହିଁ ବା ପାଠପଢ଼ା ଛାଡ଼ିଲା ବୋଲି ରିପୋର୍ଟ ଦେଉଛନ୍ତି। ଏପରି ଛଳକୌଶଳ ସେମାନେ ଅଗତ୍ୟା କରିବାକୁ ବାଧ ହେଉଛନ୍ତି। ସରକାରୀ ନିର୍ଦ୍ଦେଶ ରହିଛି ଯେଉଁ ପିଲା ସ୍କୁଲକୁ ଆସୁନାହିଁ ସ୍କୁଲ ଶିକ୍ଷକ ତା' ଘରକୁ ଯାଇ କାରଣ ପଚାରି ବୁଝିବେ। ତାହାର ବାପା, ମାଆ ଅଥବା ଅଭିଭାବକଙ୍କୁ ବୁଝାଇବେ। ଏସବୁ ସତ୍ତ୍ୱେ ଯଦି ସେ ସ୍କୁଲକୁ ନ ଆସେ ତା'ହେଲେ ଶିକ୍ଷକ ସମସ୍ତ ଉଦ୍ୟମର ବିବରଣୀ ସହିତ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ। ଏଣେ ସ୍କୁଲରେ ଶହଶହ ପିଲାଙ୍କୁ ସମ୍ଭାଳିବା ପାଇଁ ଶିକ୍ଷକ ନାହାନ୍ତି। ତେଣେ କେଉଁ ଶିକ୍ଷକ ଗାଁ ଗାଁରେ ବୁଲି ଅଭିଭାବକଙ୍କୁ ପାଠ ପଢ଼ାଇବ?

ସବୁଠାରୁ ବଡ଼ସମସ୍ୟା ହେଉଛି ସରକାରୀ ସ୍କୁଲଗୁଡ଼ିକରେ ପିଲାମାନଙ୍କ ପ୍ରବେଶ ସଂଖ୍ୟା ମଧ ଧୀରେଧୀରେ ହ୍ରାସପାଉଛି। ସରକାର ଶିକ୍ଷାରଥ ଗଡ଼ାଉଛନ୍ତି। ସରକାରଙ୍କ ନିର୍ଦ୍ଦେଶରେ ଶିକ୍ଷକମାନେ ସ୍କୁଲରେ ପ୍ରବେଶ ଉତ୍ସବ କରାଉଛନ୍ତି। କିନ୍ତୁ ଏହାର କୌଣସି ପ୍ରଭାବ ସମାଜ ଉପରେ ପଡୁନାହିଁ। 'ପାଠ ପଢ଼ିବ ଯଦି ପ୍ରାଇଭେଟ ସ୍କୁଲକୁ, ଅଣ୍ଡା ଖାଇବ ଯଦି ସରକାରୀ ସ୍କୁଲକୁ ଯାଅ' - ଲୋକଙ୍କ ମୁହଁରେ ଏଇ ଗୋଟିଏ କଥା ସରକାରଙ୍କ ସମସ୍ତ ଉଦ୍ୟମକୁ ନଗଣ୍ୟ କରିଦେଉଛି। ସରକାରୀ ଶିକ୍ଷା ପାଇଁ ରାଜକୋଷରୁ ବହୁ ଅର୍ଥ ବ୍ୟୟ କରାଯାଉଛି। ଶିକ୍ଷକମାନଙ୍କ ଦରମା ସହିତ ସ୍କୁଲଘର, ପାଠାଗାର, ବିଜ୍ଞାନାଗାର, କ୍ରୀଡ଼ା ସରଞ୍ଜାମ, ଖେଳପଡ଼ିଆ, ଉଦ୍ୟାନ ଓ ଅନ୍ୟାନ୍ୟ ବହୁବିଧ ଖର୍ଚ୍ଚ ରହିଛି। କିନ୍ତୁ ବୋର୍ଡ ପରୀକ୍ଷାଫଳ ବାହାରିବା ବେଳକୁ ବେସରକାରୀ ସ୍କୁଲଗୁଡ଼ିକର ପିଲାମାନେ ବହୁଆଗରେ। କେତେକ ସରକାରୀ ସ୍କୁଲର ପରୀକ୍ଷାଫଳ ତ ଶୂନ୍ୟ ହୋଇଯାଉଛି। ଖୁବ କମ ସ୍କୁଲରେ 'ଏ-ୱାନ' ପିଲା ରହୁଛନ୍ତି। ଏହି ପରୀକ୍ଷାଫଳ ହିଁ ଅଭିଭାବକମାନଙ୍କୁ ସରକାରୀ ସ୍କୁଲ ପ୍ରତି ବିମୁଖ କରିବା ସହିତ ପ୍ରାଇଭେଟ ସ୍କୁଲ ପ୍ରତି ଅଧିକ ଆକର୍ଷିତ କରୁଛି।

ସୁତରାଂ ଏ ସମ୍ପର୍କରେ ଏକ ତୁଳନାତ୍ମକ ବିଚାରର ଆବଶ୍ୟକତା ରହିଛି। କେଉଁ କାରଣରୁ ବେସରକାରୀ ସ୍କୁଲରେ ଶିକ୍ଷାଦାନର ମାନ ଅଧିକ ରହୁଛି, ତଦନୁସାରେ ପରୀକ୍ଷାଫଳ ଭଲ ହେଉଛି; ଛାତ୍ରଛାତ୍ରୀଙ୍କ ପ୍ରବେଶ ସଂଖ୍ୟା ବର୍ଷକୁବର୍ଷ ବଢ଼ୁଛି; ମଝିରୁ ପାଠପଢ଼ା ଛାଡୁଥିବା ପିଲା ପ୍ରାୟ ନାହାନ୍ତି; ସରକାରୀ ସ୍କୁଲଗୁଡ଼ିକ ଯେଉଁସବୁ ସମସ୍ୟାରେ ଜର୍ଜରିତ ବେସରକାରୀ ସ୍କୁଲରେ ତାହା ନାହିଁ କାହିଁକି? ସରକାରୀ ସ୍କୁଲର ଶିକ୍ଷକମାନେ ଯେ ଯୋଗ୍ୟ ଏହା ପ୍ରାମାଣିତ। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ସହିତ ସରକାରଙ୍କ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେବା ପରେ ସେମାନେ ଶିକ୍ଷକ ଭାବରେ ନିଯୁକ୍ତି ପାଇଛନ୍ତି। ସରକାରୀ ସ୍କୁଲରେ ଚାକିରି ପାଇ ନ ଥିବା ବ୍ୟକ୍ତିମାନେ ହିଁ ବେସରକାରୀ ସ୍କୁଲରେ ଶିକ୍ଷକତା କରୁଛନ୍ତି। ଅଥଚ ଏମାନଙ୍କଠାରୁ ଅଧ୍ୟୟନ କରିଥିବା ବିଦ୍ୟାର୍ଥୀମାନେ ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କଠାରୁ ଅଧିକ ପ୍ରତିଭା ସମ୍ପନ୍ନ ହେଉଛନ୍ତି କିପରି? ଉଭୟ ସ୍କୁଲର ପରିଚାଳନା, ଉଭୟ ସ୍କୁଲର ଶିକ୍ଷକମାନଙ୍କ କାର୍ଯ୍ୟଧାରାରେ କ'ଣ ପାର୍ଥକ୍ୟ ରହିଛି?

ଗୋଟିଏ ଦୁଇଟି କଥା ଯାହା ସମସ୍ତଙ୍କୁ ଜଳଜଳ ଦେଖାଯାଉଛି ତାହା ହେଉଛି ବେସରକାରୀ ସ୍କୁଲର ଶିକ୍ଷକମାନେ ସେମାନଙ୍କର ସମସ୍ତ ସମୟ ଛାତ୍ରଛାତ୍ରୀ ଓ ଅଧାପନା ପାଇଁ ବିନିଯୋଗ କରୁଥିବା ବେଳେ ସରକାରୀ ସ୍କୁଲର ଶିକ୍ଷକମାନେ ସରକାରଙ୍କ ବହୁବିଧ ନିର୍ଦ୍ଦେଶାବଳୀକୁ ପାଳନ କରିବା ଏବଂ ସେଥିପାଇଁ ନିତିଦିନ କାଗଜଚାଷରେ ବ୍ୟସ୍ତ ରହୁଛନ୍ତି। ଦ୍ୱିତୀୟରେ ବେସରକାରୀ ସ୍କୁଲରେ ଶ୍ରେଣୀ ଓ ଛାତ୍ରଛାତ୍ରୀ ଅନୁସାରେ ଆବଶ୍ୟକ ଶିକ୍ଷକ କାର୍ଯ୍ୟ କରୁଥିବା ବେଳେ ସରକାରୀ ସ୍କୁଲରେ ଶିକ୍ଷକଙ୍କ ମରୁଡ଼ି ପଡ଼ିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ୟୁଡାଇସ ରିପୋର୍ଟ ଅନୁସାରେ ଏବେ ଆମ ରାଜ୍ୟରେ ୧୪୫୮ଟି ସ୍କୁଲ ମାତ୍ର ଜଣେ ଶିକ୍ଷକରେ ଚାଲୁଅଛି। ସେହି ସ୍କୁଲଗୁଡ଼ିକରେ ପ୍ରାୟ ୬୦ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଗତବର୍ଷ ତୁଳନାରେ ଏବର୍ଷ ଏହି ସଂଖ୍ୟା ୩୬୬ଟି ଅର୍ଥାତ ୩୪ ପ୍ରତିଶତ ବଢ଼ିଛି। ଏହି ଜଣେ ଶିକ୍ଷକ ହିନ୍ଦୀ, ସଂସ୍କୃତ ଅବା ଖେଳ ମଧ୍ୟ ହୋଇପାରନ୍ତି ଏବଂ ସେ ସ୍କୁଲ କାର୍ଯ୍ୟ ସହିତ ଜନଗଣନା, ନିର୍ବାଚନ ତଥା ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ମଧ ସରକାରୀ ନିର୍ଦ୍ଦେଶକ୍ରମେ ନିଯୁକ୍ତ ହେଉଛନ୍ତି।

ନୂତନ ଅନୁଦାନପ୍ରାପ୍ତ ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷକମାନେ ଅବସର ନେବା ପରେ ସେଠାରେ ପୁନଃନିଯୁକ୍ତି ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଦିନକୁଦିନ ସେହି ସ୍କୁଲଗୁଡ଼ିକ ଶିକ୍ଷକଶୂନ୍ୟ ହୋଇଯାଉଛି। ଡେପୁଟେସନ ଅଥବା ଅତିଥି ଶିକ୍ଷକଙ୍କ ଦ୍ୱାରା ପାଠପଢ଼ା ଜାରି ରଖିବାକୁ ନାମକୁମାତ୍ର ଚେଷ୍ଟା କରାଯାଉଛି। ଫାଇଭ ଟି ଯୋଜନାରେ ଏହି ସ୍କୁଲଗୁଡ଼ିକରେ ସୁନ୍ଦର ପକ୍କାଘର, ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ବିଜ୍ଞାନାଗାର, ଶୌଚାଳୟ, ଶୁଦ୍ଧ ପାନୀୟଜଳ ଇତ୍ୟାଦିର ସୁବ୍ୟବସ୍ଥା କରାଯାଇଛି। ଅଥଚ ଦୁର୍ଭାଗ୍ୟ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି।

ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପୋଷଣ ଯୋଜନା ସ୍କୁଲ ମାଧ୍ୟମରେ ଓ ଶିକ୍ଷକମାନଙ୍କ ଦ୍ୱାରା କାହିଁକି ହେଉଛି? କାହିଁକି ବିଦ୍ୟାଦାନର ପବିତ୍ର ପୀଠକୁ ସରକାରୀ ଆବଣ୍ଟନ କେନ୍ଦ୍ରରେ ପରିଣତ କରାଯାଉଛି? ଯେଉଁ ଶିକ୍ଷକମାନେ ଏକଦା ଜ୍ଞାନଦାତା ଭାବରେ ସମାଜରେ ପରିଚିତ ଥିଲେ ଏବେ 'ଅଣ୍ଡାଦିଆ ମାଷ୍ଟର' ଭାବରେ କାହିଁକି ସେମାନଙ୍କ ମର୍ଯ୍ୟାଦାକୁ ନଷ୍ଟ କରାଯାଉଛି? ଏ ସମ୍ପର୍କରେ ବିଶେଷଚର୍ଚ୍ଚା ଅଥବା ସମାଲୋଚନା ଦେଖିବାକୁ ମିଳୁନାହିଁ। ଶିକ୍ଷକ ସଂଗଠନଗୁଡ଼ିକ କେବଳ ଶିକ୍ଷକମାନଙ୍କର ସମସ୍ୟାକୁ ନେଇ ଆନ୍ଦୋଳନ କରୁଛନ୍ତି। ମାଗଣାପ୍ରିୟ ଅଭିଭାବକ କେଉଁଦିନ ତାଙ୍କ ପିଲାଙ୍କୁ ଅଣ୍ଡା ମିଳିଲାନାହିଁ ସେଇ କଥାକୁ ଜଗିବସୁଛନ୍ତି। ସଚେତନ ଅଭିଭାବକମାନେ ନିରବରେ ନିଜ ପିଲାଙ୍କୁ ନେଇ ପ୍ରାଇଭେଟ ସ୍କୁଲରେ ଭର୍ତ୍ତି କରିଦେଉଛନ୍ତି। ସେଥିପାଇଁ ଛତୁ ଫୁଟିବା ପରି ଏବେ ସବୁଆଡ଼େ ପ୍ରାଇଭେଟ ସ୍କୁଲ ଖୋଲିଯାଉଛି। ପ୍ରତିଦିନ ସକାଳେ ଗାଁ ଗଣ୍ଡାର ରାସ୍ତାରେ ବି ବେସରକାରୀ ସ୍କୁଲ ଗାଡ଼ି ଗଡ଼ିବା ଦେଖାଯାଉଛି। ମନେହେଉଛି ଶିକ୍ଷାକୁ ଘରୋଇକରଣ କରିବାର ଦୀର୍ଘମିଆଦୀ ଯୋଜନା ବହୁବର୍ଷ ତଳୁ ଆରମ୍ଭ ହୋଇଯାଇଛି। ବୋଧହୁଏ ସେହି ଯୋଜନାକୁ ସଫଳ କରିବା ପାଇଁ ଧୀର-ମଧୁର ବିଷ ଦେଇ ଦେଇ ସରକାରୀ ଶିକ୍ଷାକୁ କ୍ରମଶଃ ନିଃଶେଷ କରିଦିଆଯାଉଛି।

ଅଙ୍ଗାରଗଡ଼ିଆ(ବାଲେଶ୍ୱର),
ମୋ: ୬୩୭୦୬୬୧୧୪୭

## ଆମେ ଯେତେବେଳେ ବୁଢ଼ାବୁଢ଼ୀ ହେବା

ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ

ନିକଟ ଅତୀତରେ ଗୋଟିଏ ଖବର ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଥିଲା। ବୃଦ୍ଧ ପିତାମାତାଙ୍କୁ ତିନିପୁଅ ଘରୁ ବାହାର କରି ଦେଇଥିଲେ। ଅସହାୟ ପିତାମାତା ଉପଜିଲ୍ଲାପାଳଙ୍କ ଅଦାଲତରେ ପୁଅମାନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ମହୋଦୟ ପୁଅମାନଙ୍କୁ ଡାକି ତାଗିଦ କରିଥିଲେ ଏଭଳି ଘଟଣାର ଯେମିତି ପୁନରାବୃତ୍ତି ନହୁଏ। କିନ୍ତୁ ପୁନଶ୍ଚ ଅକୃତଜ୍ଞ ପୁଅମାନଙ୍କ ଦୌରାତ୍ମ୍ୟ ବଢ଼ିବାରୁ ବୃଦ୍ଧ ପିତାମାତା ପୁଣି ଅଦାଲତର ଆଶ୍ରୟ ନେଲେ। ଏଥର ରାୟ ଆସିଲା- ପୁଅମାନେ ଗୃହ ଛାଡ଼ିବେ, କେବଳ ପିତାମାତା ସେ ଘରେ ରହିବେ। ଉପସ୍ଥିତ ସାମ୍ବାଦିକ ବନ୍ଧୁମାନେ ପିଲାମାନଙ୍କ ମା'ଙ୍କୁ ପଚାରିଲେ, 'ଏଭଳି ରାୟରେ ସେମାନେ ଖୁସି ତ?' ଉତ୍ତର ମିଳିଲା, 'ଆମେ ବହୁତ ଖୁସି।' 'ଭବିଷ୍ୟତରେ ଯଦି ପୁଅମାନେ ଭୁଲ ପାଇଁ ଅନୁତାପ କରନ୍ତି, ଆପଣମାନେ ସେମାନଙ୍କୁ କ୍ଷମା ଦେବେ?' ଏହି ପ୍ରଶ୍ନରେ ମାଆଙ୍କ ଉତ୍ତର ଥିଲା, 'ମୋଟେ ନୁହଁ।' ଏହି ସତ୍ୟ ଘଟଣାଟି କି ବାର୍ତ୍ତା ଦେଉଛି ପାଠକେ ବୁଝିପାରୁଥିବେ ନିଶ୍ଚୟ। ଏଭଳି ଦୁଃଖଦ ଘଟଣା ଗାଁ ସହର ସବୁଆଡ଼େ ଦିନକୁ ଦିନ ବୃଦ୍ଧି ପାଇଚାଲିଛି।

ବିଶ୍ୱ ଜନାଦୃତ ମହାନ୍ ଭାରତୀୟ ସଂସ୍କୃତିରେ ପିତାମାତାଙ୍କୁ ଧର୍ମ ତଥା ସ୍ୱର୍ଗଠାରୁ ଉଚ୍ଚତର ବୋଲି କୁହାଯାଇଛି। ପିତାମାତା ଜୀବନ୍ତ ଦେବଦେବୀ ଭାବେ ଚିର ପୂଜନୀୟ ଓ ବନ୍ଦନୀୟ। ଶାସ୍ତ୍ର ଅନୁସାରେ ପିତାଙ୍କ ଶରୀରର ଅସ୍ଥି, ସ୍ନାୟୁ ଓ ମଜ୍ଜା ତଥା ମାତାଙ୍କ ଶରୀରର ରକ୍ତ, ମାଂସ ଓ ଚର୍ମ ଇତ୍ୟାଦି ଗ୍ରହଣ କରି ସନ୍ତାନ ଶରୀର ଧାରଣ କରେ। ଏହି ଛଅଟି ଉପାଦାନ ପିତାମାତାଙ୍କ ବ୍ୟତୀତ ଆଉ କେଉଁଠୁ ମିଳେ ନାହିଁ। ତେଣୁ ପିତାମାତାଙ୍କ ଋଣ ଅପରିଶୋଧ। କେତେ ପୂଜା ଆରାଧନା କରି ଏବଂ ଦଶ ମାସ ଦଶ ଦିନ ଗର୍ଭବେଦନା ସହି ମା' ସନ୍ତାନକୁ ଜନ୍ମ ଦିଏ। ଗର୍ଭାବସ୍ଥାରେ ମା' ଷୋହଳ ପ୍ରକାର କଷ୍ଟ ସହିଥାଏ, ଯାହାକୁ 'ମାତୃ ଷୋଡ଼ଶୀ' ବୋଲି କୁହାଯାଏ। ଉଭୟ ପିତାମାତା ଦୁଃଖ କଷ୍ଟ ସହି ସନ୍ତାନକୁ ଲାଳନପାଳନ କରି, ଶିକ୍ଷିତ ଓ ଯୋଗ୍ୟ କରି ସଂସାର ବଡ଼ଦାଣ୍ଡରେ ଛିଡ଼ା କରାନ୍ତି। ବିବାହ କରି ପିଲାମାନେ ସଂସାର କରନ୍ତି। ବାହାବେଦୀରେ ଅଗ୍ନି ଓ ବନ୍ଧୁ ପରିଜନମାନଙ୍କ ଉପସ୍ଥିତିରେ ମା' ସନ୍ତାନ ପାଇଁ କେତେ କଷ୍ଟ ଓ ତ୍ୟାଗ କରିଛନ୍ତି ଏହି 'ମାତୃ ଷୋଡ଼ଶୀ' ମାଧ୍ୟମରେ ଗୋସେଇଁ ମନେ ପକାଇ ଦିଅନ୍ତି ଏଇଥିପାଇଁ ଯେ ସେମାନେ ଯେତେବେଳେ ପିତାମାତା ହେବେ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲି ନ ଯାଆନ୍ତି।

ବାଲ୍ୟକାଳରେ ଆମେ ସମସ୍ତେ ପଢ଼ିଛନ୍ତି ଓ ଲେଖିଛନ୍ତି 'ପିତାମାତାଙ୍କୁ ଭକ୍ତି କର'। କିନ୍ତୁ ବଡ଼ ହେଲା ପରେ ଭୁଲିଯାଆନ୍ତି। ଆମ ପୁରାଣ ଓ ଇତିହାସରେ ପିତୃମାତୃ ଭକ୍ତିର ଅନେକ ଦୃଷ୍ଟାନ୍ତ ରହିଛି। ପିତୃସତ୍ୟ ପାଳନ ପାଇଁ ରାମଚନ୍ଦ୍ର ଚଉଦ ବର୍ଷ ବନବାସ କଷ୍ଟ ବରଣ କରିଥିଲେ। ଶ୍ରବଣକୁମାର ଅନ୍ଧ ପିତାମାତାଙ୍କୁ କାନ୍ଧଭାରରେ ବୋହି ତୀର୍ଥ ଭ୍ରମଣ କରାଉଥିଲେ। ପିତା ଶାନ୍ତନୁଙ୍କ ସତ୍ୟ ରକ୍ଷା କରିବାକୁ ଯାଇ ଚିରକୁମାର ରହିଗଲେ ପିତାମହ ଭୀଷ୍ମ। ରାଜସମ୍ମାନର ଅଧିକାରୀ ହୋଇ ସେ ପିତାମାତାଙ୍କୁ ଭୁଲିଯିବେ ବୋଲି ଭବିଷ୍ୟବାଣୀ କରିଥିଲେ ଜ୍ୟୋତିଷ। କିନ୍ତୁ ପିତାମାତାଙ୍କୁ ଭୁଲି ନ ଯିବା ପାଇଁ ତାଙ୍କ ସୌଭାଗ୍ୟର ପ୍ରତୀକ ସମ୍ମୁଖ ଦାନ୍ତ ଦ୍ୱୟକୁ ଭାଙ୍ଗି ଦେଇଥିଲେ ନିଜେ ଚାଣକ୍ୟ। ପିତାମାତାଙ୍କ ସେବା ଭକ୍ତି ପାଇଁ ଠାକୁର ଅନୁକୂଳଚନ୍ଦ୍ର ନିଜ ସୁଖ ସ୍ୱାଚ୍ଛନ୍ଦ୍ୟକୁ ତୁଚ୍ଛ କରିଦେଇଥିଲେ। ସେ ସବୁ ଆଜିର ପିଲାଙ୍କ ପାଇଁ କାହାଣୀ ପାଲଟିବା ଦୁଃଖର ବିଷୟ। ରାସ୍ତା ପାର୍ଶ୍ୱରେ ଥିବା ସିନ୍ଦୂର ଚନ୍ଦନ ବୋଳା କାଠ ପଥରମୂର୍ତ୍ତିକୁ ଆମେ ଦେବଦେବୀ ଜ୍ଞାନରେ ପ୍ରଣାମ କରୁଛୁ। ଅଥଚ ଆମ ଜୀବନ୍ତ ଦେବଦେବୀ ପିତାମାତାଙ୍କୁ ହେୟଜ୍ଞାନ କରୁଛୁ। ପିତାମାତାଙ୍କ ପ୍ରତି ଅବହେଳା କରି ଯେତେ ଧର୍ମକର୍ମ ବା ତୀର୍ଥ ପର୍ଯ୍ୟଟନ କଲେ ସନ୍ତାନର ଜୀବନ କେବେ ବି ସାର୍ଥକ ହେବ ନାହିଁ।

ପିତାମାତାଙ୍କ ପ୍ରତି ଅବଜ୍ଞା, ଅବହେଳା ଓ ନିର୍ଯାତନା ଘଟଣା ବୃଦ୍ଧି ପାଇଚାଲିଛି। ଅନେକ ଶିକ୍ଷିତ ଓ ସ୍ୱାବଲମ୍ବୀ ପୁଅ ନିଜ ପତ୍ନୀ ଓ ପୁତ୍ରକନ୍ୟା ବିଶିଷ୍ଟ କ୍ଷୁଦ୍ର ପରିବାର ଭିତରେ ରହି ବୃଦ୍ଧ ପିତାମାତାଙ୍କୁ ଉପେକ୍ଷା ଓ ଅବହେଳା କରିବା ଅତ୍ୟନ୍ତ ଦୁଃଖ ଓ ବିଡ଼ମ୍ବନାର ବିଷୟ। କେତେକ ଶିକ୍ଷିତ ପୁତ୍ର ସମ୍ମାନ ଦୃଷ୍ଟିରୁ ପିତାମାତାଙ୍କୁ ନିଜ ପାଖରେ ରଖୁଛନ୍ତି ସତ, କିନ୍ତୁ ସେମାନଙ୍କୁ ଚାକରବାକର ଭଳି ବ୍ୟବହାର କରୁଛନ୍ତି। ନିଜ ପୁଅବୋହୂଙ୍କ ନିର୍ଯାତନା ସହି ନ ପାରି ପିତାମାତା ଭିକ୍ଷା ବୃତ୍ତି କରି ପେଟ ପୋଷୁଛନ୍ତି; ନଚେତ କେଉଁ ଜରାଶ୍ରମରେ ରହି ମୃତ୍ୟୁ ପର୍ଯ୍ୟନ୍ତ କୌଣସି ମତେ ଚଳିଯାଉଛନ୍ତି। ପିତାମାତାଙ୍କ ପ୍ରତି ନିଜ ନୈତିକ କର୍ତ୍ତବ୍ୟ ଭୁଲି ଯାଉଥିବା ସନ୍ତାନଙ୍କୁ ସତର୍କ କରାଇବା ପାଇଁ 'ମେଣ୍ଟେନାନସ ଆଣ୍ଡ ୱେଲଫେୟାର ଅଫ୍ ପ୍ୟାରେଣ୍ଟ ଆଣ୍ଡ ସିନିୟର ସିଟିଜେନ ଆକ୍ଟ' (ପିତାମାତାଙ୍କ ଭରଣ ପୋଷଣ ଆଇନ)୨୦୦୬ ମସିହାରେ ପ୍ରଣୟନ ହୋଇଛି। ଏହି ଆଇନ ଅନୁଯାୟୀ ପିତାମାତାଙ୍କୁ ଅବହେଳା କରୁଥିବା ସନ୍ତାନଙ୍କୁ ତିନିବର୍ଷ କାରାଦଣ୍ଡ ସହ ପାଞ୍ଚହଜାର ଟଙ୍କା ଜରିମାନା ବ୍ୟବସ୍ଥା ରହିଛି।

ଜେ.ବି ଡଟ୍.କମର ସର୍ବେକ୍ଷଣ ଅନୁଯାୟୀ ଆଧ୍ୟାତ୍ମିକ ଦେଶ ଭାବେ ବିଖ୍ୟାତ ଭାରତ ବିଶ୍ୱ ନିଃସଙ୍ଗତା ସୂଚୀରେ ଦ୍ୱିତୀୟ ସ୍ଥାନରେ ରହିବା ଦୁଃଖ ଓ ବିଡ଼ମ୍ବନାର ବିଷୟ। ବାର୍ଦ୍ଧକ୍ୟର ନିଃସଙ୍ଗଦ୍ୱୀପରେ ବୟସ୍କଙ୍କ ବେଦନା ଅବର୍ଣ୍ଣନୀୟ। ବୃଦ୍ଧାବସ୍ଥାରେ ସମସ୍ତେ ଚାହାନ୍ତି ଟିକେ ସେବା, ସନ୍ତୋଷ ଓ ଶାନ୍ତି। ସେମାନେ ଚାହାନ୍ତି ନିଜ ପିଲାମାନଙ୍କ କଳରବରେ ବାର୍ଦ୍ଧକ୍ୟର ନିସଙ୍ଗତା ଦୂର ହୋଇଯାଉ। ଜରାଶ୍ରମରେ କ'ଣ ଏହି ଶାନ୍ତି ଓ ସନ୍ତୋଷର ପରିବେଶ ମିଳିପାରିବ? ଆଜି ଯେଉଁମାନେ ପୁଅବୋହୂ, ଆଗାମୀ ଦିନରେ ସେମାନେ ହେବେ ପିତାମାତା। ତେଣୁ କେହି ବି ଭୁଲିଯିବା ଉଚିତ ନୁହେଁ ଯେ ଆମେ ସମସ୍ତେ ସମୟସ୍ରୋତରେ ଭାସିଭାସି ଦିନେ ବାର୍ଦ୍ଧକ୍ୟର ନିଃସଙ୍ଗ ଦ୍ୱୀପରେ ପହଞ୍ଚିବା। ସେତେବେଳେ ଆମେ ନିଜ ପିଲାମାନଙ୍କଠାରୁ ଯେପରି ସେବା ପାଇଲେ ଖୁସି ହେବା, ଅନ୍ତତଃ ସେହିପ୍ରକାର ସେବା ଆମ ପିତାମାତାଙ୍କୁ ଦେବା ଉଚିତ। ପିତାମାତାଙ୍କ ଆଶୀର୍ବାଦରେ ଆମ ଜୀବନ ସୁଖମୟ ହେବା ସହ ଆମକୁ ଦେଖି ଆମ ପିଲାମାନେ ମଧ୍ୟ ସ୍ୱତଃ ପିତୃମାତୃ ଭକ୍ତି ଶିଖିବେ। ଏ ଭଲପାଇବାର କଥା ଆଇନ ଶିଖାଇବ ନାହିଁ। ନୈତିକ ଶିକ୍ଷା ଦରକାର। ନୈତିକତା, ସଚେତନତା ଓ କର୍ତ୍ତବ୍ୟ ଜ୍ଞାନର ଅଭାବ ହେଲେ ସଭ୍ୟତା ଓ ସଂସ୍କୃତିର ଅବକ୍ଷୟ ଅତିଶୀଘ୍ର ଆରମ୍ଭ ହେବ। ଆସନ୍ତୁ ଆମେ ଆତ୍ମସମୀକ୍ଷା କରି ପିତାମାତାଙ୍କ ପ୍ରତି ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରି ଜୀବନକୁ ସାର୍ଥକ କରିବା।

ସିଂହପୁର(ଯାଜପୁର), ମୋ: ୯୯୩୭୮୮୧୧୮୪

## ଦଣ୍ଡମୁକ୍ତ ବିଦ୍ୟାଳୟ: ଘୋଷଣାରୁ ବାସ୍ତବତାକୁ ଆସିବାର ସମୟ

ସ୍ନେହଲତା ରାଉତରାୟ




ବିଦ୍ୟାଳୟ କେବଳ ପାଠ ପଢ଼ିବାର ସ୍ଥାନ ନୁହେଁ; ଏହା ଜଣେ ଶିଶୁର ବ୍ୟକ୍ତିତ୍ୱ ଗଠନର ପ୍ରଥମ ସାମାଜିକ ପାଠଶାଳା। ଏଠାରେ ସେ କେବଳ ଅକ୍ଷର ଜ୍ଞାନ ନୁହେଁ, ଶୃଙ୍ଖଳା, ମୂଲ୍ୟବୋଧ, ସହାନୁଭୂତି ଓ ମାନବିକତା ଶିଖିଥାଏ। ସେଥିପାଇଁ ଭାରତରେ ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଗଢ଼ି ତୋଳିବାର ଧାରଣାକୁ ଗୁରୁତ୍ୱ ଦିଆଯାଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଭୟ ନୁହେଁ, ବିଶ୍ୱାସ ଓ ସ୍ନେହର ପରିବେଶରେ ଶିଶୁମାନଙ୍କ ଶିକ୍ଷା ଓ ବିକାଶ ସୁନିଶ୍ଚିତ କରିବା। ଦୁଃଖର ବିଷୟ, ଆଜି ମଧ୍ୟ କେତେକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରିବା, ଗାଳି ଦେବା, ଅପମାନ କରିବା କିମ୍ବା ସହପାଠୀଙ୍କ ସାମ୍ନାରେ ହେୟ କରିବା ଭଳି ଘଟଣା ସାମ୍ନାକୁ ଆସୁଛି। ଏଭଳି ବ୍ୟବହାର କେବଳ ଶିଶୁର ଆତ୍ମବିଶ୍ୱାସକୁ ଆଘାତ କରେ ନାହିଁ, ବରଂ ଶିକ୍ଷା ପ୍ରତି ତା'ର ଆଗ୍ରହକୁ ମଧ୍ୟ କମାଇ ଦେଇଥାଏ। ଭୟରେ ଶିଖିଥିବା ଶିକ୍ଷା କେବେ ବି ସ୍ଥାୟୀ ହୋଇପାରେ ନାହିଁ।

ପିଲାମାନେ କୋମଳ ମନର ଅଧିକାରୀ। ସେମାନଙ୍କୁ କଠୋର ଦଣ୍ଡ ନୁହେଁ, ବରଂ ଭଲପାଇବା, ଧୈର୍ଯ୍ୟ, ଉତ୍ସାହ ଓ ସକାରାତ୍ମକ ପ୍ରେରଣା ମାଧ୍ୟମରେ ଶିଖାଇବା ଉଚିତ। ଜଣେ ଶିକ୍ଷକଙ୍କ ହାତରେ କେବଳ ପାଠ୍ୟପୁସ୍ତକ ନଥାଏ; ଥାଏ ଆଗାମୀ ପିଢ଼ିର ଭବିଷ୍ୟତ। ତେଣୁ ପ୍ରତ୍ୟେକ ଶିକ୍ଷକଙ୍କୁ ଶିଶୁ ମନୋବିଜ୍ଞାନ, ସକାରାତ୍ମକ ଶୃଙ୍ଖଳା, ଆଧୁନିକ ଶିକ୍ଷାଦାନ ପଦ୍ଧତି ଓ ପ୍ରଭାବଶାଳୀ ଯୋଗାଯୋଗ କୌଶଳ ଉପରେ ନିୟମିତ ପ୍ରଶିକ୍ଷଣ ମିଳିବା ଆବଶ୍ୟକ। କେବଳ ପାଠ୍ୟପୁସ୍ତକ ପଢ଼ି ଶୁଣାଇଦେବା ଶିକ୍ଷା ନୁହେଁ। ପ୍ରତ୍ୟେକ ବିଷୟକୁ ସରଳ ଭାଷାରେ ବୁଝାଇବା, ଉଦାହରଣ, ଚିତ୍ର, ପରୀକ୍ଷଣ, ଆଲୋଚନା ଓ କାର୍ଯ୍ୟକଳାପ ମାଧ୍ୟମରେ ପଢ଼ାଇବା ଦ୍ୱାରା ପିଲାମାନଙ୍କ ମନରେ ଜ୍ଞାନ ସ୍ଥାୟୀ ହୋଇଥାଏ। ସେହିପରି ନିୟମିତ ନୋଟ୍ ପ୍ରସ୍ତୁତି, ଘରକାମର ସମୀକ୍ଷା ଓ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତି ଉପରେ ଧ୍ୟାନ ଦେବା ମଧ୍ୟ ଜରୁରୀ।

ଆଧୁନିକ ସମୟରେ ବିଦ୍ୟାଳୟ ଓ ଅଭିଭାବକଙ୍କ ମଧ୍ୟରେ ନିୟମିତ ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ। ପ୍ରତିଦିନ ପଢ଼ାଯାଇଥିବା ପାଠ, ଦିଆଯାଇଥିବା ଘରକାମ ଓ ପରବର୍ତ୍ତୀ ଦିନର ପ୍ରସ୍ତୁତି ସମ୍ପର୍କରେ ହ୍ୱାଟ୍‌ସ୍‌ଆପ୍ ଗ୍ରୁପ୍ କିମ୍ବା ଅନ୍ୟ ଡିଜିଟାଲ୍ ମାଧ୍ୟମରେ ଅଭିଭାବକଙ୍କୁ ସୂଚନା ଦିଆଗଲେ ପିଲାଙ୍କ ଶିକ୍ଷାରେ ସ୍ୱଚ୍ଛତା ଓ ନିୟମିତତା ବଢ଼ିବ। ଘର ଓ ବିଦ୍ୟାଳୟ ମଧ୍ୟରେ ସମନ୍ୱୟ ଯେତେ ମଜବୁତ ହେବ, ଶିକ୍ଷାର ଗୁଣବତ୍ତା ମଧ୍ୟ ସେତେ ବଢ଼ିବ। ଏହାସହିତ ପ୍ରତ୍ୟେକ ବିଦ୍ୟାଳୟରେ ନିୟମିତ ଭାବେ ଶିକ୍ଷକମାନଙ୍କ ପାଇଁ କର୍ମଶାଳା, ଅନୁଭବ ବିନିମୟ ଓ ଶିକ୍ଷାଦାନ କୌଶଳ ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉଚିତ।

ଜଣେ ଭଲ ଶିକ୍ଷକ କେବଳ ପାଠ ପଢ଼ାନ୍ତି ନାହିଁ; ସେ ଛାତ୍ରଛାତ୍ରୀଙ୍କ ମନରେ ଶିଖିବାର ଆଗ୍ରହ ସୃଷ୍ଟି କରନ୍ତି। ସମାଜରେ ଶିକ୍ଷକଙ୍କ ସମ୍ମାନ ସର୍ବଦା ଅକ୍ଷୁଣ୍ଣ ରହିବା ଉଚିତ। କିନ୍ତୁ ସେହି ସମ୍ମାନ ସହ ଏକ ବଡ଼ ଦାୟିତ୍ୱ ମଧ୍ୟ ଜଡ଼ିତ ରହିଛି। ଶିକ୍ଷକଙ୍କ ପ୍ରତ୍ୟେକ ଆଚରଣ ଜଣେ ଶିଶୁର ଭବିଷ୍ୟତକୁ ପ୍ରଭାବିତ କରେ। ତେଣୁ ବିଦ୍ୟାଳୟରେ ଦଣ୍ଡର ସ୍ଥାନରେ ସଂଳାପ, ଭୟର ସ୍ଥାନରେ ବିଶ୍ୱାସ ଏବଂ କଠୋରତାର ସ୍ଥାନରେ ସହାନୁଭୂତିର ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଦଣ୍ଡମୁକ୍ତ ବିଦ୍ୟାଳୟ କେବଳ ସରକାରୀ ନୀତି କିମ୍ବା ଘୋଷଣାରେ ସୀମିତ ନ ରହୁ। ଏହା ପ୍ରତ୍ୟେକ ଶ୍ରେଣୀକକ୍ଷରେ, ପ୍ରତ୍ୟେକ ଶିକ୍ଷକଙ୍କ ବ୍ୟବହାରରେ ଏବଂ ପ୍ରତ୍ୟେକ ଶିଶୁର ମୁହଁର ହସରେ ପ୍ରତିଫଳିତ ହେଉ। କାରଣ ପିଲାଙ୍କୁ ମାଡ଼ ମାରିଲେ ସେମାନେ କିଛି ସମୟ ପାଇଁ ଚୁପ୍ ରହିପାରନ୍ତି। କିନ୍ତୁ ଭଲପାଇବା, ସମ୍ମାନ ଓ ପ୍ରେରଣାରେ ପଢ଼ାଇଲେ ସେମାନେ ସାରା ଜୀବନ ପାଇଁ ଶିଖିଯାଆନ୍ତି। ଏହା ହିଁ ଏକ ସତ୍ୟକାର ଶିଶୁବନ୍ଧବ ବିଦ୍ୟାଳୟର ପରିଚୟ।

ବ୍ରହ୍ମପୁର(କେନ୍ଦ୍ରାପଡ଼ା)
ମୋ: ୯୯୩୮୭୬୬୬୪୯

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ପଢ଼ାବହି ତ୍ରୁଟି ମାମଲା**

## ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକଙ୍କୁ ଜାମିନ

କଟକ,୫ ।୮ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାରେ ଗିରଫ ହୋଇଥିବା ଏସସିଇଆରଟି (ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ) ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି କଟକ ସ୍ୱତନ୍ତ୍ର ଏସସି-ଏସଟି ଅଦାଲତ । ଶ୍ରୀ ପାଢୀ ଏହି ମାମଲାରେ ତଦନ୍ତକାରୀ ସଂସ୍ଥାକୁ ତଦନ୍ତରେ ସହଯୋଗ କରିବେ । ଆବଶ୍ୟକ ବେଳେ ନିର୍ଦ୍ଧାରିତ ତାରିଖରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ । ପାସପୋର୍ଟ ଥିଲେ ତାହାକୁ ଦାଖଲ କରିବା ସହ ଅନୁମତି ବିନା ଓଡିଶା ବାହାରକୁ ଯାଇପାରିବେନି ବୋଲି ଅଦାଲତ ସର୍ତ୍ତାରୋପ କରିଛନ୍ତି । ପ୍ରକାଶଥାଉକି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକ ତ୍ରୁଟି ମାମଲାରେ ଗତ ଜୁଲାଇ ୧୪ ତାରିଖରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରୀ ପାଢୀଙ୍କୁ ନିଲମ୍ବିତ କରିଥିଲେ ଓ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରି କରି ଜେଲକୁ ପଠାଇଥିଲା । କଟକ ଜେଏମଏଫସି କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ତଦନ୍ତରୁ ଜଣାପଡିଥିଲା ଯେ ଶ୍ରୀ ପାଢୀ ଏସସିଇଆରଟି ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଦାୟିତ୍ୱ ପାଳନ କରିବାରେ ଅବହେଳା କରିଥିଲେ । ଏପରିକି ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପିଗୁଡ଼ିକୁ ଯାଞ୍ଚ ନ କରି ପ୍ରକାଶନ ପାଇଁ ପଠାଇଥିଲେ ।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ହିଞ୍ଜିଳିକାଟୁ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ ପବିତ୍ର କୁମାର ସାହୁ,** ପିତା: ଶ୍ରୀ ନରହରି ସାହୁ, **୨) ଶ୍ରୀମତୀ ପିଙ୍କି ସାହୁ,** ସ୍ୱାମୀ: ଶ୍ରୀ ପବିତ୍ର କୁମାର ସାହୁ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ନରହରି ସାହୁ,** ପିତା: ଶ୍ରୀ ଘନଶ୍ୟାମ ସାହୁ, **୨) ଶ୍ରୀ ପ୍ରଶାନ୍ତ କୁମାର ସାହୁ,** ପିତା: ଶ୍ରୀ ନରହରି ସାହୁ, ସମସ୍ତଙ୍କ ଠିକଣା- ସା: ସମପୁର ମେନ୍ ରୋଡ୍, ଗ୍ରାମଦେବତୀ ମନ୍ଦିର, ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ | ତା.୩୧.୧୦.୨୦୨୫ରିଖ ସୁଦ୍ଧା ଟ.୭,୮୩,୯୫୪.୮୭ + ସେବାବଦ ସୁଧ | ୧୯.୧୧.୨୦୨୫ / ୦୫.୦୮.୨୦୨୬ | ଶ୍ରୀ ନରହରି ସାହୁଙ୍କ ନାମରେ ଥିବା ଗୃହ ସମ୍ପତ୍ତି ଯାହାର ଖତିୟାନ ନଂ.: ୨୦୧/୧୦୨୭, ପ୍ଲଟ୍ ନଂ.: ୮୭୦, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ସମପୁର, ତହସିଲ: ହିଞ୍ଜିଳିକାଟୁ, ଥାନା: ହିଞ୍ଜିଳି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ବାବାଜୀ ଭୀମ ଚରଣ ଦାସ, ପୂର୍ବ: କୃଷ୍ଣ ସେଠୀ, ପଶ୍ଚିମ: କୈଳାଶ ସାହୁ ଏବଂ କାହ୍ନୁ ଚରଣ ସାହୁ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୦୫.୦୮.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



**VEHICLE SALE**

TATA 612 SK,MODEL 2025, Regn. No - OD-02-DF-4502, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days



**FOR SALE**

1 Number of MARUTI DZIRE , Registration No.- OD-15-U-5019, Model-2022, - ENGINE NO – K12NP4090488, CHASSIS NO - MBHCZFB3SNC239388, For Details, contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI, PO/DIST- SAMBALPUR-768004



**FOR SALE**

1 Number of BHARAT BENZ 4228R Registration No.- OD-23-N-0904 Model- 2022, - ENGINE NO – 926956D0119416 CHASSIS NO - MEC897FCANP114972 For Details, contact – 9437019531 SUNDARAM FINANCE LTD. 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI, PO/DIST-SAMBALPUR- 768004



**OFFICE OF THE PRINCIPAL**
**MELCHHAMUNDA H. S. SCHOOL**
**WALK-IN-INTERVIEW**

Walk in interview for engagement of Guest Faculty in the Dept. Of English & Odia will be conduct on Dt. 10/08/2026 at 8.00 A.M. The interested candidates may attend the interview with all Documents.

Sd/ Principal I/C
Melchhamunda H. S. School
8599807449



**KASTURBA GANDHI BALIKA VIDYALAYA GAISILAT TYPE-III**
AT/PO/BLOCK- GAISILAT,DIST- BARGARH,PIN-768037

Notice No- 02/2026-27 Dated- 05.08.2026

**SHORT TENDER CALL NOTICE**

Sealed tenders are invited from the registered/reputed firms and manufacturer having valid PAN, valid GST registration certificate for supply of following items like Grocery,Dress materials,Medicines, Vegetables, Non Veg items, Bread bakery & milk items,Fruits,sweets & snacks items to the Kasturba Gandhi Balika Vidyalaya, Gaisilat,Block-Gaisilat,Dist- Bargarh for the year **2026-27**.

Last date of receipt of duly filled in tender form is **21.08.2026 upto 4PM**.

For details contact the undersigned within the office hours.

Sd/- Secretary cum Headmaster
**KGBV GAISILAT,Dist-Bargarh**
**Mob- 9777733411**



**LOST**

ମୁଁ ଶୁକ ବେହେରା, ସା- ଚର୍ଚ୍ଚିକା, ପୋ- ବାଙ୍କୀ, ଜିଲ୍ଲା- କଟକ ସମସ୍ତ କବଲା ଆଉ ପଟ୍ଟା କୁ ତା. ୨୭/୦୭/୨୦୨୬ ତାରିଖରେ ତହସିଲକୁ ଯିବା ସମୟରେ ଖାତା ନଂ- ୫୪୩ ପଟ୍ଟା ବାଟରେ କେଉଁଠାରେ ହଜି ଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ମୋର ପଟ୍ଟାକୁ ପାଇବେ ଉକ୍ତ ମୋବାଇଲ ନଂ- **9853581084, 9438670857** ରେ ଯୋଗାଯୋଗ କରିବାକୁ ଅନୁରୋଧ ।



**AFFIDAVIT**

I, Nunna Srinivas Rao, aged about 45 years, S/o- Nunna Prasad Rao, resident of Jharsuguda Highway, Pardhiapali, PO: Sankarma, PS: Ainthapali, Tahasil/Dist: Sambalpur, PIN-768006, Odisha declared by this affidavit No. 5312, dtd- 05/08/2026 that now onwards I shall be known as **NUNNA SRINIVASA RAO** for all future purposes.


24001/375/2627

## ଓଡିଶା ସରକାର
## ରାୟଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

NO.1044/XVIII-13/2026 Date: 01.08.2026

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ ଜିଲ୍ଲାର ଜଗଦଲପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– **ଧୁମରଗାଁ**, ତହସିଲ- ମୁନିଗୁଡା, ଥାନା- ଅମ୍ବାଦଳା, ଜିଲ୍ଲା- ରାୟଗଡରେ ନିମ୍ନ ତଫସିଲ ମତେ ପ୍ରାୟ ରକବା **ଏ.୧.୦୧ଡ଼ି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR&R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧)ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- ଜଗଦଲପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ
୨) ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ, ରାୟଗଡ
୩) କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:-ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବା ଆବଶ୍ୟକ ହେଉ ନାହିଁ।
୪) ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ SIA Study vide No. SIA-୩୩୬/NCDS ତା ୧୭.୧୧.୨୦୨୫ ରିଖ ଦ୍ରଷ୍ଟବ୍ୟ ।
୫) ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ପ୍ରକଳ୍ପ ପ୍ରଶାସକ, ପୁନର୍ବାସ ଓ ଥଇଥାନ (R&R), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ ।
୬) ଜମିର ବିବରଣୀ:-

| କ୍ର. ନଂ | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ଧୁମରଗାଁ | ଜଗଦଲପୁର | ମୁନିଗୁଡା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ. ୭.୧୦ ଡ଼ି. | ଏ.୧.୦୧ ଡ଼ି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ମୁନିଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦେୟ ସୃଷ୍ଟି ରାୟଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
**ଜିଲ୍ଲାପାଳ, ରାୟଗଡ**

### ଭୂମି ଅଧିଗ୍ରହଣ ଅନୁସୂଚୀ

**ମୌଜା: ଧୁମରଗାଁ (ଗ୍ରାମାଞ୍ଚଳ), ତହସିଲ: ମୁନିଗୁଡା , ଥାନା : ଅମ୍ବାଦଳା (ନଂ.୨୨୦),ଜିଲ୍ଲା: ରାୟଗଡ**

**ଜଗଦଲପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ**

| ଖାତା ନଂ. | ସତ୍ତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୯/୧୫ | ରୟତି | ଡଙ୍ଗର ୨ | ୫୭/୧୧୫ | ୧.୦୦ | ୦.୨୦୦ | ଫୁଲ ସାରକାପି:ସାରକାକାନ୍ଧରା ଜା: କନ୍ଧ ବା: ନିଜଗାଁ |
| ୯/୧୪ | ରୟତି | ଡଙ୍ଗର ୨ | ୫୭/୧୧୪ | ୧.୧୦ | ୦.୧୫୦ | ରବି ସାରକାପି:ସାରକାକାନ୍ଧରା ଜା: କନ୍ଧ ବା: ନିଜଗାଁ |
| ୯/୧୬ | ରୟତି | ଡଙ୍ଗର ୨ | ୫୭ | ୧.୦୦ | ୦.୦୮୦ | ଗମାଙ୍ଗସାରକାପି:ସାରକାକାନ୍ଧରା ଜା: କନ୍ଧ ବା: ନିଜଗାଁ |
| ୯/୧୧ | ରୟତି | ଡଙ୍ଗର ୨ | ୫୭/୧୧୩ | ୨.୦୦ | ୦.୨୯୦ | ପଦ୍ମା ସାରକାସ୍ୱା: ରାମଚନ୍ଦ୍ର ସାରକା, ହେମନ୍ତ ସାରକା, ଅନନ୍ତ ସାରକା, ମହାଦେବ ସାରକା, ମୋଗେନ୍ଦ୍ରିସାରକା, ସ୍ୱପ୍ନା ସାରକା ପି: ରାମଚନ୍ଦ୍ର ସାରକା ଜା: କନ୍ଧ ବା: ଧୂମର ଗାଁ |
| ୯/୧୦ | ରୟତି | ଡଙ୍ଗର ୨ | ୫୭/୧୧୨ | ୨.୦୦ | ୦.୨୯୦ | ବନ ମାଳି ସାରକାପି:କାନ୍ଦାରାସାରକା ଜା: କନ୍ଧ ବା: ନିଜଗାଁ |
| | | | ମୋଟ | ଏ. ୭.୧୦ | ଏ. ୧.୦୧ | |

ଭୂ - ଅର୍ଜନ ଅଧିକାରୀ
ମୁନିଗୁଡା, ଜିଲ୍ଲା - ରାୟଗଡ

OIPR-24001/24169/3/26-27/0007


**AFFIDAVIT**

I, Nunna Veer Lalithamba, aged about 42 years, W/o- Nunna Srinivasa Rao, resident of Jharsuguda Highway, Pardhiapali, PO: Sankarma, PS: Ainthapali, Tahasil/Dist: Sambalpur, PIN- 768006, Odisha declared by this affidavit No. 5313, dtd- 05/08/2026 that now onwards I shall be known as **NUNNA VEERA LALITAMBA** for all future purposes.



**AFFIDAVIT**

By virtue of an affidavit before the Executive Magistrate,Pipili on dtd. 19.07.2026, I, Jaganmohan Pradhan, formerly known as Mahendra Pradhan, Village/PO-Arisal, P.S. Delang, Dist. Puri-752016, hereby declare that I have changed my name from MAHENDRA PRADHAN to JAGANMOHAN PRADHAN. Henceforth, I shall be known as **JAGANMOHAN PRADHAN** for all purposes.

**Jaganmohan Pradhan**



**AFFIDAVIT**

By virtue of an affidavit before the Court of Executive Magistrate, Baripada, Mayurbhanj, I, Binay Singh S/o Madhu Singh, At/Po-Asana, Ps-Bangiriposi, Dist-Mayurbhanj, Pin-757032 declared by this affidavit dtd. 28-07-2026, SL No-453 that my minor sister name is changed from BIDYASHRI SINGH to BIDYA SINGH. **BIDYA SINGH,** this name has been used for all future purposes.



**AFFIDAVIT**

IN THE COURT OF EXECUTIVE MAGISTRATE, BALANGIR, By this affidavit No 83AA 781291 the undersigned Rakesh Kumar, S/o-Sarat kumar, At- Talpalipada, P.O:-Balangir, P.S.- Balangir, Dist.-Balangir - 767001 hereby declare That, I am the Father of the minor Nayami Kumar. that she may thereafter be called known and distinguished not by her former name of Nayani Kumar but by her assumed name of Nayami Kumar. That for the purpose of change in the Aadhar Card no- 5259 3429 1168.

**DEPONENT- RAKESH KUMAR**



**AFFIDAVIT**

By virtue of an affidavit (No.01, date: 05/08/2026) sworn before the Executive Magistrate, Padampur. I, Gitesh Sahu, S/o Ramesh Sahu, permanent & current resident of At: Katangpali, PO: Mithapali , PS: Paikmal, Dist: Bargarh, State: Odisha, PIN: 768039 declare that I have changed my name from Gitena Sahu (old name )to Gitesh Sahu (new name ). Henceforth, I shall be known as **Gitesh Sahu** (new name) for all purposes.



**AFFIDAVIT**

I, Siba Sankar Das, aged about 65 years, S/o-Sachindra Chandra Das , resident of AT: Plot No-95, Satya Nagar, Ps-Kharabela Nagar, Bhubaneswar, Dist - Khurda, Pin-751007, Odisha declared by this affidavit No. 1541, dtd-03/08/2026 that now onwards I shall be known as **SIBA SHANKAR DAS** for all future purposes.



**AFFIDAVIT**

By virtue of an affidavit dtd.27.07.2026 before Notary Public, Sonepur, I, Kabitarani Patra, Vill- Lehedi, P.O. Dharmasala, P.S. Birmaharajpur, Dist. Subarnapur, hereby declare that my correct name is KABITARANI PATRA, But in my Aadhaar Card it has been mentioned as KABITA PATRA. That both names refer to one and the same person. Henceforth I shall be known as **KABITARANI PATRA** for all purposes.

**Kabitarani Patra**



**AFFIDAVIT**

By virtue of an affidavit No-2366, sworn before The Executive Magistrate Champua on dtd-22/07/2026, I **Shrinibas Prasad,** S/o- Debendra Prasad, resident of Vill/PO/PS- Champua, Dist-Keonjhar, Odisha Pin-758041 declare that I have changed my name from **SRINIBAS PRASAD to SHRINIBAS PRASAD.** Henceforth, I shall be known as **SHRINIBAS PRASAD** for all future purposes.

**Shrinibas Prasad**



**AFFIDAVIT**

By virtue of an affidavit dtd.09.07.2026 before Executive Magistrate, Khordha, I, Rangabati Mohapatra, W/o- Late Gokula Mohapatra, Vill-Paikarasahi Podadiha, Po-Podadiha, Ps-Baghamari, Dist-khordha, Pin 752061 hereby declare that my correct name is Rangabati Mohapatra as per my Adhar Card no - 661940170794, But in my Pension Book it has been recorded as RANGALATA MOHAPATRA. That both names refer to one and the same person. Henceforth I shall be known as **Rangabati Mohapatra** for all purposes.

**Rangabati Mohapatra**



**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION DIVISION, KORAPUT**

25001/874/2627

At- Mainabri, Back side of SBI bank, Koraput, Pin-764020
Email- eerwss-kpt@rediffmail.com

**Tender Identification No.04/EE/RWSS/KPT/2026-27/01.08.2026**

The Executive Engineer, RWSS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | Rural piped water supply Projects under Koraput District |
| 2 | Estimated Cost. | Varies from 25.77 Lakhs to 29.98 lakhs |
| 3 | Total Nos of works | 2 nos. |
| 4 | Tender cost | Rs.6000.00 |
| 5 | Class of Contractor. | "C" & "B" |
| 6 | Availability of Bid document in the web site | Dt. 11.08.2026 at 17.00 hours to 21.08.2026 up to 17.00 hours. |
| 7 | Date of Seeking clarification. | During the Office hours of 11.08.2026 to 20.08.2026 |
| 8 | Date of Opening of Bid. | Dt. 24.08.2026 at 11.00 AM |

Further details can be seen in the bidding documents which is available in the e-procurement portal https://www.tendersorissa.gov.in. Subsequent corrigendum if required shall be appeared in the web site. Authority reserves the right to reject any or all tenders without assigning any reason.

Executive Engineer,
RWSS&S Division, Koraput

OIPR-25001/25034/1/26-27/0006



**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION DIVISION, KORAPUT**

At- Malisahi, Back side of SBI bank, Koraput, Pin-764020
Email- eerwss_kpt@rediffmail.com

**Tender Identification No.03/EE/RWSS/KPT/2026-27/01.08.2026**

The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | 01. Power supply to PWS Point at Erasantaguda inconnection with PWS to Sipajput G.P Maliput under Pottangi Block JJM<br>02. Power supply to PWS Point at Piped water supply to 132/33 KV Grid Substation (OPTCL) at Lugum GP- Ballel under Lamtaput Block. (OPTCL Deposit)<br>03. Power supply to PWS Point at Kumbharlimika inconnection with PWS to Kumbharlimika G.P Padampur under Koraput Block JJM |
| 2 | Time period for completion | **2 (Two) Months** |
| 3 | Estimated Cost. | **6.33** Lakhs to **8.69** Lakhs, |
| 4 | Total Nos of works | 3 nos. |
| 5 | Tender cost | Rs.4,000.00 |
| 6 | Class of Contractor. | **HT, (Elect.)** |
| 7 | Availability of Bid document in the web site | Dt. 10.08.2026 at 17.00 hours to 20.08.2026 up to 17.00 hours. |
| 8 | Date of Seeking clarification. | During the Office hours of 10.08.2026 to 19.08.2026 |
| 9 | Date of Opening of Bid. | Dt. 21.08.2026 at 11.00 AM |

Further details can be seen in the bidding documents which is available in the e-procurement portal https://www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Executive Engineer,
RWS&S Division, Koraput

OIPR-25001/25034/1/26-27/0005 25001/873/2627



**ହଜିଛି**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମୁଁ ଧୀରେନ୍ଦ୍ର ସେଠୀ, ପିତା: ରାଜେନ୍ଦ୍ର ସେଠୀ, ସା: ରାଣୀହାଟ, ଗୋପାଳ ସାହି, ପୋଷ୍ଟ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ । ଏଠାରେ ପ୍ରକାଶ କରୁଅଛୁ କି ଅରିଜିନାଲ ପଟ୍ଟା ନଂ.: ୬୯୫, ପ୍ଲଟ୍ ନଂ.: ୧୧୫୯/୧୮୫୮, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: କଟକ ସହର ୟୁନିଟ୍ ନଂ.: ୨୨, ମିରକମଳପାଟଣା, ଜିଲ୍ଲା: କଟକ, ମୋର ବିକ୍ରେତା କ୍ଷୀରୋଦ ଚନ୍ଦ୍ର ଲେଙ୍କା, ପିତା: ଯଦୁମଣି ଲେଙ୍କାଙ୍କ ନାମରେ ଥିଲା ଏବଂ ଅରିଜିନାଲ ଦଲିଲ ନଂ.: ୩୦୬୨, ତା:୦୨.୦୮.୧୯୯୬ରିଖ ପଞ୍ଜିକୃତ ମୋ ବିକ୍ରେତା କ୍ଷୀରୋଦ ଚନ୍ଦ୍ର ଲେଙ୍କା, ପିତା: ଯଦୁମଣି ଲେଙ୍କାଙ୍କ ନାମରେ ଥିଲା ତାହା ଗତ ତା:୧୮.୦୭.୨୦୨୬ରିଖ ରେ ମୁଁ ମୋଟର ସାଇକେଲ ଯୋଗେ ମୋର ବାସ ଗୃହ ଠାରୁ ଜେରକ୍ସ ଦୋକାନ ମଙ୍ଗଳାବାଗ ଯିବା ବେଳେ ଉପରୋକ୍ତ ପଟ୍ଟା ଓ ଦଲିଲ ସହିତ ବ୍ୟାଗଟି ମଙ୍ଗଳାବାଗ ଛକ ଠାରେ ହଜି ଯାଇଅଛି । ମୁଁ ଶତଚେଷ୍ଟା କରିସାରିବା ପରେ ମଧ୍ୟ ଉପର ଲିଖିତ ପଟ୍ଟା ଓ ଦଲିଲଟିକୁ ଖୋଜି ପାଇବାରେ ସକ୍ଷମ ହୋଇ ପରିନାହିଁ । ତେଣୁ ଉପରୋକ୍ତ ପଟ୍ଟା ଓ ଦଲିଲଟିକୁ ଯଦି କୌଣସି ସହୃଦୟ ବ୍ୟକ୍ତି ପାଇବେ ମୋର ଉପରୋକ୍ତ ଠିକଣାରେ **୧୫ ଦିନ ମଧ୍ୟରେ** ଜଣାଇବାକୁ ଅନୁରୋଧ । (ମୋ-୯୪୩୭୨୧୯୧୭୩)



**AFFIDAVIT**

I, Madhyamika Misha, aged about 48 years, W/O- Aurobinda Mishra, resident of At- Tareni Bihar, Po- Kapaleswar, Ps-Choudwar, Dist- Cuttack, Odisha, PIN- 754071, do hereby declare by this affidavit No. 79AA198591, dtd- 05/01/2026, that now onwards I shall be known as **MADHYAMIKA MISHRA** for all future purposes.



## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

13001/14431/2627

ପତ୍ର ସଂଖ୍ୟା ୧୬୧୬୨/ ଭୁ.ଉ.କ., ଭୁବନେଶ୍ୱର — **ସୂଚନା** — ତା. ୨୨.୦୭.୨୦୨୬ରିଖ
GE-B-435/81

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୋଡାଗୋପିନାଥ ପ୍ରସାଦ ହାଉସିଂ ସ୍କିମ୍, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-E-147 କୁ ରାଜକିଶୋର ମହାନ୍ତି, ପିତା-ଧ୍ରୁବ ଚରଣ ମହାନ୍ତି, ଗ୍ରାମ-ସରପଦା, ପୋଷ୍ଟ-ହରେକୃଷ୍ଣପୁର, ଥାନା/ଜିଲ୍ଲା-ନୟାଗଡ, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ରାଜକିଶୋର ମହାନ୍ତି ଗତ ତା-୦୭.୦୬.୨୦୧୩ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No.2729/2013 dated 20.06.2013).

ଆବଣ୍ଟନଗ୍ରାହୀ ରାଜକିଶୋର ମହାନ୍ତିଙ୍କ ସ୍ତ୍ରୀ-ଯାଜ୍ଞସେନୀ ମହାନ୍ତି ଗତ ତା-୦୩.୧୨.୨୦୨୦ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No. 11407/2021 dated 03.09.2021).

Legal heir certificate No. Misc. Case No. e-LHC/2021/193522 dated 11.04.2022 ଅନୁଯାୟୀ ରାଜକିଶୋର ମହାନ୍ତିଙ୍କର ଉତ୍ତରାଧିକାରୀ (୧) ରବିନ୍ଦ୍ରନାଥ ମହାନ୍ତି (ପୁତ୍ର), (୨) ସୁଷମା ମହାନ୍ତି (ବୋହୂ), (୩) ବିଷ୍ଣୁପ୍ରିୟା ବଡଜେନା (ବିବାହିତା କନ୍ୟା), (୪)ଶାନ୍ତିଲତା ମହାନ୍ତି (ବିବାହିତା କନ୍ୟା), (୫) ସଂଯୁକ୍ତା ସ୍ୱାଇଁ (ବିବାହିତା କନ୍ୟା), (୬) ବିଜୟଲକ୍ଷ୍ମୀ ପ୍ରଧାନ (ବିବାହିତା କନ୍ୟା), (୭) ମମତା ସ୍ୱାଇଁ (ବିବାହିତା କନ୍ୟା), (୮) ଦୀପକ କୁମାର ମହାନ୍ତି (ନାତି) ଓ (୯) ଆଲୋକ କୁମାର ମହାନ୍ତି (ନାତି) ଅଟନ୍ତି ।

ବର୍ତ୍ତମାନ (୧) ସୁଷମା ମହାନ୍ତି, (୨) ବିଷ୍ଣୁପ୍ରିୟା ବଡଜେନା, (୩)ଶାନ୍ତିଲତା ମହାନ୍ତି, (୪) ସଂଯୁକ୍ତା ସ୍ୱାଇଁ, (୫) ବିଜୟଲକ୍ଷ୍ମୀ ପ୍ରଧାନ, (୬) ମମତା ସ୍ୱାଇଁ, (୭) ଦୀପକ କୁମାର ମହାନ୍ତି ଓ (୮) ଆଲୋକ କୁମାର ମହାନ୍ତି (Registered deed of Relinquishment No.11082600972 dated 20.01.2026 ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର / ଅଂଶକୁ ରବିନ୍ଦ୍ରନାଥ ମହାନ୍ତି ଙ୍କୁ ହସ୍ତାନ୍ତର କରି ଅଛନ୍ତି । ସୁତରାଂ ଉକ୍ତ ଗୃହଟି ରବିନ୍ଦ୍ରନାଥ ମହାନ୍ତିଙ୍କ ନାମରେ ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହାଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13001/13033/1/26-27/0111

ସକାଳ THE SAKALA



### ବନ୍ୟା ଓ ପରବର୍ତ୍ତୀ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାର ବିଫଳ

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ବିଜେଡିର ଦାବିପତ୍ର

ବୌଦ୍ଧ/ହରଭଙ୍ଗା,୫।୮(ସମିସ)



ଲଗାଣ ବର୍ଷା ଫଳରେ ଉପୁଜିଥିବା ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ବୁଝିବାକୁ ବୌଦ୍ଧ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିଛି। ଏହି ପ୍ରତିନିଧି ମଣ୍ଡଳୀ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ଥିତି ପରଖିଛନ୍ତି। ସମୀକ୍ଷା ଓ ଆଲୋଚନା ପରେ ଆଜି ବୌଦ୍ଧ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବୌଦ୍ଧ ଜିଲ୍ଲା ମହାନଦୀ ଅବବାହିକରେ ଥିବା ଗ୍ରାମଗୁଡିକରେ ସରକାରଙ୍କ ତରଫରୁ କୌଣସି ଶୁଖିଲା ଖାଦ୍ୟ କିମ୍ବା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ୍ୟା ବିପର୍ଯ୍ୟୟ ପରେ ସରକାର ୩ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପାଇଁ ସରକାର ଘୋଷଣା କରିଥିଲେ। ଏପର୍ଯ୍ୟନ୍ତ କୌଣସି ଅଧିକାରୀ ଲୋକଙ୍କ ପାଖରେ ପହଞ୍ଚି ନାହାନ୍ତି। ବନ୍ୟାରେ ନଦୀକୂଳିଆ ଅଞ୍ଚଳର ଚାଷବାସ କ୍ଷତି ହୋଇଛି। ଏ ବିପଦ ସମୟରେ ନା ରାଜସ୍ୱ ବିଭାଗ ନା କୃଷି ବିଭାଗ କେହି ଲୋକଙ୍କ ପାଖରେ ପହଞ୍ଚି ନାହାନ୍ତି। ଗୋ-ଖାଦ୍ୟ ମଧ୍ୟ ମିଳିନାହିଁ ବୋଲି ଜିଲ୍ଲାପାଳଙ୍କ ନିକଟରେ ଦଳ ଅଭିଯୋଗ କରିଛି। ଏଥି ସହ ତୁରନ୍ତ ଏକ ସ୍ୱାସ୍ଥ୍ୟ ଟିମ୍ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ପଠାଇ ଧନ ଜୀବନ ଚାଷବାସର ସୁରକ୍ଷା ନିମିତ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ ପାଇଁ ବୌଦ୍ଧ ବିଜୁ ଜନତା ଦଳ ପକ୍ଷରୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲ୍ଲା ସଭାପତି ପ୍ରଦୀପ ଅମାତଙ୍କ ନେତୃତ୍ୱରେ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ପୂର୍ବତନ ଉପନଗରପାଳ ବସନ୍ତ ସ୍ୱାଇଁ, ଅବକାଶ ସାହୁ, ସୁବୋଧ ପ୍ରଧାନ, ଯୁବ ଆଇନଜୀବୀ ଅମୃତ ପ୍ରଧାନ, କାର୍ତ୍ତିକ ବେହେରା, ହୃଦାନନ୍ଦ ଦେହୁରୀ, ଈଶ୍ୱର ବେହେରା, ଆମଜାଦ ଖାନ, ଅନିକେତ ଦାନୀ, ଯୋଗେନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ହତ୍ୟା ପରେ ଶବ ପୋଡ଼ି ଦିଆଯାଇଥିବା ଗୁଜବ

ତରଭା,୫।୮(ସମିସ): ତରଭା ଥାନା ଅଧୀନ ଝିଂଡୋଲ ଗ୍ରାମର ଜଣେ ଯୁକ୍ତ-୨ ପ୍ରଥମ ବର୍ଷର ନାବାଳିକାଙ୍କୁ ହତ୍ୟା ପରେ ତେଲନଦୀ କୂଳରେ ପୋଡି ଦିଆଯାଇଥିବା ଗୁଜବ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କୁ ପଚାରିବାରୁ ନାବାଳିକାଙ୍କ ପରିବାର କିମ୍ବା ଗାଁ ଲୋକଙ୍କ ତରଫରୁ କୌଣସି ଅଭିଯୋଗ ହୋଇନାହିଁ। ଗୁଜବକୁ ନେଇ ପୁଲିସ ତଦନ୍ତ ଚଳାଇଛି ବୋଲି କହିଥିଲେ। ଅବୈଧ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ରବିବାର ରାତିରେ ନାବାଳିକାଙ୍କୁ ହତ୍ୟାକରାଯାଇଥିବା ଶୁଣିବାକୁ ମିଳୁଛି; ହେଲେ ଝାଡା ହେବାକୁ ଯାଇ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଉଛି।

## ବରିଷ୍ଠ ଲିପିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେବଗଡ଼, ୫।୮(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ସରପଞ୍ଚ ଭବନଠାରେ ଆଜି ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ବରିଷ୍ଠ ଲିପିକ ଦାଶରଥି ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ସରପଞ୍ଚ ସଂଘ ସମ୍ପାଦକ ପ୍ରକାଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ଆଦିତ୍ୟ ପଣ୍ଡା, ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ ସଦାଶିବ ବେହେରା ଯୋଗ ଦେଇ ଅବସର ଗ୍ରହଣ କରିଥିବା ବରିଷ୍ଠ ଲିପିକ ଶ୍ରୀ ବିଶ୍ୱାଳଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସମସ୍ତ ସରପଞ୍ଚମାନେ ଅବସର ନେଇଥିବା ଶ୍ରୀ ବିଶ୍ୱାଳଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିବା ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବାଘବର ସରପଞ୍ଚ ଉତ୍ତରବନ୍ଧୁ ପ୍ରଧାନ, ତେନ୍ତୁଳିବାହାଳ ସରପଞ୍ଚ ବସନ୍ତ ବେହେରା, ଖିଲେଇ ସରପଞ୍ଚ ଦୋଳଗୋବିନ୍ଦ ପ୍ରଧାନ, ନାଉଲିପଡ଼ା ସରପଞ୍ଚ ଏଲିନା ସାହୁ, ନୂଆଁଡିହି ସରପଞ୍ଚ ମୋତିମାଳା ମହାକୁଳ, ତାରଙ୍ଗ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ, ମଲେହିପଡ଼ା ସରପଞ୍ଚ ରୁନୁ ବେହେରା ସମେତ ବହୁ ସରପଞ୍ଚ ଉପସ୍ଥିତ ଥିଲେ। ପଳସମା ସରପଞ୍ଚ ସୁଶୀଳ କୁମାର ଧନ୍ୟବାଦ ଦେଇଥିଲେ।



## କାର୍‌ରୁ ୮୬ କେଜି ଗଞ୍ଜେଇ ଜବତ


ବୌଦ୍ଧ,୫।୮(ସମିସ): ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଥାନା ବିଜାପଦର ନିକଟରୁ ଏକ୍ କାରରୁ ୮୬ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଆଇଆଇସି ମହେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବାଉଁଶୁଣୀ ଥାନା ପୁଲିସର ଏକ ଟିମ୍ ବିଜାପଦର ନିକଟରେ ଚଢଉ କରିଥିଲା। କାର୍ ଚାଳକ ଫେରାର ମାରିଥିବା ବେଳେ କାରର ଡିକି ଓ ମଝି ସିଟରୁ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୮୬ କେଜି ଗଞ୍ଜେଇ ହୋଇଥିଲା। ଗଞ୍ଜେଇ ଓ କାରକୁ ପୁଲିସ ଜବତ କରିଛି। ଏ ନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

## କାର୍ ସହ ଗଞ୍ଜେଇ ଜବତ; ଚାଳକ ଫେରାର



କଣ୍ଟାମାଳ,୫।୮(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପୁଲିସ ଅଇଁଲାତୁଆଁ ଆଦର୍ଶ ବିଦ୍ୟାଳୟ ନିକଟରେ ଏକ କାରରୁ ୧୨୬ କେଜି ଗଞ୍ଜେଇ ଜବତ କରିଛି। ତେବେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ଓମପ୍ରକାଶ ମହାନ୍ତିଙ୍କ ନେତୃତ୍ୱର ପୁଲିସ ପାଟ୍ରୋଲିଂ ଡ୍ୟୁଟିରେ ଥିବାବେଳେ ସୂଚନା ପାଇ ଗଞ୍ଜେଇ ଭର୍ତ୍ତି ଏହି କାରକୁ ଧରିଥିଲା।

## ଅଭିଭାବକ-ଶିକ୍ଷକ ବୈଠକ



କଣ୍ଟାମାଳ, ୫।୮(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଥମ ପିତାମାତା-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା କମିଟିର ସଂପାଦକ ସନ୍ତୋଷ ସାହୁ, ପରିଚାଳନା କମିଟିର ନବନିର୍ବାଚିତ ଅଧ୍ୟକ୍ଷ ପ୍ରଭାତ ସାହୁ, ଘଣ୍ଟାପଡ଼ା ସିଆରସିସି ରୂପା ସିଂ କ୍ଷେତି, ଉପାଧ୍ୟକ୍ଷା ଭାରତୀ ନାଗ, ସହକାରୀ ଶିକ୍ଷକ ସୁବାସ ସାହୁ, ଶାନ୍ତାନୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଆକାଶ ମେହେର ବୈଠକରେ ମଞ୍ଚ ପରିଚାଳନା କରିଥିବାବେଳେ ମନ୍ଦାକିନୀ ବଗର୍ତ୍ତୀ ଧନ୍ୟବାଦ ଦେଇଥିଲେ।

## ସୋଲାର ଲାଇଟ୍ ବଦଳରେ ଲୁଣ ପ୍ୟାକେଟ ଆସିଲା

ଅନଲାଇନ ଠକେଇ



କଣ୍ଟାମାଳ,୫।୮(ସମସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ରେଙ୍ଗାଲି ପଞ୍ଚାୟତ କମଘାଟ ଗ୍ରାମର ଜେରେ ବ୍ୟକ୍ତି ଅନଲାଇନ ଠକାମୀର ଶୀକାର ହୋଇଛନ୍ତି। କମଘାଟ ଗାଁର ଶମ୍ଭୁ ପ୍ରସାଦ ସାହୁ ନାମକ ଜଣେ ବ୍ୟକ୍ତି ଫେସବୁକରେ ଗୋଟାଏ ଲିଙ୍କରେ ୧୩୯୯ ମୂଲ୍ୟର ଏକ ସୋଲାର ଲାଇଟ ଅର୍ଡର କରିଥିଲେ। ଅର୍ଡର ମୁତାବକ ଡେଲିଭରି ବୟ ଶମ୍ଭୁଙ୍କୁ ଏକ ପାର୍ସଲ ହସ୍ତାନ୍ତର କରିଥିଲେ। ପାର୍ସଲ ପାଇବା ପରେ ଶମ୍ଭୁ ଡେଲିଭରି ବୟ ସାମନାରେ ପାର୍ସଲ ଖୋଲି ଦେଖିଥିଲେ। ପାର୍ସଲଟି ଖୋଲିବା ପରେ ସେଥିରେ ଏକ ୩୦ ଟଙ୍କାର ଲୁଣ ପକେଟ ଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ଡେଲିଭରି ବୟକୁ ଫେରସ୍ତ କରିବାକୁ କହିବାରୁ ଡେଲିଭରି ବୟ ମନା କରି କମ୍ପାନୀ ସହ ଯୋଗାଯୋଗ କରିବାକୁ କହିଥିଲେ।

## ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ବୈଠକ



ଦେବଗଡ଼,୫।୮(ସମିସ): ଦେବଗଡ଼ ଜିଲ୍ଲା ବରିଷ୍ଠ ନାଗରିକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଫୋରମର ସଭାପତି ଡ. ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂପାଦକ ଗୌରହରି ଷଡଙ୍ଗୀ, କୋଷାଧ୍ୟକ୍ଷ ଉଦୟନାଥ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଜିଲ୍ଲାର ବିଭିନ୍ନ ସମସ୍ୟା ସଂପର୍କରେ ଆଲେଚନା କରାଯାଇଥିଲା। ଏହାସହିତ ଜିଲ୍ଲାରେ ହୋଇଥିବା ତ୍ରୁଟିପୂର୍ଣ୍ଣ ହାଇଟେକ ସର୍ଭେ ଯୋଗୁଁ ଗତ ବର୍ଷ ବହୁ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିବାରୁ ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ସମାଧାନ କରିବା ପାଇଁ ଫୋରମ ପକ୍ଷରୁ ଦାବି କରାଯାଇଛି। ସେହିପରି ପ୍ରତ୍ୟେକ ମାସର ଶେଷ ରବିବାର ଦିନ ପୌରାଞ୍ଚଳର ଗୋଟିଏ ୱାର୍ଡରେ ସଫେଇ କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ହରଭଙ୍ଗା ଗ୍ରାମବାସୀଙ୍କ ସହ ବିଧାୟକଙ୍କ ଆଲୋଚନା



ହରଭଙ୍ଗା,୫।୮(ସମିସ): ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ହରଭଙ୍ଗା ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରଛନ୍ତି। ହରଭଙ୍ଗାରେ ଆର୍‌ଆଇ ଅଫିସ, କଲ୍ୟାଣ ମଣ୍ଡପ, ପୁରୁଣା ଖେଳ ପଡିଆ, ହରଭଙ୍ଗାଠାରୁ ଅତଳସରା ଜଗନ୍ନାଥ ସଡ଼କର ଉନ୍ନତୀକରଣ ପାଇଁ ଜିଲ୍ଲା ପ୍ରଶାସନକୁ ସେ ପରାମର୍ଶ ଦେଇଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାଘାଟ ଓ ଶଗଡିଆ କେନାଲ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହରେନ ଲାଲ, ସୁନୀଲ ଗୁପ୍ତା, ସାମ୍ବାଦିକ ଚିତ୍ତରଞ୍ଜନ ସିଂହ, ବସୁ ବାରିକ, ବିପିନ ମହାକୁଡ, ଅନିଲ ସିଂହ, ଗିରି ସେଠିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ କାର୍ଯ୍ୟକ୍ରମ

ତରଭା,୫।୮(ସମିସ): ସୋନପୁର ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ଶୀର୍ଷକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେରା ଯୁବା ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରଶନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ନିଶାମୁକ୍ତ ସମାଜ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଦିଗନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ଓ ସୁସ୍ଥ ସମାଜ ଗଠନ ପାଇଁ ଯୁବମାନଙ୍କୁ ପ୍ରେରିତ କରିଥିଲେ। ଏହାସହ ଏନ୍‌ଏସ୍‌ଏସ୍ ଡିପିଓ ଧିରେନ୍ ମିଶ୍ର ମଧ୍ୟ ନିଜର ମତାମତ ରଖି ଯୁବମାନଙ୍କୁ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କବିତା, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ସ୍ଲୋଗାନ, ନୃତ୍ୟ, ନାଟକ ଓ ଭିଡିଓ ନିର୍ମାଣ ସମେତ ମୋଟ ୮ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ବିଚାରକ ଭାବେ କଳାକାର ପ୍ରଦ୍ୟୁମ୍ନ ସାହୁ, ନାଟ୍ୟଶ୍ରୀ ଗଦାଧର ବାରିକ, ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ର, ପିନାକୀ ମିଶ୍ର, ଗୀତିକାର ନୂର ବେଗମ୍ ଓ ପ୍ଲାବନ ମହାପାତ୍ର ପ୍ରମୁଖ ଦାୟିତ୍ୱ ସମ୍ପାଦନ କରିଥିଲେ। କବିତା ପ୍ରତିଯୋଗିତାରେ ଅଂଶୁମାନ ପଣ୍ଡା ପ୍ରଥମ, ଅଦ୍ୟାଶା ସାହୁ ଦ୍ୱିତୀୟ ଏବଂ ପ୍ରିୟଙ୍କା ରାଣୀ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ସଙ୍ଗୀତା ପାଣିଗ୍ରାହୀ ପ୍ରଥମ, ପ୍ରିୟଙ୍କା ମିଶ୍ର ଦ୍ୱିତୀୟ ଓ ବିଶ୍ୱରୂପା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ମନୋରଞ୍ଜନ ସାହୁ ପ୍ରଥମ, ସମୀକ୍ଷା ସାହୁ ଦ୍ୱିତୀୟ ଏବଂ ବିନୀତ କମ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ଲୋଗାନ ପ୍ରତିଯୋଗିତାରେ ଅଭିଲିପ୍ସା ଶତପଥୀ ପ୍ରଥମ, ଅମନ କୁମାର ସୁନା ଦ୍ୱିତୀୟ ଓ ଯଶୋଷିକ ପଟେଲ ତୃତୀୟ ସ୍ଥାନ ହାସଲ କରିଥିଲେ। ଶମ୍ଭୁରାଜ କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଡ. ହୃଷୀକେଶ ଦେହେରୀ ସହଯୋଗ କରିଥିଲେ। ଶେଷରେ କୃପାସିନ୍ଧୁ ସା ଧନ୍ୟବାଦ ଜଣାଇଥିଲେ।

## କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ପ୍ରତିରୋଧ ପାଇଁ ପ୍ରଶିକ୍ଷଣ ଶିବିର

ଦେବଗଡ଼,୫।୮(ସମିସ): ଦେବଗଡ଼ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ କର୍ମ କ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ପ୍ରତିରୋଧ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନଙ୍କ ଆବାହକତ୍ୱ କ୍ରମେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ସୃଜନ ସାରସ୍ୱତ, ସମ୍ବନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଯୋଗ ଦେଇଥିଲେ। କର୍ମ କ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନ ନିର୍ଯାତନା ନିବାରଣ, ନିଷେଧ ଓ ପ୍ରତିକାର ଆଇନ-୨୦୧୩ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ବିଭିନ୍ନ କାର୍ଯ୍ୟାଳୟରେ ମହିଳା କର୍ମଚାରୀଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ପ୍ରତିରୋଧ ସହ ସେମାନଙ୍କ ସୁରକ୍ଷା ତଥା ଅଭିଯୋଗ ଶୁଣାଣି ପାଇଁ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଅଧିନିୟମ ପ୍ରତ୍ୟକ ସ୍ତରରେ କଡାକଡି ଭାବେ ଲାଗୁ କରିବା ସହ ଓ ପ୍ରତ୍ୟକ କାର୍ଯ୍ୟାଳୟରେ ରହିଥିବା ୧୦ରୁ ଅଧିକ କର୍ମଚାରୀ ସେହି ସ୍ତରରେ ଏକ ଅଭ୍ୟନ୍ତରୀୟ ଜିଲ୍ଲାସ୍ତର ଅଭିଯୋଗ କମିଟି ଗଠନ ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଡେପୁଟି କଲେକ୍ଟର ଏଜଲିନ୍ ବାରା, ପୌରପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ, ସିଏସଡିଆରର ସମ୍ପାଦିକା ରୀତାରାଣୀ ରାଉତ, ଅତିରିକ୍ତ ଶ୍ରମ ଅଧିକାରୀ ଦୀପ୍ତିମୟୀ ରାଉତ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।


## ଜିଲ୍ଲାପାଳଙ୍କ ଜୁଭେନାଇଲ ଜଷ୍ଟିସ ବୋର୍ଡ କାର୍ଯ୍ୟାଳୟ ପରିଦର୍ଶନ

ଝାରସୁଗୁଡ଼ା,୫।୮(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସ୍ଥାନୀୟ ଜୁଭେନାଇଲ ଜଷ୍ଟିସ ବୋର୍ଡ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ ଥିବା ଭିତ୍ତିଭୂମି, କୋଠରୀ ସୁବିଧା ଓ ଅନ୍ୟାନ୍ୟ ପ୍ରଶାସନିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟର ପ୍ରତ୍ୟେକ ବିଭାଗ ବୁଲି ଦେଖିବା ସହ ବୋର୍ଡର ସଦସ୍ୟ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ କାଳରେ ଜିଲ୍ଲାପାଳ ବୋର୍ଡର ସଦସ୍ୟମାନଙ୍କ ପାଇଁ ନିର୍ଦ୍ଧାରିତ କୋଠରୀ, ସେମାନଙ୍କର କାର୍ଯ୍ୟାଳୟ ଭିତ୍ତିଭୂମି ଏବଂ ଶୁଣାଣି ସମୟରେ ଆବଶ୍ୟକ ହେଉଥିବା ବିଭିନ୍ନ ବ୍ୟବସ୍ଥା ଅନୁଧାନ କରିଥିଲେ। ବୋର୍ଡ ସଦସ୍ୟମାନେ ଯେପରି ସୁଚାରୁରୂପେ ଓ ବିନା କୌଣସି ପ୍ରତିବନ୍ଧକରେ ଆଇନଗତ ପ୍ରକ୍ରିୟା ସୁପରିଚାଳନା କରିପାରିବେ ସେଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ତଦାରଖ କରିଛନ୍ତି। ଏହା ସହିତ ଆଇନଗତ ବିବାଦରେ ଥିବା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ କୋଠରୀ, ବସିବା ବ୍ୟବସ୍ଥା ଓ ଅପେକ୍ଷାଗୃହର ଉପଲବ୍ଧତା ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ତଦାରଖ କରିଥିଲେ। ବୋର୍ଡକୁ ଆସୁଥିବା କିଶୋର-କିଶୋରୀମାନଙ୍କୁ ଯେପରି ଏକ ମାନସିକ ଭାବେ ସୁରକ୍ଷିତ, ଅନୁକୂଳ ଓ ସମ୍ମାନଜନକ ପରିବେଶ ମିଳିପାରିବ ସେ ନେଇ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟାଳୟରେ ଉପଲବ୍ଧ ସ୍ଥାନ ଓ କୋଠରୀଗୁଡ଼ିକର ଠିକ୍ ବିନିଯୋଗ କରିବା ସହ ଆବଶ୍ୟକ ଭିତ୍ତିଭୂମିର ସୁଧାର ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ ଏବଂ ଜୁଭେନାଇଲ ଜଷ୍ଟିସ ବୋର୍ଡର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ତରଭାରେ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି

ତରଭା,୫।୮(ସମିସ): ତରଭା ଏନ୍‌ଏସି ସଭାଗୃହରେ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବନ୍ଦିତା ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇଓ ଲକ୍ଷ୍ମୀକାନ୍ତ ମଲ୍ଲିକ, ଉପନଗରପାଳ ଗଗନ ଅଗ୍ରୱାଲ, ଅଗ୍ନିଶମ ଅଧିକାରୀ ପଞ୍ଚାନନ ବେହେରା, ସାଂସଦ ପ୍ରତିନିଧି ମାନସ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏସଆଇ ସୁଧୀର ଜେନା, କାଉନସିଲର ସୁଜାତା ରଥ, ଅଞ୍ଜନା ସାହୁ, ନଳିନୀ ନାଏକ, ଆକବର ଅଲ୍ଲୀ, ବିଦ୍ୟାଧର ଦେହୁରୀ, ମହେନ୍ଦ୍ର ନାଏକ, ସୁରଜ ସେଠୀ, ଆଶିଷ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜେଏନଭି, ଶିଶୁ ମନ୍ଦିର, ବାଳକ, ବାଳିକା ହାଇସ୍କୁଲ ସହ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଜୟପ୍ରକାଶ ନାରାୟଣ ସାହୁ, ପ୍ରଦୀପ ମହାଣା, ମଧୁସୂଦନ ପାଣ୍ଡେ, ସୁରେନ୍ଦ୍ର ଦଳବେହେରା, ରାମ ନାଏକ, ଦେବେନ୍ଦ୍ର ନାଏକ, ଆର. କେ ଭୋଇ, ରାମନାରାୟଣ ବେଜ, ସୁବାଷ ସେଠୀ, ରାଜକିଶୋର ସାହୁ, ହିରଣ୍ମୟ ପଟ୍ଟନାୟକ, ମାନଭଂଜନ ମିଶ୍ର, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, ସୁକାନ୍ତ ମିଶ୍ରଙ୍କ ସମେତ ସହରରେ ଥିବା ଅନୁଷ୍ଠାନର କର୍ମକର୍ତ୍ତା, ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଭାଗ ନେଇଥିଲେ। ବିଶ୍ୱରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

## ଓଷ୍ଟା ବଲାଙ୍ଗିର ବ୍ଲକ୍ ଶାଖା ବିଡ଼ିଓଙ୍କ ଦ୍ୱାରସ୍ଥ




ବଲାଙ୍ଗିର,୫।୮(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ବଲାଙ୍ଗିର ଜୋନ୍ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ହୃଷିକେଶ ଗଣ୍ଡଙ୍କୁ ଏକ ଦାବିପତ୍ର ଦେଇଛି। ସୁରେଶ ଷଡ଼ଙ୍ଗୀ, ସଞ୍ଜୟ ତ୍ରିପାଠୀ, ଅନିଲ ସାହୁ, ଶଙ୍କର ମିଶ୍ର ପ୍ରମୁଖ ବିଡିଓଙ୍କୁ ଭେଟିଥିଲେ।

## ବୌଦ୍ଧରେ ଜଡ଼ିବୁଟି ଦିବସ



ବୌଦ୍ଧ,୫।୮(ସମିସ): ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଶ୍ରୀ ଚନ୍ଦ୍ରଚୁଡ ମନ୍ଦିର ମହାନଦୀ ଆଳତୀ ଘାଟରେ ଜଡ଼ିବୁଟି ଦିବସ ପାଳନ କରାଯାଇଛି। ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପତଞ୍ଜଳି ଯୋଗ ସମିତି ପ୍ରଭାରୀ ରଧାମାଧବ ବହିଦାର, ସମ୍ମାନୀତ ଅତିଥି ଭାବେ ଆଚାର୍ଯ୍ୟ ସୁବ୍ରତଜୀ ଯୋଗ ଦେଇଥିଲେ।

## ୫୨ତମ କନିଷ୍ଠ ବର୍ଗ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ଶିବିର



ଦେବଗଡ଼,୫।୮(ସମିସ): ଓଡିଶା କବାଡି ଆସୋସିଏସନ ଦ୍ୱାରା ଆସନ୍ତା ୧୩ ତାରିଖଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଗୋଠପାଟଣାସ୍ଥିତ ଟାଇମ୍ସ ସ୍କୋଲାର୍ ଗୁରୁକୁଳଠାରେ ରାଜ୍ୟସ୍ତରୀୟ କନିଷ୍ଠ ବର୍ଗ କବାଡି ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ପାଇଁ ଆଜି ଦେବଗଡ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଦିନିକିଆ ଜିଲ୍ଲାସ୍ତରୀୟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। କବାଡି ସମ୍ପାଦକ ସୁବାଷ ଚନ୍ଦ୍ର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ୩ଟି ବ୍ଲକ ଓ ବିଭିନ୍ନ ଅନୁବନ୍ଧିତ କ୍ଲବରୁ ଉଭୟ ବାଳକ ଓ ବାଳିକା ବିଭାଗରେ ୩୭ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଏଥିରେ ଯୋଗ୍ୟ ବିବେଚିତ ଖେଳାଳିମାନେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଦେବଗଡ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଶିବିରରେ ଅବସରପ୍ରାପ୍ତ ଶାରୀରିକ ଖେଳ ନିରୀକ୍ଷକ ବାତ୍ସଲ୍ୟ ବିଶ୍ୱାଳ, ପୂର୍ବତନ କବାଡି ଖେଳାଳି ପ୍ରଫୁଲ୍ଲ ନାୟକ ଓ ସୁଶୀଲ ନାଏକ ଖେଳାଳି ଚୟନକର୍ତ୍ତା ଭାବରେ ଯୋଗ ଦେଇଥିଲେ। ସେହିପରି ସହ ସମ୍ପାଦକ କିଶୋର ରାୟ, କୋଷାଧ୍ୟକ୍ଷ ପ୍ରଭାତ ପ୍ରଧାନ, ଆଲୋକ ଅମାନ୍ତ, ପ୍ରଦୀପ ଛତ୍ରିଆ, ଉର୍ବସି ମୁଣ୍ଡା, ସୂର୍ଯ୍ୟକାନ୍ତ ଭାଟୀ ପ୍ରମୁଖ ସହଯୋଗ କରିଥିଲେ।

## ସାମ୍ବାଦିକ ପ୍ରତାପ ନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ଦେବଗଡ଼,୫।୮(ସମିସ): ଦେବଗଡର ସାମ୍ବାଦିକ ପ୍ରତାପକିଶୋର ନାୟକ ଆଉ ନାହାନ୍ତି। ଦୀର୍ଘ ଦିନ ଧରି ସେ କର୍କଟରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ଆଜି ପ୍ରତ୍ୟୁଷରେ ସେ ଶେଷ ନିଶ୍ୱାସ ତ୍ୟାଗ କରଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଏହାଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲା ସାମ୍ବାଦିକ ସଙ୍ଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ଅଶୋକ ନନ୍ଦ, ସିଦ୍ଧାର୍ଥ ଗୁରୁ, ଅନୁଜ ପ୍ରଧାନ, ଶକ୍ତି ସୌରଭ ନନ୍ଦ, ପ୍ରଶାନ୍ତ ଭୁକ୍ତା, ତରୁଣ ସାହୁ, ପ୍ରଣବକିଶୋର ଗୁରୁ, ମାନସ ରଞ୍ଜନ ଦ୍ୱିବେଦୀ, ବ୍ରିଜେଶ ରଞ୍ଜନ ସାହୁଙ୍କ ସମେତ ବହୁ ସାମ୍ବାଦିକ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ସେହିଭଳି ଉମାଶଙ୍କର ସାହୁଙ୍କ ଆବାହକତ୍ୱରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ମହମବତି ଶୋଭାଯାତ୍ରା କରାଯାଇଥିଲା। ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ, ମିତ୍ରଭାନୁ ମହାପାତ୍ର, ସୁଶୀଲ କପର୍ଦ୍ଦାର, ଅମରେନ୍ଦ୍ର ଗଙ୍ଗଦେବ, ବିକାଶ ପ୍ରଧାନ, ଅନୁଜ ପ୍ରଧାନ, ପ୍ରଶାନ୍ତ ଭୁକ୍ତା, ପ୍ରତାପ ପାତ୍ର, ସମରେଶ ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

## ଯୁକ୍ତ ଦୁଇ ନବାଗତଙ୍କ ପ୍ରବେଶ କାର୍ଯ୍ୟକ୍ରମ




କଣ୍ଟାବାଞ୍ଜି,୫।୮(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଓ ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଯୁକ୍ତ ଦୁଇ ପ୍ରଭାରୀ ରାଜେଶ ମହାନ୍ତି, ଅଧ୍ୟାପକ ଯଶୋବନ୍ତ ନାରାୟଣ ମିଶ୍ର, ଶକ୍ତିଶ୍ରୀ ସଂଯୋଜିକା ପ୍ରଭାସିନୀ ରାଉତରାୟ, ରୋହିତ କିଶୋର କୁମ୍ଭାର, ଗ୍ରନ୍ଥାଗାରିକ ମନୀଷ ମହାନ୍ତି, ନମିତା ମହାନ୍ତି, କୃଷ୍ଣ ମେହେର, ବବିତା ଦେବଦର୍ଶିନୀ, ଅଧ୍ୟାପକ କରୁଣାକର ନାଏକ, ଶୋଭନ ମହାନ୍ତି, ଡ. ନୀଳାମ୍ବର ସାରକା, ସୁଶାନ୍ତ ସ୍ୱାଇଁ, ରମେଶ ଚନ୍ଦ୍ର ମହାନନ୍ଦ, ଅଧ୍ୟାପିକା ଆନ୍ନପୂର୍ଣ୍ଣା ପଣ୍ଡା, ମୁଖ୍ୟ କିରାଣି ମଳୟ ନାଗ, ଅଧ୍ୟାପିକା ଦିଶା ଅଗ୍ରୱାଲ, ଅଧ୍ୟାପିକା ବବିତା ଦେବଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋୟର ସୁକତେଲ ପ୍ରକଳ୍ପ | କୁମିଆପାଲି ପରେ ପ୍ରଶାସନକୁ ଡାବଲବାଞ୍ଜି ଟେନସନ



ବଲାଙ୍ଗିର,୫।୮ (ସମିସ)

ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ପ୍ରଭାବିତ ଗାଁ କୁମିଆପାଲି ପରେ ଏବେ ଡାବଲବାଞ୍ଜି ଗ୍ରାମବାସୀ ପ୍ରଶାସନର ଚିନ୍ତା ବଢାଇଛନ୍ତି। ବିସ୍ଥାପନକୁ ନେଇ ଗାଁରେ ରହିଥିବା ସମସ୍ୟା ଯୋଗୁଁ ଗ୍ରାମବାସୀ ଗାଁ ଛାଡି ନାହାନ୍ତି। ମଙ୍ଗଳବାର ବିସ୍ଥାପନ କରିବାକୁ ଯାଇଥିବା ପ୍ରଶାସନକୁ ଗ୍ରାମବାସୀ ଜୋରଦାର ବିରୋଧ କରିଛନ୍ତି। ବୁଧବାର ମଧ୍ୟ ପ୍ରଶାସନ ପୁଲିସ ଫୋର୍ସ ସହ ଗାଁରେ ପହଞ୍ଚି ନାଲି ଆଖି ଦେଖାଇଥିଲା। ଲୋକଙ୍କୁ ଜୋର ଜବରଦସ୍ତ ବିସ୍ଥାପନ କରିବାକୁ ଉଦ୍ୟମ କରିଥିଲା। ଏହାକୁ ନେଇ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶେଷରେ ପ୍ରଶାସନ ନିଜ ଉଦ୍ୟମରେ ବିଫଳ ହେତୁ ଫେରି ଆସିଥିଲା। ଆଂଶିକ ଭାବେ ପ୍ରଭାବିତ ହେବାକୁ ଥିବା ଏହି ଗାଁର ସମସ୍ୟା କିଛି ଭିନ୍ନ ରହିଛି। ଗାଁରେ ଥିବା ପ୍ରାୟ ଶତାଧିକ ପରିବାରରୁ ୭ଟି ପରିବାର ଲୋୟର ସୁକତେଲ ମାନଚିତ୍ରରେ ନାହାନ୍ତି। ଅର୍ଥାତ ଗାଁର କେବଳ ସେହି ୭ ପରିବାରକୁ ଛାଡିଦେଲେ ଅନ୍ୟମାନେ ସମସ୍ତେ କ୍ଷତିପୂରଣ ପାଇଛନ୍ତି। ଆଉ ଏକ ଅଜବ ବିଷୟ ହେଉଛି ଗ୍ରାମବାସୀଙ୍କ ଜମି ଜଳମଗ୍ନ ହେବ ନାହିଁ। ଅର୍ଥାତ ସେମାନଙ୍କ ଜମି ସୁରକ୍ଷିତ ରହିବ; ହେଲେ ୧୫ କିମି ଦୂରରେ ଥଇଥାନକୁ ନେଇ ଲୋକେ ପ୍ରଶ୍ନ ଉଠାଇବା ସହ ପ୍ରଶାସନର ବିସ୍ଥାପନକୁ ବିରୋଧ କରିଛନ୍ତି।

ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପରେ ସଂପୂର୍ଣ୍ଣ ପ୍ରଭାବିତ ଗାଁ କୁମିଆପାଲିର ୮୪ ପରିବାର ବିସ୍ଥାପନକୁ ନେଇ ପ୍ରଶ୍ନ ଉଠାଇବା ସହ ଗାଁ ଛାଡିନାହାନ୍ତି। ପ୍ରଶାସନ ସେମାନଙ୍କୁ ବୁଝାସୁଝା କରିବା ସତ୍ତ୍ୱେ ସେମାନେ ନିଜ ଜିଦରେ ଅଟଳ ରହିଛନ୍ତି। ଏପରିକି ସେମାନେ ଗାଁ ନ ଛାଡିବାରୁ ଡ୍ୟାମ୍ ଗେଟ୍ ଖୋଲିବାକୁ ପଡିଥିଲା। ବର୍ତ୍ତମାନ କୁମିଆପାଲି ପରେ ଡାବଲବାଞ୍ଜି ଗ୍ରାମବାସୀ ପ୍ରଶାସନକୁ ପ୍ରତିବାଦ ଆରମ୍ଭ କରିଛନ୍ତି। ଲୋଇସିଂହା ବ୍ଲକ୍ ବାନିପାଲି ପଞ୍ଚାୟତ ଅଧୀନରେ ଥିବା ଏହି ଗାଁ ପ୍ରକଳ୍ପରେ ଆଂଶିକ ଭାବେ ପ୍ରଭାବିତ ହେବା ପାଇଁ ଚିହ୍ନଟ କରାଯାଇଛି। ତେବେ ପ୍ରାୟ ୧୨୦ ପରିବାର ଏହି ଗାଁରେ ରହୁଥିବା ବେଳେ ସମସ୍ତଙ୍କୁ ମୁଣ୍ଡପିଛା, ଘର ଓ ଅନ୍ୟ କ୍ଷତିପୂରଣ ପ୍ରଦାନ କରାଯାଇଛି। କିନ୍ତୁ ସେମାନଙ୍କ ଜମି ଡ୍ୟାମ୍‌ରେ ପ୍ରଭାବିତ ହେଉ ନ ଥିବାରୁ ଜମି କ୍ଷତିପୂରଣ ପ୍ରଦାନ କରାଯାଇ ନ ଥିବା ଜଣାପଡିଛି। ଏହି ଗ୍ରାମବାସୀଙ୍କୁ ଗାଁରୁ ୧୫ କିମି ଦୂରରେ ଥିବା କୁଶମେଲ ଥଇଥାନ କଲୋନୀରେ ଜାଗା ଦିଆଯାଇଛି; ଯାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଜମିରେ ଚାଷ କରିବା ପାଇଁ ସେମାନଙ୍କୁ ଏତେ ଦୂର ଆସିବାକୁ ପଡିଲେ ସେମାନେ ଜମି ଦେଖିବେ ନା ଘର ଦେଖିବେ ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ଗାଁରେ ଥିବା ୭ ପରିବାରର ଘର ଡ୍ୟାମ୍ କ୍ୟାଚମେଣ୍ଟ ଅଞ୍ଚଳ ବାହାରେ ରହିଛି। ଅର୍ଥାତ ସେମାନେ ପ୍ରଭାବିତ ହେବେ ନାହିଁ କି ତାଙ୍କୁ କୌଣସି ପ୍ରକାର କ୍ଷତିପୂରଣ ମିଳିବ ନାହିଁ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏହି ୭ ପରିବାର ଗାଁରେ ରହିବେ କେମିତି। ଏହି ୭ ପରିବାର ପାଇଁ ଆବଶ୍ୟକ ମୌଳିକ ସୁବିଧା ସରକାର ଓ ପ୍ରଶାସନ ଯୋଗାଇଦେବେ ତ! ବର୍ତ୍ତମାନ ମଧ୍ୟ ଗାଁରେ ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲ ଖୋଲା ରହିଛି; କିନ୍ତୁ ଗ୍ରାମର ଅନ୍ୟ ପରିବାର ଚାଲିଗଲେ ୭ ପରିବାର ପାଇଁ ଏହି କେନ୍ଦ୍ର ଓ ସ୍କୁଲ ପରିଚାଳିତ ହେବ ତ ! ଏହି ସବୁ ଭିତରେ ଗ୍ରାମବାସୀ ମଧ୍ୟ ଏହି ୭ ପରିବାରକୁ ଛାଡିବାକୁ ନାରାଜ। ଆଉ କିଛି ପରିବାର ନ୍ୟାୟିକ ପ୍ରକ୍ରିୟା ଭିତରେ ଝୁଲିରହିଛନ୍ତି। ମଙ୍ଗଳବାର କ୍ଷତିପୂରଣ ଗ୍ରହଣ କରିଥିବା ଗ୍ରାମବାସୀଙ୍କୁ ବିସ୍ଥାପିତ କରିବା ପାଇଁ ଜଳସେଚନ ବିଭାଗ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଗାଁକୁ ପହଞ୍ଚିଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। କୁଶମେଲ ବଦଳରେ ଡ୍ୟାମ୍‌କୁ ଲାଗିରହିଥିବା ରାନୀପାଲିରେ ଏହି ଗ୍ରାମବାସୀଙ୍କୁ ଥଇଥାନ କରିବାକୁ ଜାଗା ଚିହ୍ନଟ କରାଯାଇଛି; କିନ୍ତୁ ଅନ୍ୟ ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହାଫଳରେ ଗ୍ରାମବାସୀ କେମିତି ସେହି ସ୍ଥାନକୁ ଯାଇ ରହିବେ ବୋଲି ପ୍ରଶ୍ନ କରିବା ସହ ଗାଁ ଏବେ ଛାଡିବାକୁ ମନା କରିଦେଇଥିଲେ। ବାରମ୍ବାର ଉଦ୍ୟମ ପରେ ବି ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଛନ୍ତି। ଏହାକୁ ନେଇ ଏବେ ପ୍ରଶାସନ ଚିନ୍ତାରେ ପଡିଛି। ତରବରିଆ ଓ ଭୁଲ ବିସ୍ଥାପନ ବ୍ୟବସ୍ଥା ଯୋଗୁଁ ବିକାଶ ଓ ଚାଷୀଙ୍କ ସ୍ୱାର୍ଥ୍ୟକୁ ଦୃଷ୍ଟିରେ ରଖି ଖୁସିରେ ଭିଟାମାଟି ଛାଡିବାକୁ ଇଚ୍ଛୁକ ପରିବାର ଏବେ ଏହାକୁ ପ୍ରତିବାଦ କରିଛନ୍ତି। ତେବେ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ତାକୁ ସମାଧାନ କରି ବିସ୍ଥାପନ କରିବାକୁ ଦାବି ହୋଇଛି। ଏନେଇ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କୌଣସ ପ୍ରତିକ୍ରିୟା ରଖିନାହାନ୍ତି।

- ୨ ଦିନ ଧରି ଜୋରଜବରଦସ୍ତ ବିସ୍ଥାପନ କରିବାକୁ ଉଦ୍ୟମ
- ପ୍ରତିବାଦ କରି ଗାଁ ମୁଣ୍ଡରେ ଧାରଣା
- ତରବରିଆ ବିସ୍ଥାପନ ଉଦ୍ୟମକୁ ନାପସନ୍ଦ

## ବଙ୍ଗୋମୁଣ୍ଡା ବ୍ଲକ୍ ନୂଆ ଓଷ୍ଟା କମିଟି ଗଠିତ



କଣ୍ଟାବାଞ୍ଜି,୫।୮ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ବଙ୍ଗୋମୁଣ୍ଡା ବ୍ଲକ୍ କୁଣ୍ଡାବୁଟୁଲା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ କମିଟିର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ନୂତନ ସଭାପତି ଭାବେ କପିଳାଭଟା ହାଇସ୍କୁଲର ଶିକ୍ଷକ ବରୁଣ ବାରିକ, ସମ୍ପାଦକ ଭାବେ ଗନ୍ଧର୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନୁପ ବାଗ, ଉପସଭାପତି ଭାବେ ସୁଧୀର ସାହୁ, ରାମଚନ୍ଦ୍ର ଷଡ଼ଙ୍ଗୀ ଏବଂ ମମତା ମେହେର, ସହ ସମ୍ପାଦକ ଭାବେ କିଶୋର ସାହୁ, ଜ୍ୟୋସ୍ନାମୟୀ ମେହେର ଏବଂ ଗଣେଶ୍ୱର ସ୍ୱାଇଁ, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଭାବେ ଅରୁଣ ରାଜପାଳିଆ, ବିକ୍ରମ ମେହେର, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଭାବେ ଶିବରାମ ସ୍ୱାଇଁ ଓ ସୁଦାମ ସିଂ ବାରିକଙ୍କୁ ମନୋନିତ କରାଯାଇଥିଲା। ଏହା ସହ ପ୍ରତି ହାଇସ୍କୁଲରୁ ଜଣେ ଲେଖାଏଁ ଶିକ୍ଷକଙ୍କୁ ବ୍ଲକ୍ କମିଟି ପ୍ରତିନିଧି ଭାବେ ମନୋନୀତ କରାଯାଇଥିଲା। ଜିଲ୍ଲା ସଭାପତି ପ୍ରଦୀପ ପୁଟେଲ, ଉପ ସଭାପତି ସନ୍ତୋଷ ମିଶ୍ର, ପର୍ଯ୍ୟବେକ୍ଷକ ଗୋବର୍ଦ୍ଧନ ସାହୁ ଓ ମନୋଜ ବେହେରା ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ରସାନନ୍ଦ ମହାପାତ୍ର, ପଙ୍କଜ ମେହେର, ଗଣପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁଧୀର ସାହୁ ସଭାପତିତ୍ୱ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଶାନ୍ତ ସିଂହଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

କଣ୍ଟାବାଞ୍ଜି,୫।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଥିବା କଣ୍ଟାବାଞ୍ଜି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ସୁଶାନ୍ତ ସିଂହ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି। ଶାନ୍ତନୁ ବିଭାର, ସୁମିତ ହାତୀ, କୃଷ୍ଣ ବାରିକ, ଦୈତାରି ମାଝି, ମାନ ଖର୍ସେଲ, ମୁନ୍ନା ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ଆନ୍ଦୋଳନରେ ଡାକ୍ତରଖାନା ସଫେଇ କର୍ମଚାରୀ



ବଲାଙ୍ଗିର,୫।୮ (ସମିସ): ବଲାଙ୍ଗିରରେ ସଫେଇ କର୍ମଚାରୀ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତ ଦୁଇ ଦିନ ଧରି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ କାର୍ଯ୍ୟକରୁଥିବା ଶତାଧିକ ସଫେଇ କର୍ମଚାରୀ ଡାକ୍ତରଖାନା ବାହାରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଏହାଫଳରେ ଡାକ୍ତରଖାନା ସଫେଇ କାମ ବନ୍ଦ ପଡିଛି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବିଭିନ୍ନ ସମୟରେ ସଫେଇ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରାଯାଉଛି। ନିୟୋଜିତ କରିଥିବା ସଂସ୍ଥା ମନମୁଖୀ କାରବାର ଚଳାଇଛି। ଏହାକୁ ନେଇ ଏହି ଆନ୍ଦୋଳନ କରାଯାଇଛି। ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାର ସଫେଇ କାମ ପାଇଁ ପ୍ରତ୍ୟୁଷ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। କମ୍ପାନୀ କେତେ କର୍ମଚାରୀ ନିୟୋଜିତ କରିଛି, କେତେ ଜଣଙ୍କ ନାମରେ ଦରମା ନେଉଛି ତାହା ଅସ୍ପଷ୍ଟ। ତେବେ ପ୍ରାୟ ୧୩୦ରୁ ୧୪୦ କର୍ମଚାରୀ ନିୟୋଜିତ ରହିଛନ୍ତି। ଏମାନେ ୩ଟି ସିଫ୍ଟରେ କାମ କରିଥାନ୍ତି। ତେବେ ଏହି କର୍ମଚାରୀମାନେ ଦଳିତ, ହରିଜନ ବର୍ଗର ହୋଇଥିବାରୁ ସେମାନଙ୍କୁ ସବୁବେଳେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ଅଧିକାରୀ ମନଇଚ୍ଛା ସଫେଇ କର୍ମଚାରୀଙ୍କୁ ଛଟେଇ କରୁଛନ୍ତି। କିଛି ଦିନ ତଳେ ବେଆଇନ ଭାବେ ଦୁର୍ବ୍ୟବହାର ପ୍ରଦର୍ଶନ କରି ମାୟାଧର ସୁନା ନାମକ ଜଣେ କର୍ମଚାରୀଙ୍କୁ ଡାକ୍ତରଖାନା କର୍ତ୍ତୃପକ୍ଷ ଛଟେଇ କରିଥିଲେ। ସେମାନଙ୍କୁ ଅନ୍ୟ କର୍ମଚାରୀ ଭଳି ୟୁନିଫର୍ମ ଦେବା, ପରିଚୟପତ୍ର ପ୍ରଦାନ, ମହିଳା ଓ ପୁରୁଷ ସଫେଇ କର୍ମଚାରୀଙ୍କ ପାଇଁ ବିଶ୍ରାମଗୃହ ଓ ଶୌଚାଳୟ ବ୍ୟବସ୍ଥା, ଛଟେଇ ସଫେଇ କର୍ମଚାରୀଙ୍କୁ କ୍ଷମା ପ୍ରାର୍ଥନା, ମାସର ଶେଷ ସପ୍ତାହରେ ଦରମା ପ୍ରଦାନ, ସଫେଇ ପାଇଁ ଆବଶ୍ୟକ ମୁତାବକ ସାମଗ୍ରୀ ଯୋଗାଇବା, ସୁରକ୍ଷା ପାଇଁ ଆବଶ୍ୟକ ସାମଗ୍ରୀ ପ୍ରଦାନ, ବିନା କାରଣରେ କର୍ମଚାରୀଙ୍କ ଦରମାରୁ କଟାଯାଉଥିବା ୬୧ ଟଙ୍କାକୁ ବନ୍ଦ କରିବା, ଗ୍ରାଉଣ୍ଡ ଫ୍ଲୋରରେ ବାୟୋମେଟ୍ରିକ ମେସିନ ଲଗାଇବା, ମହିଳା ସଫେଇ କର୍ମଚାରୀଙ୍କୁ ଦିନବେଳା ଡ୍ୟୁଟି ଦେବା, ସଫେଇ ବଦଳରେ ଅନ୍ୟ କାମରେ ସେମାନଙ୍କୁ ନିୟୋଜିତ ନ କରିବା ଭଳି ୧୫ଟି ଦାବି ରଖାଯାଇଛି। ତେବେ ସଫେଇ କର୍ମଚାରୀଙ୍କୁ ଆଉଟସୋର୍ସିଂ ନିଯୁକ୍ତି ବଦଳରେ ରେଗୁଲାର ନିଯୁକ୍ତି ପ୍ରଦାନ କରିବାକୁ ସଂଘ ସଭାପତି ଡିଙ୍ଗର କୁମ୍ଭାର ଦାବି କରିଛନ୍ତି। ନଚେତ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ସଫେଇ କରନ୍ତୁ ବୋଲି ସେ କହିଛନ୍ତି। ଏହା ସହ ସଫେଇ କର୍ମଚାରୀଙ୍କୁ ଦିଆଯାଇଥିବା ଦୁର୍ବ୍ୟବହାର ଓ ବେଆଇନ ଛଟେଇ ପାଇଁ ଥାନାରେ ମାମଲା କରିବାକୁ ଚେତାବନୀ ଦେଇଛନ୍ତି। ତେବେ ଏହି ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଡାକ୍ତରଖାନାରେ ଅନେକ ସମସ୍ୟା ଦେଖାଦେଇଛି। ଡାକ୍ତରଖାନା ଚାରିପଟେ ଆବର୍ଜନା ପଡିଛି।

## ଥାନାରେ କନଷ୍ଟେବଲଙ୍କୁ ପିଟିଲେ ହାବିଲଦାର

କଣ୍ଟାବାଞ୍ଜି,୫।୮ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନାରେ ହାବିଲଦାରଙ୍କୁ ନେଇ ଏବେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଥାନା ଭିତରେ କାର୍ଯ୍ୟରତ ହାବିଲଦାର ଗୁପ୍ତବାସ ମାଝିଙ୍କ ଦାଦାଗିରି ଘଟଣା ଏବେ ସାରା ଅଞ୍ଚଳରେ ପ୍ରଘଟ ହୋଇଛି। ଏହାକୁ ନେଇ ଏବେ ମୁରିବାହାଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଦୁଇ ଦିନ ତଳେ ମୁରିବାହାଲ ଥାନାରେ କାର୍ଯ୍ୟରତ କନଷ୍ଟେବଲ ରବିନ୍ଦ୍ର ନାଗ ଥାନା ଭିତରେ ଖାଉଥିବା ସମୟରେ ହଠାତ୍ କୌଣସି କଥାକୁ ନେଇ ହାବିଲଦାର ଗୁପ୍ତବାସ ମାଝି ଆସି ତାଙ୍କୁ ଲଗାତାର ଭାବେ ଆକ୍ରମଣ କରିଥିଲେ। ଏହାଫଳରେ କନଷ୍ଟେବଲ ଜଣକ ଗୁରୁତର ହୋଇ ପଡିଥିଲେ। ଚିକିତ୍ସା ପାଇଁ ପ୍ରଥମେ ମୁରିବାହାଲ ଡାକ୍ତରଖାନା ଯାଇଥିଲେ। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସାପରେ ଟିଟିଲାଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଏନେଇ ଆକ୍ରମଣର ଶିକାର କନଷ୍ଟେବଲ ଜଣକ ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ହାବିଲଦାରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା ନେଇ ବିଶେଷ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ହାବିଲଦାର ଗୁପ୍ତବାସ ମାଝି ମୁରିବାହାଲ ଥାନା ଅଞ୍ଚଳରେ ତାଙ୍କ ଗାଁ ରହିଥିବା ଯୋଗୁଁ ସେହିଭଳି ଭାବେ ଖୁଲମଖୋଲା ନିଜ ଅଞ୍ଚଳରେ



- ଘଟଣା ଚାପି ଦେବାକୁ ଉଦ୍ୟମ
- ସନ୍ଦେହ ଘେରରେ ଥାନା ଅଧିକାରୀଙ୍କ ଭୂମିକା

ଦାଦାଗିରି କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ମଧ୍ୟ ହାବିଲଦାରଙ୍କ ନାଁରେ ଅନେକ ଅଭିଯୋଗ ହୋଇ ଆସୁଛି; କିନ୍ତୁ ମୁରିବାହାଲ ଥାନା ଅଧିକାରୀଙ୍କ ସେ ନିକଟତମ ଥିବାରୁ ଯେତେ ଅଭିଯୋଗ ଆସିଲେ ମଧ୍ୟ ଘଟଣାକୁ ଚାପି ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ମାରପିଟ୍ ସମ୍ପର୍କରେ ଥାନା ଅଧିକାରୀଙ୍କୁ ପଚାରିବାରୁ କୌଣସି ମାରପିଟ୍ ହୋଇ ନ ଥିବା କହି ସେ ଘଟଣା ଚାପି ଦେବାକୁ ଉଦ୍ୟମ କରିଛନ୍ତି। ତାଙ୍କ ନିକଟତମ ହାବିଲଦାରଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଥିବା ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି। ହାବିଲଦାର ଜଣକ କନଷ୍ଟେବଲଙ୍କୁ ଆକ୍ରମଣ କରିଥିବା ଦୈନିକ ସକାଳ ହାତରେ ପ୍ରମାଣ ଲାଗିଛି। ଘଟଣାକୁ ଥାନା ଅଧିକାରୀ ଚପାଇଦେବେ; କିନ୍ତୁ ସତ୍ୟତାକୁ ନୁହେଁ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ତେବେ ହାବିଲଦାରଙ୍କ ଉପରେ ଥାନା ଅଧିକାରୀଙ୍କ ଏତେ ଅନୁକମ୍ପା କାହିଁକି ତାହା ମଧ୍ୟ ତଦନ୍ତ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଥାନା ଭିତରେ ଯଦି ପୁଲିସ କର୍ମଚାରୀଙ୍କୁ ଆକ୍ରମଣ ହେଉଛି ତେବେ ତାଙ୍କୁ ସୁରକ୍ଷା ଦେବାରେ ଥାନା ଅଧିକାରୀ ବିଫଳ କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନା ଅଧିକାରୀଙ୍କ ଭୂମିକା ସନ୍ଦେହ ରହିଛି। ଜଣେ ସରକାରୀ କର୍ମଚାରୀ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାକୁ ନିଯୁକ୍ତି ପାଇଥିବା ବେଳେ ଖୋଦ୍ ଆଇନ୍ ଉଲ୍ଲଙ୍ଘନ କରି ଥାନା ଭିତରେ ଅନ୍ୟ ଜଣେ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା କେତେ ଯୁକ୍ତିଯୁକ୍ତ ତାହା ପ୍ରଶ୍ନ ସୃଷ୍ଟି କରିଛି। ହାବିଲଦାର ଜଣକ ଯଦି ସହକର୍ମୀଙ୍କ ଉପରେ ଏହିଭଳି ଆକ୍ରମଣ କରୁଛନ୍ତି ତେବେ ସାଧାରଣ ଲୋକଙ୍କ ପ୍ରତି ତାଙ୍କ ବ୍ୟବହାର କେଉଁପରି ରହିଛି ତାହା ଅନୁମାନ କରାଯାଇପାରେ।

## କଣ୍ଟାମାଳ ହାଇସ୍କୁଲରେ ମେଲେରିଆ ଓ ଡେଙ୍ଗୁ ସଚେତନତା

କଣ୍ଟାମାଳ,୫।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡ଼କ୍ରସ୍ ଆନୁକୂଲ୍ୟରେ ମ୍ୟାଲେରିଆ ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ପ୍ରଧାନଙ୍କର ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜୁନିୟର ରେଡକ୍ରସ କାଉନସେଲର ତଥା ଶିକ୍ଷକ ବନମାଳୀ ମେହେର ପରିଚାଳନା କରିଥିଲେ। ଏଡିସ୍ ମଶା କାମୁଡିବା ଦ୍ୱାରା ଡେଙ୍ଗୁଜ୍ୱର ହୋଇଥାଏ। ମାଇ ଏନୋଫେଲିସ ମଶାଦ୍ୱାରା ଲୋକେ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ



ହୋଇଥାନ୍ତି ବୋଲି କୁହାଯାଇଥିଲା। ଏହାର ପ୍ରତିକାର ପାଇଁ କୁଲର ଓ ଫୁଲକୁଣ୍ଡର ପାଣିକୁ ୩ରୁ୪ ଦିନ ମଧ୍ୟରେ ସଫା କରିବା, ପାଣି ଜମିବାକୁ ନ ଦେବା, ନିଜ ଘର ଚାରିପାଖ ସଫା ରଖିବା, ପ୍ରତ୍ୟେକ ଦିନ ମଶାରୀ ଟାଙ୍ଗି ଶୋଇବା, ପ୍ରଥମେ ନିଜେ ସଚେତନ ହେବା ଓ ପରିବାର ତଥା ସମାଜକୁ ସଚେତନ କରାଇବାକୁ ପ୍ରଧାନଶିକ୍ଷକ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଏମ୍ ମାଧୁରୀ ଦୋରା, ଶିକ୍ଷକ ସତ୍ୟଜିତ ପଣ୍ଡା, ଆଲୋକ ପରଡ଼ିଆ, ସରୋଜ ସାହୁ, ଶ୍ରୀକାନ୍ତ ବୁଢ଼ିଆ, ବୀରଭଦ୍ର ମିଶ୍ର, ଶିକ୍ଷୟିତ୍ରୀ ମୀରବାଇ ଧରୁଆ, ଗୀତାଞ୍ଜଳି ସାହୁ, ସୁଭଦ୍ରା ମାଝୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷକ ସୁଜିତ୍ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## କପିଳାଭଟା ୟୁପି ସ୍କୁଲରେ ଦ୍ୱିତୀୟ ପିଟିଏ ବୈଠକ



କଣ୍ଟାବାଞ୍ଜି,୫।୮ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ କପିଳାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ପିଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଫୁଲ୍ଲ ବିଶି, ଉପାଧ୍ୟକ୍ଷ କେତକୀ ହଂସ, ବରିଷ୍ଠ ସାମ୍ବାଦିକ ହୁଲେଶ୍ୱର ହଂସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ନାମଲେଖା ହାରକୁ ବୃଦ୍ଧି କରିବା, ନିଶାମୁକ୍ତ ଭାରତ ଅଭିଯାନ, ସ୍ୱଚ୍ଛତା ପକ୍ଷ ପାଳନ, ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ, ସୁରଭି, ଡିଜିଟାଲ ଦୁନିଆରେ ପିଲାଙ୍କ ସୁରକ୍ଷା, ଅଭିଭାବକଙ୍କ ଭୂମିକା, ପିତାମାତାଙ୍କ ଭୂମିକା, ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କ ଦାୟିତ୍ୱ ଇତ୍ୟାଦି ନେଇ ଆଲୋଚନା ହୋଇଥିଲା। ସହକାରୀ ଶିକ୍ଷକ ଗଣେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟତ୍ରୀ ରଶ୍ମିରେଖା ମେହେର, ମୋନାଲିସା ସାମଲ, ଶିକ୍ଷକ ଦେବରାଜ ଭୋଇ ସହଯୋଗ କରିଥିଲେ।

## ବଙ୍ଗୋମୁଣ୍ଡା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି

କଣ୍ଟାବାଞ୍ଜି,୫।୮ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ସର୍ବସାଧାରଣ ଖେଳ ପଡିଆରେ ହେବାକୁ ଥିବା ବ୍ଲକସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ବୁଧବାର ବଙ୍ଗୋମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକକୁ ଜିପିଡ଼ିଓ ପୁରୁଷୋତ୍ତମ ମାଝୀ ପରିଚାଳନା କରିଥିଲେ। ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ବଙ୍ଗୋମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

### ଚାଷୀଙ୍କ ଆଶା ବଢାଇଛି ଲଗାଣ ବର୍ଷା

## ଫାଇଦା ଲକ୍ଷ୍ୟରେ ଅସାଧୁ ସାର ବ୍ୟବସାୟୀ

ବଲାଙ୍ଗିର,୫।୮ (ସମିସ)

ଲଗାଣ ବର୍ଷା ପରେ ଚାଷୀ ମାନରେ ଆଶା ସୃଷ୍ଟି ହୋଇଛି। ବନ୍ୟା ପରିସ୍ଥିତିରେ ହୋଇଥିବା କ୍ଷତି ଭରଣା କରିବା ପାଇଁ ପୁଣି ଚାଷକାମ ଆରମ୍ଭ ହୋଇଛି; କିନ୍ତୁ ଏହାର ସୁଯୋଗ ନେଇ ସାର ନାଁରେ ଶୋଷଣ କରିବା ପାଇଁ ମଧ୍ୟ ଏକ ନେଟୱର୍କ ପ୍ରସ୍ତୁତ ହୋଇସାରିଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ଆବଶ୍ୟକତା ମୁତାବକ ସାର ମଜୁଦ ଥିବା ସତ୍ତ୍ୱେ କୃତ୍ରିମ ଅଭାବ ସୃଷ୍ଟି କରିବାକୁ କିଛି ଅସାଧୁ ବେପାରୀ ଜାଲ ତିଆରି କରିଥିବା ଅଭିଯୋଗ ହୋଇଛି। ଜାଣିଶୁଣି ହୋଲସେଲିଂ ପଏଣ୍ଟରେ ସାର ଦରକୁ ବୃଦ୍ଧି କରାଯାଉଛି। ସେହିଭଳି ରିଟେଲରଙ୍କୁ ଗ୍ରାମ୍ୟ ସ୍ତରରେ କଳାବଜାର କରିବାକୁ ବାଧ କରାଯାଉଥିବା ଅଭିଯୋଗ ହୋଇଛି। ଏହାଫଳରେ ଚାଷୀ ସର୍ବାଧିକ ରିଟେଲ ଦରରୁ ଦୁଇ ରୁ ତିନି ଶହ ଟଙ୍କା ଅଧିକ ଦେଇ କିଣୁଥିବା ଦେଖିବାକୁ ମିଳିଛି।

ବଲାଙ୍ଗିର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସୂଚନା ଅନୁସାରେ ଜିଲ୍ଲାର ଆବଶ୍ୟକତା ପରିମାଣର ସାର ମହଜୁଦ ରହିଛି। କେବଳ ଏତିକି ନୁହଁ; ବନ୍ୟା ପରିସ୍ଥିତିରେ ବହୁ ପରିମାଣର ଜମିରେ ପାଣି ମାଡିଯାଇ ନଷ୍ଟ ହୋଇଥିବାରୁ ସେହି ଜମିରେ ପୁଣି ଥରେ ସାର ଆବଶ୍ୟକତା ରହିଛି। ଏହାଫଳରେ ଅଧିକ ପରିମାଣର ସାର ପାଇଁ ଅନୁରୋଧ କରାଯାଇଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି; କିନ୍ତୁ ଜିଲ୍ଲାରେ ସାରର କଳାବଜାର ପ୍ରଥମରୁ ହିଁ ଆରମ୍ଭ ହୋଇସାରିଛି। ସର୍ବାଧିକ ଧାର୍ଯ୍ୟ ମୂଲ୍ୟରୁ ଦୁଇରୁ ତିନି ଶହ ଟଙ୍କା ଅଧିକ ଦେଇ ଚାଷୀ ସାର କିଣୁଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ଗତ ଖରିଫ ସମୟରେ ୩୦ହଜାର ୪୯୪ ଟନ୍ ସାର ବିକ୍ରି ହୋଇଥିଲା। ଚଳିତ ବର୍ଷ ୩୫ ହଜାର ୬୦୦ ଟନ୍ ସାର ଆସିବ। ଏଥିରୁ ୨୭ ହଜାର ଟନ୍ ଜିଲ୍ଲାରେ ମହଜୁଦ ରହିଛି। ସେହିପରି ଗତ ଖରିଫରେ ୧୧ ହଜାର ଟନ୍ ଡିଏପି ସାର ବିକ୍ରି ହୋଇଥିଲା। ଚଳିତ ବର୍ଷ ପାଇଁ ୧୩ ହଜାର ୧୫୦ ଟନ୍ ସାରର ଆବଶ୍ୟକତା ରହିଛି; କିନ୍ତୁ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୫ ହଜାର ୧୭୦ ଟନ୍ ସାର ମହଜୁଦ ରହିଛି। ୪୫୦୦ ଟନ୍ ଏମଓପି ସାର ଗତ ବର୍ଷ ବିକ୍ରି ହୋଇଥିଲା। ଚଳିତ ବର୍ଷ ୭ହଜାର ଟନ୍ ପାଇଁ ଅନୁରୋଧ କରାଯାଇଛି। ଏଥିରୁ ୬୬୮୦ ଟନ୍ ଆସିଥିବା ଜଣାପଡିଛି। ଗତ ବର୍ଷ ୧୭ ହଜାର ୨୯୦ ଟନ୍ ଏମପିକେ ସାର ବିକ୍ରି ହୋଇଥିଲା। ଚଳିତ ବର୍ଷ ପାଇଁ ୧୮୦୬୦ ଟନ୍ ପାଇଁ ଅନୁରୋଧ କରାଯାଇଛି। ଏଥିରୁ ୧୭ ହଜାର ୩୯୬ ଟନ୍ ଆସିଥିବା କୃଷି ବିଭାଗ ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ସମୟରେ ୪୪୯୭ ଟନ୍ ବିଭିନ୍ନ ପ୍ରକାର ସାର ଟ୍ରାଞ୍ଜିଟରେ ରହିଛି।

- ମୁଖ୍ୟାଳୟରୁ ଦର ପରିଚାଳନା, ବିଭାଗ ଚୁପ୍
- ସର୍ବାଧିକ ଧାର୍ଯ୍ୟମୂଲ୍ୟରୁ ଅଧିକ ଦରରେ ବିକ୍ରି
- କମ୍ପାନୀ ସହ ଅସାଧୁ ବେପାରୀଙ୍କ ମଧୁଚନ୍ଦ୍ରିକା, ପେଶୀ ହେଉଛନ୍ତି ଚାଷୀ

କିଛି ଦିନ ଭିତରେ ତାହା ଜିଲ୍ଲାରେ ପହଞ୍ଚିବ ବୋଲି ମୁଖ୍ୟ କୃଷି ଅଧିକାରୀ ଧିରେନ ସିଂ ବରିହା ସୂଚନା ଦେଇଛନ୍ତି। ଗୋଟିଏ ପଟେ ଦେଖିବାକୁ ଗଲେ ଜିଲ୍ଲାର ସାର ଅଭାବ ନାହିଁ; କିନ୍ତୁ ଅନ୍ୟପଟେ ଯଦି ଗାଁ ସ୍ତରରେ ନଜର ପକାଯାଏ ତେବେ ଏହାର ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ବର୍ତ୍ତମାନ ସମୟରେ ଚାଷ କାମକୁ ଆରମ୍ଭ କରିବା ପାଇଁ ସାରର ଆବଶ୍ୟକତା ରହିଛି। ଏହାର ସୁଯୋଗ ନେଇ ଗାଁରେ ଥିବା ରିଟେଲରମାନେ ଅଧିକ ଦୁଇ ଶହରୁ ତିନି ଶହ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ବିନା କୌଣସି ବିଲ୍‌ରେ ଏହି ସାର ବିକ୍ରି ହେଉଛି। ଚାଷୀଙ୍କୁ ଜୋର ଜବରଦସ୍ତ ବିଭିନ୍ନ କମ୍ପାନୀର ସପ୍ଲିମେଣ୍ଟ ବିକ୍ରି କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଜିଲ୍ଲାରେ ୪୬ଟି ହୋଲସେଲିଂ ପଏଣ୍ଟ ରହିଥିବା ବେଳେ ୬୬୦ ଘରୋଇ ଲାଇସେନ୍ସପ୍ରାପ୍ତ ସାର ଦୋକାନ ଓ ୧୬୨ ପେକ୍ସ ଜରିଆରେ ଚାଷୀଙ୍କ ପାଖକୁ ସାର ପଠାଯାଉଥିବା ଜଣାପଡିଛି। ତେବେ ବଲାଙ୍ଗିର ସହରରେ ଥିବା ସବୁଠାରୁ ବଡ ସାର ବ୍ୟବସାୟୀ ଏହି କାରବାରକୁ ପରିଚାଳନା କରୁଥିବା ଅଭିଯୋଗ ହୋଇଛି। ରିଟେଲରମାନଙ୍କଠାରୁ ଅଧିକ ଟଙ୍କା ନେଉଥିବାରୁ ରିଟେଲରମାନେ ମଧ୍ୟ ବାଧ ହୋଇ ଅଧିକ ଦରରେ ସାର ବିକୁଥିବା କହିଛନ୍ତି। ଅନ୍ୟପକ୍ଷରେ କିଛି ଅସାଧୁ ବ୍ୟବସାୟୀ ଗୋଦାମରେ ସାରକୁ ଲୁଚାଇ ମହଜୁଦ ରଖିଥିବା ମଧ୍ୟ ଅଭିଯୋଗ ହୋଇଛି। ଆଉ କିଛି ସ୍ଥାନରେ କିଛି ରିଟେଲିଂ ପଏଣ୍ଟ ନାମକୁ ମାତ୍ର ରହିଛି। ସେମାନଙ୍କ ଆଇଡି ଓ ପିଓଏସ ଅନ୍ୟ ଅସାଧୁ ବ୍ୟବସାୟୀମାନେ ବ୍ୟବହାର କରି ମନଇଚ୍ଛା ଦରରେ ସାର ବିକୁଥିବା ଅଭିଯୋଗ ହୋଇଛି। ତେବେ ଯଦି ଚାଷ ଆରମ୍ଭରୁ କୃଷିମନ୍ତ୍ରୀଙ୍କ ଜିଲ୍ଲାରେ ଏହି ଅବସ୍ଥା ଆଗକୁ କ'ଣ ଅବସ୍ଥା ହେବ ତାହା ସହଜରେ ଅନୁମାନ କରାଯାଇପାରିବ। ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପଚାରିବାରୁ ଦରକୁ ନେଇ ଅନେକ ଅଭିଯୋଗ ଆସୁଛି। କମ୍ପାନୀ ସହ ମିଶି କିଛି ଅସାଧୁ ବଡ ବ୍ୟବସାୟୀ ଏହି କାରବାର ଚଳାଇଛନ୍ତି। ଯେଉଁଠି ଅଭିଯୋଗ ଆସିଲେ ଚଢଉ କରାଯାଉଛି। ଆଗକୁ ମଧ୍ୟ ଏହାକୁ ରୋକିବା ପାଇଁ ପେକ୍ସକୁ ଅଧିକ ସାର ନେଇ ଚାଷୀଙ୍କୁ ବିକ୍ରି କରିବାକୁ କୁହାଯାଉଛି; କିନ୍ତୁ ସେମାନେ ଅମଙ୍ଗ ହେଉଛନ୍ତି। ଯଦି ପେକ୍ସରେ ଠିକ୍ ଦରରେ ସାର ମିଳିବ ନିହାତି ଭାବେ ଘରୋଇ ସାର ବ୍ୟବସାୟୀମାନେ ମଧ୍ୟ ଠିକ୍ ଦରରେ ବିକ୍ରି କରିବେ। ତଥାପି ସାର କଳାବଜାର ତଥା କୃତ୍ରିମ ଅଭାବକୁ ରୋକିବା ପାଇଁ ବିଭାଗ ଉଚିତ ପଦକ୍ଷେପ ନେବ ବୋଲି ଶ୍ରୀ ବରିହା ପ୍ରତିକ୍ରିୟାରେ କହିଛନ୍ତି।

# ଧମକ ପରେ କ୍ଷମା ମାଗିଲେ ମେଟା ସିଇଓ ଜୁକରବର୍ଗ

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ସଂସ୍ଥା 'ମେଟା'ର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ମାର୍କ ଜୁକରବର୍ଗ ନିଜ ପ୍ଲାଟଫର୍ମଗୁଡ଼ିକରେ ଶିଶୁ ଯୌନ ଶୋଷଣ ସମ୍ବନ୍ଧୀୟ ବିଷୟବସ୍ତୁ, ଡିପଫେକ ଭିଡିଓ ଏବଂ ନିୟନ୍ତ୍ରଣ ଗତ ତ୍ରୁଟି ପାଇଁ ଭାରତ ସରକାରଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ହୋଇଥିବା ଉଚ୍ଚସ୍ତରୀୟ ଆଲୋଚନା ସମୟରେ ସେ ଏହି ଅନୁଶୋଚନା ପ୍ରକାଶ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏହି ଦୁଇ ଦିନିଆ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ଲାଟଫର୍ମର ଉତ୍ତରଦାୟିତ୍ୱ, ବିଷୟବସ୍ତୁ ନିୟନ୍ତ୍ରଣ ଏବଂ ଭାରତୀୟ ଆଇନର ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। କକ୍ରୋଚ୍ ପାର୍ଟି ଆନ୍ଦୋଳନ ସମୟରେ ଫେସବୁକରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଡିଓ ହଟାଯିବା ଘଟଣାକୁ ନେଇ ମଧ୍ୟ ସେ କ୍ଷମା ପ୍ରାର୍ଥନା କରିଛନ୍ତି। ଏଥିପାଇଁ ସେ ବୈଷୟିକ ତ୍ରୁଟିକୁ ଦାୟୀ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସରକାରଙ୍କ ଧମକ ପରେ ଯାଇ ଜୁକରବର୍ଗ କ୍ଷମା ପ୍ରାର୍ଥନା କରିଥିବା କୁହାଯାଉଛି। ମେଟା ନିଜର ବିଷୟବସ୍ତୁ ନିୟନ୍ତ୍ରଣ ପ୍ରକ୍ରିୟାରେ ହୋଇଥିବା ଭୁଲକୁ ସ୍ୱୀକାର କରିବା ସହ କ୍ଷତିକାରକ ତଥ୍ୟର ପ୍ରସାର ପାଇଁ ଦୁଃଖ ପ୍ରକାଶ କରିଛି। ମେଟା ପକ୍ଷରୁ ସ୍ୱୀକାର କରାଯାଇଛି ଯେ କେତେକ କଣ୍ଟେଣ୍ଟକୁ ପ୍ରମୋଟ୍ କରିବା ଲାଗି ସଂସ୍ଥାକୁ ବିପୁଳ ଅର୍ଥ ପ୍ରଦାନ କରାଯାଇଛି।

ସରକାରୀ ଅଧିକାରୀମାନଙ୍କ କହିବା ଅନୁଯାୟୀ, ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୭୯ ଅଧୀନରେ ମିଳୁଥିବା 'ସେଫ ହାର୍ବର' ଆଇନଗତ ସୁରକ୍ଷା ଅଧିକାର ମେଟା ପାଇଁ ଲାଗୁ ନହୋଇପାରେ। କାରଣ ମେଟାର ଆଲଗୋରିଦମ ସ୍ୱୟଂ ନିର୍ଦ୍ଧାରଣ କରେ ଯେ କେଉଁ ବିଷୟବସ୍ତୁ କେଉଁ ବ୍ୟବହାରକାରୀଙ୍କ ପାଖକୁ ଯିବ। ତେଣୁ ଏହାକୁ କେବଳ ଏକ ମଧ୍ୟସ୍ଥତା ପ୍ଲାଟଫର୍ମ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଏହା ବ୍ୟତୀତ ବ୍ୟବସାୟିକ ନୀତି ସମ୍ପର୍କରେ ହୋଇଥିବା ଆଲୋଚନାରେ, କେତେକ ନିର୍ଦ୍ଦିଷ୍ଟ ବର୍ଗର ବିଷୟବସ୍ତୁକୁ ପ୍ରୋତ୍ସାହିତ କରିବା ପାଇଁ ବିପୁଳ ପରିମାଣର ଅର୍ଥ ବିନିଯୋଗ କରାଯାଇଥିବା ମେଟା ସ୍ୱୀକାର କରିଛି। ଏହିପରି ନିଷ୍ପତ୍ତି ପାଇଁ କମ୍ପାନୀ ସରକାରଙ୍କ ସମ୍ମୁଖରେ ଅନୁଶୋଚନା ପ୍ରକାଶ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଛାତ୍ରଙ୍କ ଉପରେ...

ଅଦାଲତ ସ୍ପଷ୍ଟ କରିଛନ୍ତି। ନିକଟରେ ନିଟ୍ ପରୀକ୍ଷା ଅନିୟମିତତାକୁ ନେଇ କକ୍ରୋଚ୍ ଜନତା ପାର୍ଟି ନେତୃତ୍ୱରେ ହୋଇଥିବା ଛାତ୍ର ଆନ୍ଦୋଳନର ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଗୋଷ୍ଠୀ ଆବେଦନ କରିଥିଲେ। ଏହାସହ ଆନ୍ଦୋଳନ ସମୟରେ ଅଶୋଭନୀୟ ଆଚରଣ କରିଥିବା ଯୁବକମାନଙ୍କୁ ସାମାଜିକ ସେବା ଦଣ୍ଡ ଦେବାକୁ ଦାବି ହୋଇଥିଲା। ଉଚ୍ଚତମ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କରି ପୂର୍ବରୁ ପେଣ୍ଡିଂ ଥିବା ମାମଲା ସହ ଯୋଡ଼ିଛନ୍ତି।

### ୧୭ରେ ସ୍ୱତନ୍ତ୍ର...

ଆବଶ୍ୟକ ସଂଖ୍ୟା ଜୁଟାଇବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ଲୋକସଭାରେ ୩୬୦ ସାଂସଦ ଏବଂ ରାଜ୍ୟସଭାରେ ୧୬୪ ସାଂସଦଙ୍କ ସମର୍ଥନ ଦରକାର। ଗତ ଅଧିବେଶନ ପରେ ରାଜନୈତିକ ସମୀକରଣ ବଦଳିବା ପରେ ଏହି ଆବଶ୍ୟକ ସଂଖ୍ୟାର ନିକଟତର ହେବାକୁ ସରକାର ଚେଷ୍ଟା ଚଳାଇଛନ୍ତି। ବିଶେଷ କରି ମମତାଙ୍କ ଟିଏମ୍‌ସିରେ ବିଭାଜନ ଏବଂ ବିଦ୍ରୋହୀ ଗୋଷ୍ଠୀ କେନ୍ଦ୍ର ସରକାରଙ୍କୁ ସମର୍ଥନ ଦେବାପାଇଁ ଘୋଷଣା କରିଥିବାରୁ ସରକାର ଦୁଇ ତୃତୀୟାଂଶର ନିକଟତର ହୋଇଛନ୍ତି। ଏହାସହିତ ଆଉ କେତେକ ଦଳ ମଧ୍ୟ କିଛି ସର୍ତ୍ତରେ ଏହି ବିଲକୁ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ତାମିଲନାଡୁ ପରି ରାଜ୍ୟରେ ସୀମା ନିର୍ଦ୍ଧାରଣକୁ ନେଇ କିଛି ରାଜନୈତିକ ବିରୋଧ ରହିଥିବାରୁ ଅନ୍ୟ କେତେକ ଆଞ୍ଚଳିକ ଦଳ ଏହି ସମ୍ବିଧାନ ସଂଶୋଧନ ବିଲ୍‌କୁ ସମର୍ଥନ କରିବେ କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ମିଳିଥିବା ଖବର ଅନୁଯାୟୀ ମୌସୁମୀ ଅଧିବେଶନ ଶେଷ ହେବା ପରେ ବି ସଂସଦକୁ ସମ୍ପୂର୍ଣ୍ଣ ରୂପେ ମୁଲତବୀ ନ କରି ସ୍ୱଳ୍ପ ସମୟର ନୋଟିସରେ ପୁନର୍ବାର ଆହ୍ୱାନ କରିବା ପାଇଁ ଯୋଜନା ହୋଇଛି। ଆବଶ୍ୟକ ସଂଖ୍ୟାବଳ ଜୁଟିଗଲା ପରେ ସରକାର ବିଲ୍ ଆଗତ କରିବେ। ଏହାପୂର୍ବରୁ ଏପ୍ରିଲ ମାସରେ ହୋଇଥିବା ସ୍ୱତନ୍ତ୍ର ଅଧିବେଶନରେ ଏସଂକ୍ରାନ୍ତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ ହୋଇଥିଲେ ବି ଆବଶ୍ୟକ ସଂଖ୍ୟା ଅଭାବରୁ ପାରିତ ହୋଇପାରି ନଥିଲା।

ସଂସଦରେ ଜାରି ଅଚଳାବସ୍ଥା ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ଆଜି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା କରିଥିଲେ। ସୀମା ନିର୍ଦ୍ଧାରଣ ବିଧେୟକକୁ ସମର୍ଥନ ଦେବା ଲାଗି ରିଜିଜୁ ଅନୁରୋଧ କରିଥିବା ବେଳେ ରାହୁଲ ଗାନ୍ଧୀ ମନା କରିଦେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ କହିଥିଲେ, ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ୍ ଅଭିଯୋଗ ଓ ଜୁଲାଇ ୨୦ର ଛାତ୍ର ଆନ୍ଦୋଳନରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ଗୃହମନ୍ତ୍ରୀଙ୍କ ବିବୃତି ଏବଂ ସଂସଦରେ ଆଲୋଚନା ନ ହେବା ପର୍ଯ୍ୟନ୍ତ ସଦନର କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିପାରିବ ନାହିଁ। ଏହାପରେ କିରେଣ ରିଜିଜୁ ଲୋକସଭା ବାଚସ୍ପତି ଓ ଗୃହମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି। ଏପଟେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭାର କାର୍ଯ୍ୟ ପୁଣିଥରେ ବାଧାପ୍ରାପ୍ତ ହୋଇଛି। ବିରୋଧୀ ଦଳ ନିଜ ଦାବିରେ ଅଡ଼ି ରହିଥିବାବେଳେ ସରକାର ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

### ଏଲପିଜି ସିଲିଣ୍ଡର...

ଏଲ୍‌ଏନ୍‌ଜି ଏବଂ ଏଲ୍‌ପିଜିର ଏକ ବୃହତ ଷ୍ଟ୍ରାଟେଜିକ୍ ଇନ୍ଧନ ଭଣ୍ଡାର ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ, ସରକାର ଗ୍ୟାସ ବ୍ୟବହାରକାରୀଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ କରିବାକୁ ବିଚାର କରୁଛନ୍ତି। ଏହାକୁ ହାସଲ କରିବା ପାଇଁ, ସରକାର ଗ୍ୟାସ ବ୍ୟବହାରକାରୀଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ କରିବାକୁ ବିଚାର କରୁଛନ୍ତି। ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସରକାରଙ୍କ ଏହି ପ୍ରସ୍ତାବିତ ଏଲ୍‌ପିଜି ଶୁଳ୍କ ପରିବାରଗୁଡିକର ଗ୍ୟାସ ବିଲ୍ ୨% ବୃଦ୍ଧି କରିବାର ସମ୍ଭାବନା ରହିଛି। ଇନ୍ଧନ ମୂଲ୍ୟ ପୂର୍ବରୁ ଖାଉଟିଙ୍କ ପାଇଁ ଏକ ବଡ଼ ଚିନ୍ତାର କାରଣ ସାଜିଥିବାବେଳେ, ସରକାରଙ୍କ ଏହି ପଦକ୍ଷେପ ରାଜନୈତିକ ଭାବରେ ସମ୍ବେଦନଶୀଳ ମଧ୍ୟ ହୋଇପାରେ। ଅପରପକ୍ଷେ ପ୍ରସ୍ତାବକୁ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କଠାରୁ ଚୂଡ଼ାନ୍ତ ଅନୁମୋଦନ ମିଳିନାହିଁ। ଏହାକୁ ନେଇ ବର୍ତ୍ତମାନ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ଆଲୋଚନା ଚାଲିଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କ୍ୟାବିନେଟରୁ ଏହାକୁ ଅନୁମୋଦନ ମିଳିବା କେବଳ ବାକି ଅଛି। ଘରୋଇ ଏଲ୍‌ପିଜି ସିଲଇଣ୍ଡର ଉପରେ ପ୍ରତି କିଲୋଗ୍ରାମ ୧.୨୯ ଟଙ୍କା ଶୁଳ୍କ ଲାଗୁ କରିଆରେ ସରକାର ପ୍ରାୟ ୪୩୭୫ କୋଟି ଟଙ୍କାର ରାଜସ୍ୱ ଆୟ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷେ ସିଏନ୍‌ଜି ପ୍ରତି ମାନକ ଘନ ମିଟର (ଏସସିଏମ) ୧.୪୩ ଟଙ୍କା ଶୁଳ୍କ ଆଦାୟ କରିଆରେ ବାର୍ଷିକ ପ୍ରାୟ ୯୫୦୦ କୋଟି ଟଙ୍କାର ରାଜସ୍ୱ ଆୟ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରସ୍ତାବିତ ଷ୍ଟ୍ରାଟେଜିକ୍ ଭଣ୍ଡାରର ଲକ୍ଷ୍ୟ ହେଉଛି, ଯୁଦ୍ଧ ସମୟରେ ଏହା ଦେଶରେ ଇନ୍ଧନର ଆବଶ୍ୟକତା ପୂରଣ କରିବ।

ଏହି ଷ୍ଟ୍ରାଟେଜିକ୍ ଇନ୍ଧନ ଭଣ୍ଡାର ଯୋଜନାକୁ ପ୍ରାୟ ୧୦ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରାୟ ୪୨ ବିଲିୟନ ଡଲାର ଆବଶ୍ୟକ ହେବ। ଏହି ପରିମାଣର ଅଧାରୁ ଅଧିକ ସଂରକ୍ଷଣ ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ ହେବ, ଯେତେବେଳେ କି ବାକି ଅର୍ଥ ଇନ୍ଧନ କ୍ରୟ ଏବଂ ସଂରକ୍ଷଣରେ ଖର୍ଚ୍ଚ ହେବ। ସରକାରଙ୍କୁ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରାୟ ୨୮ ନିୟୁତ ଟନ୍ ଅତିରିକ୍ତ ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା, ୯ ନିୟୁତ ଟନ୍ ଏଲ୍‌ଏନ୍‌ଜି ସଂରକ୍ଷଣ କ୍ଷମତା ଏବଂ ୪ ନିୟୁତ ଟନ୍ ଏଲ୍‌ପିଜି ସଂରକ୍ଷଣ କ୍ଷମତା ଆବଶ୍ୟକ ହେବ।

### ଓଡ଼ିଶାରେ ହେବ...

ସ୍ଥାନ ଓ ବିଦ୍ୟୁତ ଉତ୍ପାଦନ କ୍ଷମତା ସମ୍ପର୍କରେ କୌଣସି ଅଧିକୃତ ତଥ୍ୟ ପ୍ରକାଶ ପାଇନାହିଁ। ଉଭୟ ପ୍ରସ୍ତାବର ବୈଷୟିକ ଓ ପ୍ରଶାସନିକ ପରୀକ୍ଷା ଚାଲିଥିବା କୁହାଯାଉଛି।

ଭାରତରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ମଧ୍ୟ ଘରୋଇ ମାଲିକାନାର ପରମାଣୁ ବିଦ୍ୟୁତ କେନ୍ଦ୍ର କାର୍ଯ୍ୟକ୍ଷମ ନାହିଁ। ଦେଶର ସମସ୍ତ ବାଣିଜ୍ୟିକ ପରମାଣୁ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି। ସେହିପରି ସାରା ବିଶ୍ୱରେ କେବଳ ଆମେରିକା, ବ୍ରିଟେନ ଓ ଜାପାନ ଭଳି ଦେଶରେ ଘରୋଇ କିମ୍ବା ବେସରକାରୀ ମାଲିକାନାର ପରମାଣୁ ବିଦ୍ୟୁତ କେନ୍ଦ୍ର ରହିଥିବାବେଳେ ଫ୍ରାନ୍ସ, ଫିନଲ୍ୟାଣ୍ଡ ଓ ଦକ୍ଷିଣ କୋରିଆରେ ଏହି କ୍ଷେତ୍ର ସମ୍ପୂର୍ଣ୍ଣ ରୂପେ ସେହି ଦେଶର ସରକାରଙ୍କ ପ୍ରମୁଖ ନିୟନ୍ତ୍ରଣ ରହିଛି। ଏହି କ୍ରମରେ ଭାରତରେ ଘରୋଇ ପରମାଣୁ ପ୍ରକଳ୍ପ ବିଭିନ୍ନ ସମୟରେ ବିବାଦ ମଧ୍ୟରେ ରହିଛି। ସିଭିଲ ଲାୟାବିଲିଟି ଫର୍ ନ୍ୟୁକ୍ଲିୟର ଡ୍ୟାମେଜ୍ ଆକ୍ଟ ୨୦୧୦କୁ ନେଇ ଏଯାଏ କୌଣସି ସ୍ୱଷ୍ଟତା ଆସିନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପରମାଣୁ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି।

### ଓଡ଼ିଶା ଇଞ୍ଜିନକୁ...

କେୟାର, ଶିଶୁ ହେଲ୍ପଲାଇନ୍ ସୁବିଧା ନିମନ୍ତେ ମିଶନ ବାତ୍ସଲ୍ୟ ଯୋଜନାରେ ମଧ୍ୟ ଓଡ଼ିଶା କ୍ରମାଗତ ଭାବରେ କମ୍ ଅନୁଦାନ ପାଉଥିବା ସୂଚନା ମିଳିଛି। ମିଶନ ବାତ୍ସଲ୍ୟ ପାଇଁ ୨୦୨୩-୨୪ରେ ୧୩.୮୫ କୋଟି ଟଙ୍କା ଅନୁଦାନ ମିଳିଥିବାବେଳେ ୨୦୨୪-୨୫ରେ ୬୮.୮୩ କୋଟି ଟଙ୍କା, ୨୦୨୫-୨୬ରେ ୯.୬୯ କୋଟି ଟଙ୍କା ଏବଂ ୨୦୨୬-୨୭ରେ ଜୁଲାଇ ୨୦ ସୁଦ୍ଧା ୨୫.୦୪ କୋଟି ଟଙ୍କା ରାଜ୍ୟକୁ ମିଳିଛି। ପୁନଶ୍ଚ ମିଶନ ଶକ୍ତି ଅଧୀନସ୍ଥ ଯୋଜନାରେ ଓଡ଼ିଶା ଭୀଷଣ ଭାବରେ ପ୍ରତାରିତ ହୋଇଛି। ଏହି ଯୋଜନାରେ ୱାନ୍ ଷ୍ଟପ୍ ସେଣ୍ଟର, ମହିଳା ହେଲ୍ପଲାଇନ୍, ବେଟି ବଚାଓ ବେଟି ପଢ଼ାଓ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ଶକ୍ତି ସଦନ, ସଖୀ ନିବାସ ଓ ପାଲନା ଭଳି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ଅନୁଦାନ ଦେଇଥାଆନ୍ତି। ବିଡ଼ମ୍ବନା ହେଉଛି ଏହି ଯୋଜନାରେ ବି ବର୍ଷକୁ ବର୍ଷ ଅନୁଦାନ ହ୍ରାସ ପାଇ ଚାଲିଛି। ମିଶନ ଶକ୍ତି ଅଧୀନରେ ୨୦୨୩-୨୪ରେ ୬୦.୨୮ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଓଡ଼ିଶା ପାଇଥିଲା। ମାତ୍ର ଏହା ୨୦୨୪-୨୫ରେ ୫୭.୧୦ କୋଟି ଟଙ୍କାକୁ ହ୍ରାସ ପାଇଛି। ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହା ଆହୁରି ହ୍ରାସ ପାଇ ୨୦୨୫-୨୬ରେ ୫୧.୯୨ କୋଟି ଟଙ୍କା ଏବଂ ୨୦୨୬-୨୭ରେ ୪୦.୮୪ କୋଟି ଟଙ୍କାରେ ପହଞ୍ଚିଛି।

ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିଶୁବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ପ୍ରଦାନ କରିଥିବା ଏହି ତଥ୍ୟ ଓଡ଼ିଶା ପ୍ରତି କେନ୍ଦ୍ରୀୟ ଅବହେଳାକୁ ସ୍ପଷ୍ଟ କରିଛି। ତେବେ ମନ୍ତ୍ରୀ ସାମଗ୍ରିକ ଭାବରେ ଗତ ୪ ବର୍ଷ ମଧ୍ୟରେ ଓଡ଼ିଶାକୁ ୩୨୦୦ କୋଟି ଟଙ୍କା ଆର୍ଥିକ ସହାୟତା ମିଳିଥିବା ଓ ଏହାଦ୍ୱାରା ଲକ୍ଷାଧିକ ମହିଳା ଉପକୃତ ହୋଇଥିବା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସମସ୍ତ ପ୍ରମୁଖ ଯୋଜନା ବର୍ତ୍ତମାନ ମିଶନ ସକ୍ଷମ ଅଙ୍ଗନୱାଡ଼ି ଓ ପୋଷଣ ୨.୦, ମିଶନ ଶକ୍ତି ଏବଂ ମିଶନ ବାତ୍ସଲ୍ୟ ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ଜୁନ୍ ୩୦, ୨୦୨୬ ସୁଦ୍ଧା ଓଡ଼ିଶାର ୪୮,୪୧୬ ଜଣ ମହିଳା ୱାନ୍ ଷ୍ଟପ୍ ସେଣ୍ଟର ମାଧ୍ୟମରେ ସହାୟତା ପାଇଥିବାବେଳେ ୮୭,୬୭୫ ଜଣ ମହିଳା ୧୮୧ ମହିଳା ହେଲ୍ପଲାଇନ୍ ସେବାର ଲାଭ ନେଇଛନ୍ତି। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ୧,୦୪,୨୭୦ ଜଣ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ ଫିଲ୍ମ ପାଇଁ ବସିଲା ବୈଠକ

# ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବା ନେଇ ଆଶାବ୍ୟକ୍ତ କଲେ ଗଜପତି

ଭୁବନେଶ୍ୱର,୫।୮ (ସମିସ): 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ୍ ଫିଲ୍ମ ବିବାଦ ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଷ୍ଟେଟଗେଷ୍ଟହାଉସ୍‌ରେ ରାଜ୍ୟସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ଜୁଲାଇ ୨୯ ତାରିଖରେ ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମିତ କାର୍ଟୁନ୍ ଚଳଚ୍ଚିତ୍ର ରିଲିଜ୍ ବିରୋଧରେ ଓଡ଼ିଶା ସରକାରଙ୍କ ଆବେଦନକୁ ଖାରଜ କରିବା ସହ ଫିଲ୍ମ ରିଲିଜ ବ୍ୟାନ୍ କରିବାକୁ ପ୍ରତ୍ୟାଖ୍ୟାନ କରିଥିଲେ ସୁପ୍ରିମକୋର୍ଟ। ଏହାପରେ ମହାପ୍ରଭୁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ସଚିବ ଅନୁ ଗର୍ଗ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କୁ ନେଇ ଏହି ଚଳଚ୍ଚିତ୍ର ମୁକ୍ତିଲାଭ ଉପରେ ଆଲୋଚନା ହୋଇଥିଲା। ଏନେଇ ଗଜପତି ମହାରାଜ ଦିବ୍ୟସିଂହ ଦେବ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ମହାପ୍ରଭୁଙ୍କ ସଂସ୍କୃତି ଓ ମହିମାର ପ୍ରଚାର କିପରି ଉତ୍ତମ ଭାବେ ହୋଇପାରିବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ମାମଲା ହାଇକୋର୍ଟରେ ଶୁଣାଣି ହେବାକୁ ଥିବାରୁ ଏବେ ହାଇକୋର୍ଟଙ୍କ ନିଷ୍ପତ୍ତି କଣ ରହିବ ତାକୁ ଅପେକ୍ଷା ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡ଼ିତ ଏହି ପ୍ରସଙ୍ଗ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ। ତେଣୁ ଏହାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ଆଶା ରହିଛି। ଆସନ୍ତା କାଲି ହାଇକୋର୍ଟରେ ଏହି ମାମଲାର ଶୁଣାଣି ହେବ।

ସୂଚନାଅନୁସାରେ, ଚଳଚ୍ଚିତ୍ରର ଟ୍ରେଲର ଏବଂ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣକୁ ନେଇ ଆପତ୍ତିରୁ ବିବାଦ ଉପୁଜିଥିଲା। କିଛି ସାମାଜିକ ଏବଂ ଧାର୍ମିକ ସଂଗଠନ ଅଭିଯୋଗ କରିଛନ୍ତି ଯେ ଚଳଚ୍ଚିତ୍ରରେ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଏବଂ ତାଙ୍କ ସହିତ ଜଡିତ ପରମ୍ପରା ଧାର୍ମିକ




ବିଶ୍ୱାସ ସହିତ ମେଳ ଖାଉନାହିଁ। ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ ଏପରି ଚିତ୍ରଣ ଲକ୍ଷ ଲକ୍ଷ ଭକ୍ତଙ୍କ ଭାବନାକୁ ଆଘାତ ଦେଇପାରେ। ତେଣୁ ରଥଯାତ୍ରା ଭଳି ଧାର୍ମିକ ଅବସରରେ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପ୍ରତିବାଦ ସୃଷ୍ଟି କରିବା ସହ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ସମ୍ଭାବନା ରହିଥିବା ଆବେଦନକାରୀମାନେ ଯୁକ୍ତି ଦର୍ଶାଇଥିଲେ। ଏହି ଆଧାରରେ ଓଡ଼ିଶା ହାଇକୋର୍ଟରେ ଚଳଚ୍ଚିତ୍ରର ମୁକ୍ତିଲାଭରେ ରୋକ୍ ଲଗାଇବାକୁ ଆବେଦନ ଦାଖଲ କରାଯାଇଥିଲା।

ହାଇକୋର୍ଟ ଚଳଚ୍ଚିତ୍ର ମୁକ୍ତିଲାଭ ଉପରେ ସ୍ଥଗିତ ରଖି କହିଥିଲେ ଯେ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଉପରେ ଉଠାଯାଇଥିବା ଆପତ୍ତି ପାଇଁ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ପୂର୍ବରୁ ବିସ୍ତୃତ ନ୍ୟାୟିକ ଯାଞ୍ଚ ଆବଶ୍ୟକ। ଏହା ପରେ ଚଳଚ୍ଚିତ୍ର ପ୍ରଯୋଜକମାନେ ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୨୯ ତାରିଖରେ ବିଚାରପତି ବିଭି

- ■ ଫିଲ୍ମ ରିଲିଜ ବିରୋଧରେ ଓଡ଼ିଶା ସରକାରଙ୍କ ଆବେଦନକୁ ଖାରଜ କରିଥିଲେ ସୁପ୍ରିମକୋର୍ଟ
- ■ ଆଜି ହାଇକୋର୍ଟରେ ମାମଲାର ଶୁଣାଣି

ନାଗରତ୍ନ ଏବଂ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଖଣ୍ଡପୀଠ ଚଳଚ୍ଚିତ୍ରର ମୁକ୍ତିଲାଭକୁ ଅନୁମତି ଦେଇଥିବା ପୂର୍ବ ନିର୍ଦ୍ଦେଶକୁ ସଂଶୋଧନ କରିବାକୁ ମନା କରିଦେଇଥିଲେ। ଖଣ୍ଡପୀଠ ମତ ଦେଇଥିଲେ ଯେ ଆନିମେସନ୍ ହେଉଛି ପିଲାମାନଙ୍କ ପାଇଁ ସୃଷ୍ଟି ହୋଇଥିବା କଳାର ଏକ ନୂତନ ରୂପ ଏବଂ ଏପରି ଆବେଦନ ଯୋଗୁଁ ଏହାକୁ ହ୍ରାସ କରାଯାଇପାରିବ ନାହିଁ।

## ମହିଳାଙ୍କଠାରୁ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ଅଭିଯୋଗ

# ନକଲି କର୍ଣ୍ଣେଲକୁ ଧରିଲା ଅସଲି ପୁଲିସ

ଭଦ୍ରକ/ବାସୁଦେବପୁର,୫।୮ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ନାୟକାଣୀଡିହି ଥାନା ଅଧୀନ ଆନ୍ଦୁଲା ପଞ୍ଚାୟତର ଗୋପାଳପୁର ଗାଁର ଜନୈକ ନକଲି କର୍ଣ୍ଣେଲଙ୍କୁ ବିଭିନ୍ନ ଲୁଟ୍ ଅଭିଯୋଗରେ କାବୁ କରିଛି ଅସଲି ପୁଲିସ। ସମ୍ପୃକ୍ତ ନକଲି କର୍ଣ୍ଣେଲ ଜଣକ ହେଲେ ଉକ୍ତ ଗାଁର ପରମାନନ୍ଦ ବିଶ୍ୱାଳ (୪୦)। ସେ ନିଜକୁ ପ୍ରତିରକ୍ଷା ବିଭାଗର କର୍ଣ୍ଣେଲ ବୋଲି ପରିଚୟ ଦେଇ ମହିଳାମାନଙ୍କୁ ପ୍ରଭାବିତ କରିବା ସହ ଅଭିନବ ଉପାୟରେ ସୁନା ଅଳଙ୍କାର ଓ ଟଙ୍କା ଲୁଟ୍ କରୁଥିବାର ବାସୁଦେବପୁର ଥାନାରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ପରମାନନ୍ଦ ଜଣେ ବିବାହିତ ଅଟନ୍ତି। ସେ ଲୋକଙ୍କୁ ଠକିବା ଓ ଲୁଟ୍ କରିବା ପାଇଁ ନିଜକୁ ପ୍ରତିରକ୍ଷା ବିଭାଗର କର୍ଣ୍ଣେଲ ବୋଲି ଅଭିହିତ କରିଥିଲେ। ଉକ୍ତ ବ୍ୟକ୍ତି ଜଣକ ବିଶେଷକରି ମହିଳାମାନଙ୍କୁ ଟାର୍ଗେଟ୍ କରୁଥିଲେ। ସେ ଅନେକ ମହିଳାଙ୍କୁ ଧରମ ଭଉଣୀ କରି ସୁନାଚେନ୍, ମୁଦି ଓ ସ୍ୱର୍ଣ୍ଣ ଅଳଙ୍କାର ଲୁଟ୍ କରୁଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ କଥା ପରମାନନ୍ଦ ଏବେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ପ୍ରେମରେ ପଡ଼ିଛନ୍ତି। ବାସୁଦେବପୁର ଥାନା ଅଞ୍ଚଳର ଉକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ଏକ କେସ୍‌ରେ ସାହାଯ୍ୟ କରିବାକୁ ଥାନାକୁ ଆସିଥିବାବେଳେ ବୁଧବାର ଜଣେ ଧରମ ଭଉଣୀ ହାବୁଡ଼ରେ ପଡ଼ିଯାଇଥିଲେ। ସମ୍ପୃକ୍ତ ଧରମ ଭଉଣୀ ଜଣକ ଗାଡ଼ି ସହିତ ପରମାନନ୍ଦଙ୍କୁ ରାଧାବଲ୍ଲଭପୁରକୁ ଡକାଇ ପଚରାଉଚରା କରିଥିଲେ। ଖବର ପାଇ ଆଉ ୪ଜଣ ମହିଳା ସେଠାରେ ପହଞ୍ଚିଥିଲେ। କାହାକୁ ସ୍ୱାମୀଙ୍କର ସାଙ୍ଗ କହି ବାଇକ୍‌ରେ ଲିଫ୍ ଦେବେ କହି ଛୁଆଙ୍କୁ ଆଗରେ ବସାଇ ସୁନାହାର ଓ ଲକେଟ୍ ଲୁଟିଛନ୍ତି ତ ଆଉ କାହାଠାରୁ ଟଙ୍କା ଲୁଟ୍ କରିଛନ୍ତି। ଖବର ପାଇ ପରମାନନ୍ଦଙ୍କ ନିଜ ସ୍ତ୍ରୀ ମଧ୍ୟ ସେଠାରେ ପହଞ୍ଚିଥିଲେ। ଜଣେ ଅଙ୍ଗନବାଡ଼ି



ଦିଦିଙ୍କ ସହିତ ଭାଇରାଲ୍ ଫଟୋ ଦେଖି ସ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ସେଠାରୁ ସ୍ୱାମୀଙ୍କ କଳାକାରନାମା ଦେଖି ପଳାଇ ଯାଇଥିଲେ। ହେଲେ ଅଙ୍ଗନବାଡ଼ି ଦିଦି ପ୍ରେମିକଙ୍କ ଅବସ୍ଥା ସହ୍ୟ କରିପାରି ନ ଥିଲେ। ଶେଷରେ ପୁଲିସ ସହାୟତାରେ ଅଙ୍ଗନବାଡ଼ି ଦିଦି ଜଣକ ପରମାନନ୍ଦଙ୍କୁ ଉଦ୍ଧାର କରିଥିଲେ। ପୂର୍ବରୁ ୪୨୦ ପରମାନନ୍ଦଙ୍କ ନାମରେ ବିଭିନ୍ନ ଥାନାରେ ମହିଳାଙ୍କୁ ଠକିଥିବା ଅଭିଯୋଗରେ ମାମଲା ଥିବା ଜଣାଯାଇଛି। ନକଲି ଆର୍ମୀ ଅଫିସର (କର୍ଣ୍ଣେଲ)କୁ ବାସୁଦେବପୁର ପୁଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

## ନିଲାମୀ ଟ୍ରକ୍‌ର ଏଫ୍‌ଆର୍‌ସି ପାଇଁ ୨୬ ହଜାର ଲାଞ୍ଚ

# ୨ ଆର୍‌ଟିଓ କର୍ମଚାରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ରାଉରକେଲା,୫।୮ (ସମିସ): ନିଲାମ ଦ୍ୱାରା କ୍ରୟ କରାଯାଇଥିବା ଦୁଇଟି ଟ୍ରକ୍‌ର ଫ୍ରେସ୍ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ (ଏଫ୍‌ଆର୍‌ସି) ପ୍ରଦାନ ପାଇଁ ୨୬ ହଜାର ଟଙ୍କା ଲାଞ୍ଚ ନେବାବେଳେ ରାଉରକେଲା ଆର୍‌ଟିଓ କାର୍ଯ୍ୟାଳୟର ୨ ଜଣ କର୍ମଚାରୀଙ୍କୁ ଭିଜିଲାନ୍ସ ବିଭାଗ ବୁଧବାର ଗିରଫ କରିଛି। ସେମାନଙ୍କ ଠାରୁ ଲାଞ୍ଚ ବାବଦକୁ ନିଆଯାଇଥିବା ୨୬ ହଜାର ଟଙ୍କା ଭିଜିଲାନ୍ସ ଅଧିକାରୀ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ରାଉରକେଲା ଆର୍‌ଟିଓ କାର୍ଯ୍ୟାଳୟର ଡିଲିଂ କିରାଣି ତଥା ନାଇଟ୍ ୱାଚର୍ ନିରଞ୍ଜନ ଷଣ୍ଢ ଓ ଆଇଟି ଏକ୍ସିକ୍ୟୁଟିଭ ଧର୍ମେନ୍ଦ୍ର କୁମାର ବେହେରା। ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ ନିଲାମ କରାଯାଇଥିବା ଦୁଇଟି ଟ୍ରକ୍‌କୁ





କ୍ରୟ କରିଥିଲେ। ପୂର୍ବତନ ମାଲିକ ଋଣ ପରିଶୋଧ କରି ନଥିବାରୁ ବ୍ୟାଙ୍କ ଟ୍ରକ୍‌ଗୁଡ଼ିକୁ ନିଲାମ କରିଥିଲା। ନିୟମ ଅନୁସାରେ ନୂତନ ମାଲିକ ଦୁଇଟି ଟ୍ରକ୍‌ର ଏଫ୍‌ଆର୍‌ସି ପାଇଁ ରାଉରକେଲା ଆର୍‌ଟିଓ କାର୍ଯ୍ୟାଳୟରେ ଆବେଦନ କରିଥିଲେ। କିନ୍ତୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଡିଲିଂ କିରାଣି ନିରଞ୍ଜନ ଆବେଦନ ପ୍ରକ୍ରିୟା ଆଗକୁ ବଢ଼ାଇ ନଥିଲେ। ବରଂ ପ୍ରତି ଟ୍ରକ୍ ପିଛା ୧୩ ହଜାର ଟଙ୍କା ଲେଖାଏଁ ମୋଟ ୨୬ ହଜାର ଟଙ୍କା ଦାବି କରିଥିଲେ। ଫଳରେ ଅଭିଯୋଗକାରୀ ବାଧ୍ୟ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଭିଜିଲାନ୍ସ ପକ୍ଷରୁ ଟ୍ରାପ ପାଇଁ ଯୋଜନା କରାଯାଇଥିଲା। ପୂର୍ବ ଯୋଜନା ମୁତାବକ ବୁଧବାର ନିରଞ୍ଜନ ଓ ତାଙ୍କ ସହଯୋଗୀ ଧର୍ମେନ୍ଦ୍ର ଅଭିଯୋଗକାରୀଙ୍କ ଠାରୁ ୨୬ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ଉଭୟଙ୍କ ନିକଟରୁ ରାସାୟନିକ ଲେପ ଥିବା ସମ୍ପୂର୍ଣ୍ଣ ଲାଞ୍ଚ ଅର୍ଥ ୨୬ ହଜାର ଟଙ୍କା ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ନିରଞ୍ଜନଙ୍କ ସହ ସମ୍ପୃକ୍ତ ତିନୋଟି ସ୍ଥାନରେ ଆୟବହିର୍ଭୂତ ସମ୍ପତ୍ତି ଠାବ ପାଇଁ ଏକକାଳୀନ ଚଢ଼ଉ ଚାଲିଛି। ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଉଭୟ ଅଭିଯୁକ୍ତଙ୍କୁ ଜେରା କରାଯିବା ସହ ତଦନ୍ତ ଜାରି ରହିଛି।

## ଅଲ୍ ଓଡ଼ିଶା ମେଡିକାଲ୍ ପିଜି ପରୀକ୍ଷା ପେପର୍ ଲିକ୍ ଘଟଣା

# ଏମ୍‌କେସିଜିରେ ତଦନ୍ତ କରି ଫେରିଲା ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ କମିଟି



ବ୍ରହ୍ମପୁର,୫।୮ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ(ଓୟୁଏଚଏସ) ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ମେଡ଼ିକାଲ ପିଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଗଠିତ ୩ଜଣିଆ ଉଚ୍ଚସ୍ତରୀୟ କମିଟି ଘଟଣାର ତଦନ୍ତ କରିଛନ୍ତି। ବୁଧବାର କମିଟିର ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର

### ଯାଞ୍ଚହେଲା ସିସିଟିଭି, ଦୁଇ ପରୀକ୍ଷାର୍ଥୀଙ୍କୁ ପଚରାଉଚରା, ଆଗାମୀ ପଦକ୍ଷେପକୁ ଅପେକ୍ଷା

ଅତିରିକ୍ତ ସଚିବ ବିଜୟ କୁମାର ଦାଶ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଡ଼ା. ବିଜୟ କୁମାର ମିଶ୍ର ଓ ଯୁଗ୍ମ ଡ଼ିଏମଇଟି ଡ଼ା. ଅନିଲ କୁମାର ସାହୁ ଏମକେସିଜି ମେଡିକାଲ କଲେଜରେ ପହଞ୍ଚିଥିଲେ। କମିଟି ପ୍ରଥମେ ଡ଼ିନ ତଥା ଅଧ୍ୟକ୍ଷ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଳେଇ ଓ ରୋଜିଷ୍ଟ୍ରାର ଡଃ. ଶ୍ୱେତ କୁମାର ଦାଶଙ୍କ ସହ ଘଟଣା ସମ୍ପର୍କରେ ବିସ୍ତୃତ ଅଲୋଚନା କରିଥିଲେ। ପରେ ଏହି ଉଚ୍ଚସ୍ତରୀୟ କମିଟି ପରୀକ୍ଷା ଦିନର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ଏବଂ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ସିଧାସଳଖ ବିଭିନ୍ନ ହ୍ୱାଟସଅପ ଗ୍ରୁପ୍‌ରେ ସେୟାର କରାଯାଇଥିବା ଅଭିଯୋଗର ତଦନ୍ତ କରିଥିଲେ। ଏଥିରେ ଜଣେ ପିଜି ଡାକ୍ତରୀ ଛାତ୍ରଙ୍କ ମୋବାଇଲ ନମ୍ବର ରହିଥିବା ବେଳେ କମିଟି ପକ୍ଷରୁ ଉକ୍ତ ଛାତ୍ରଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରାଯାଇଥିଲା। ଗ୍ରୁପ୍‌ରେ ପ୍ରଶ୍ନପତ୍ର ସେୟାର ପରେ ସଙ୍ଗେସଙ୍ଗେ ଯେଉଁ ପିଜି ଛାତ୍ରୀ ଜଣକ ଉକ୍ତ ପ୍ରଶ୍ନର ଉତ୍ତର ରଖିଥିଲେ, ସେହି ଛାତ୍ରୀଜଣଙ୍କୁ ମଧ୍ୟ କମିଟିର ସଦସ୍ୟମାନେ ପଚରାଉଚରା କରିଥିଲେ। ଶେଷରେ ପରୀକ୍ଷା କେନ୍ଦ୍ରର ଦାୟିତ୍ୱରେ ଥିବା ଅଧୀକ୍ଷଙ୍କୁ ପରୀକ୍ଷା ଦିନର ଘଟଣାକୁ ନେଇ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ତଦନ୍ତ ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଗଠିତ ୩ଜଣିଆ ଉଚ୍ଚସ୍ତରୀୟ କମିଟି ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ବିଭାଗ ନିକଟରେ ପ୍ରଦାନ କରିବେ। ରିପୋର୍ଟ ଆଧାରରେ ବିଭାଗ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବରୁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶରେ ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗଠିତ ୫ଜଣିଆ ତଦନ୍ତ କମିଟି ଇତି ମଧ୍ୟରେ ନିଜର ତଦନ୍ତ ରିପୋର୍ଟ ଡିନ୍‌ଙ୍କ ଜରିଆରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ପଠାଇସାରିଛି। ସେହିଭଳି ଆବଶ୍ୟକ ସ୍ଥଳେ ଘଟଣାର କ୍ରାଇମ ବ୍ରାଞ୍ଚ ତଦନ୍ତ କରିବ ସୂଚନା ରହିଛି।

## ■ ଲିଜ୍‌ଧାରୀଙ୍କୁ ମିଳୁନି ବାଲି ଉତ୍ତୋଳନ ଅନୁମତି

# ସାତକୋଶିଆ ଇଏସଜେଡ୍ ସୀମା ସମ୍ପର୍କରେ ଜବାବ ରଖିବେ ସରକାର

କଟକ,୫।୮ (ସମିସ): ୱାଲିପୁର ମହାନଦୀ ବାଲି ଉତ୍ସ ପ୍ରସ୍ତାବିତ ସାତକୋଶିଆ ଇଏସଜେଡ୍ ସଂପର୍କିତ ବିଜ୍ଞପ୍ତି ଅନ୍ତର୍ଭୁକ୍ତ ନଥିବା ସତ୍ତ୍ୱେ ଆବେଦନକାରୀଙ୍କୁ ବାଲି ଉତ୍ତୋଳନ ପାଇଁ କର୍ତ୍ତୃପକ୍ଷ ଅନୁମତି ଦେଉ ନଥିବା ପ୍ରସଂଗରେ ରୁଜୁ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ (ଟାଇଗର ରିଜର୍ଭ)ର ଚତୁପାର୍ଶ୍ୱରେ ପ୍ରସ୍ତାବିତ ଇକୋ-ସେନସିଟିଭ ଜୋନ୍(ଇଏସଜେଡ୍) ଅଧୀନରେ ନୟାଗଡ ଜିଲ୍ଲାର ୱାଲିପୁର ମହାନଦୀ ବାଲି ଉତ୍ସ ଆସୁଛି କି ନାହିଁ ସେନେଇ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୧୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରମୋଦ କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ବାଲିଘାଟ ଲିଜ ମିଳିଥିଲେ ମଧ୍ୟ ଏହି ଉତ୍ସରୁ ବାଲି ଉତ୍ତୋଳନ ପାଇଁ କର୍ତ୍ତୃପକ୍ଷ ଅନୁମତି ଦେଉ ନାହାନ୍ତି। ୱାଲିପୁର ମହାନଦୀ ବାଲି ଉତ୍ସ ପ୍ରସ୍ତାବିତ ଇଏସଜେଡ୍ ସଂପର୍କିତ ବିଜ୍ଞପ୍ତିରେ ଅନ୍ତର୍ଭୁକ୍ତ ହୋଇନାହିଁ। କିନ୍ତୁ ଏହା ସତ୍ତ୍ୱେ ତାଙ୍କୁ ବାଲି ଉତ୍ତୋଳନ ପାଇଁ କର୍ତ୍ତୃପକ୍ଷ ଅନୁମତି ଦେଉ ନାହାନ୍ତି। ପ୍ରସ୍ତାବିତ ଇଏସଜେଡ୍‌ର ଭୌଗୋଳିକ ସୀମା ଭିତରେ ୱାଲିପୁର ମହାନଦୀ ବାଲି ଉତ୍ସ ଆସୁଛି କି ନାହିଁ ସେ ନେଇ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଯୋଜନା ମୁତାବକ କାମ କରିବେ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ । କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ । ଦୀର୍ଘ ଦିନର ଆଶା ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିପାରେ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ମାନ ସମ୍ମାନ ବୃଦ୍ଧି ପାଇବ । ସାମାଜିକ କାର୍ଯ୍ୟରେ ସାମିଲ ରହିବେ ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ । ଦିନଟି ଶୁଭଫଳ ପ୍ରଦାନ କରିବ । ଅଚାନକ ଧନପ୍ରାପ୍ତି ଯୋଗ ରହିଛି । ବ୍ୟବସାୟରୁ ଲାଭ ମିଳିପାରେ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ । ନିଜ ଲୋକ ଶତ୍ରୁ ସାଜି ପାରନ୍ତି ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ । ଅଚାନକ ଖୁସି ଖବର ମିଳିପାରେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ:** ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି । ନୂତନ ବ୍ୟବସାୟ ଆରମ୍ଭ କରିବେ । ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି । ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି । ଧୈର୍ଯ୍ୟ ରଖି ଚାଲନ୍ତୁ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ । ମହିଳାଙ୍କ ଦାୟିତ୍ୱ ବଢ଼ିପାରେ । କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ । ବ୍ୟବସାୟରୁ କ୍ଷତି ସହି ପାରନ୍ତି ।

## ଆଜିର ଇତିହାସ

- ୧୯୧୪- ଅଷ୍ଟ୍ରିଆ, ରୁଷ୍ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୬୨- ଜାମାଇକା ସ୍ୱାଧୀନ ହେଲା ।
- ୧୯୮୬- ଦେଶର ପ୍ରଥମ ଟେଷ୍ଟ ଟ୍ୟୁବ୍ ବେବି ଜନ୍ମ ନେଲା ।
- ୨୦୧୦- ଜାମ୍ମୁ କାଶ୍ମୀରରେ ଭୀଷଣ ବନ୍ୟା ଯୋଗୁ ୨୫୫ ଲୋକଙ୍କ ପ୍ରାଣହାନି ।
- ୨୦୧୨- ନାସାର କ୍ୟୁରୋସିଟି ରୋଭର୍ ମଙ୍ଗଳ ଗ୍ରହରେ ପହଞ୍ଚିଲା ।

# ହିରୋସୀମା ମହାବିନାଶର କାହାଣୀ



ପ୍ରତିବର୍ଷ ଅଗଷ୍ଟ ୬ ତାରିଖକୁ ହିରୋସୀମା ଦିବସ ଭାବେ ପାଳନ କରାଯାଏ । ୧୯୪୫ ମସିହା ଏହି ଦିନରେ ଆମେରିକା ଜାପାନର ହିରୋସୀମା ସହର ଉପରେ 'ଲିଟିଲ ବୟ' ନାମକ ଏକ ପରମାଣୁ ବୋମା ପକାଇଥିଲା । ଏହି ଭୟଙ୍କର ଆକ୍ରମଣରେ ହଜାର ହଜାର ନିରୀହ ଲୋକ ପ୍ରାଣ ହରାଇଥିଲେ ଏବଂ ଏହାର ବିନାଶକାରୀ ପ୍ରଭାବ ଦୀର୍ଘ ଦିନ ଯାଏଁ ରହିଥିଲା । ଏହି ଦିବସ ପରମାଣୁ ଅସ୍ତ୍ରଶସ୍ତ୍ରର ବିନାଶକାରୀ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଶକ୍ତିଶାଳୀ ଆମେରିକା ବିପକ୍ଷରେ ଥିଲା । ଏହି ସମୟରେ ଆମେରିକାର ନାଭାଲ୍ ଷ୍ଟେସନ ପର୍ଲ ହାର୍ବର୍ ଉପରେ ଜାପାନ ଏୟାର ଫୋର୍ସ ହଠାତ୍ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ବହୁସଂଖ୍ୟାରେ ଆମେରିକୀୟ ସୈନିକଙ୍କର ମୃତ୍ୟୁ ହୋଇଥିଲା । ଆମେରିକା ପର୍ଲ ହାର୍ବର୍ ଆକ୍ରମଣ ଘଟଣାର ପ୍ରତିଶୋଧ ନେବା ପାଇଁ ପଣ କରିଥିଲା । ୧୯୪୫ ମସିହା ଅଗଷ୍ଟ ୬ ତାରିଖ ଦିନ ସକାଳ ୮ଟା ୧୫ ମିନିଟ୍‌ରେ ଆମେରିକା ସେନା ଲିଟିଲ୍ ବୟ ନାମକ ଏକ ପରମାଣୁ ବୋମା ପକାଇଥିଲା । ଏହି ସମୟରେ ଅନେକ ଲୋକ ନିଜ ନିଜ କର୍ମସ୍ଥଳକୁ ଯାଉଥିଲେ । କୁନି କୁନି ପିଲାମାନେ ସ୍କୁଲ୍ ଯାଉଥିଲେ । ଏକ ରିପୋର୍ଟ ଅନୁଯାୟୀ, ଏହି ପରମାଣୁ ବମ୍ ସହରର ମଝି ସ୍ଥାନରେ ପଡ଼ିଥିଲା । ଏହା ଏତେ ଭୟଙ୍କର ଥିଲା ଯିଏ ମାତ୍ର କିଛି ସେକେଣ୍ଡ ଭିତରେ ପ୍ରାୟ ୮୦ ହଜାର ଲୋକ ପ୍ରାଣ ହରାଥିଲେ । ସେହିପରି ଲକ୍ଷାଧିକ ଲୋକ ଆହତ ହୋଇଥିଲେ । ପରବର୍ତ୍ତୀ ଅବସ୍ଥାରେ ଏହି ଆହତଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ହୋଇଥିଲା । ବୋମା ବିସ୍ଫୋରଣର କେନ୍ଦ୍ରସ୍ଥଳରେ ତାପମାତ୍ରା ପ୍ରାୟ ୪,୦୦୦ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଥିଲା, ଯାହା ସୂର୍ଯ୍ୟଙ୍କ ପୃଷ୍ଠଭାଗର ତାପମାତ୍ରା ସହ ସମାନ । ଉତ୍ତାପ ଏତେ ଅଧିକ ଥିଲା ଯେ, କିଛି ଲୋକ ସେଠାରେ ତରଳି ପଥର ବା କାନ୍ଥରେ କେବଳ ସେମାନଙ୍କର କଳା ଛାଇ ଛାଡ଼ି ଯାଇଥିଲେ । ଏହା ତ କେବଳ ଜୀବନ କଥା, କେତେ ଯେ ସମ୍ପତ୍ତି ନଷ୍ଟ ହୋଇଛି, ତା'ର କଳ୍ପନା କରାଯାଇ ନପାରେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପରମାଣୁ ଆକ୍ରମଣରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ଚିକିତ୍ସା କରାଇବା ପାଇଁ ସହରରେ ଡାକ୍ତର ମଧ୍ୟ ନ ଥିଲେ । କାରଣ ପରମାଣୁ ଆକ୍ରମଣରେ ସେଠାରେ ୯୦ ପ୍ରତିଶତ ଡାକ୍ତର ପ୍ରାଣ ତ୍ୟାଗ କରିଥିଲେ । ତେବେ ଏହି ଆକ୍ରମଣକୁ ସେତେବେଳେ ଭାରତ ସମେତ ଅନେକ ଦେଶ ନିନ୍ଦା କରିବା ସହ ଜାପାନକୁ ସହାୟତାର ହାତ ବଢାଇଥିଲେ । ଏହାସତ୍ତ୍ୱେ ଜାପାନ ମିତ୍ରଶକ୍ତି ପାଖରେ ଆତ୍ମସମର୍ପଣ ନ କରିବାରୁ ୩ ଦିନ ପରେ ଜାପାନର ଅଗ୍ରଣୀ ଶିଳ୍ପ ସହର ନାଗାସାକି ଉପରେ ଆମେରିକା ଦ୍ୱିତୀୟ ପରମାଣୁ ବୋମା 'ଫ୍ୟାଟ୍ ମ୍ୟାନ୍' ପକାଇଥିଲା । ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲି ଯାଇଥିଲା । ଲକ୍ଷ ଲକ୍ଷ ଲୋକ ଦିବ୍ୟାଙ୍ଗ ହୋଇଯାଇଥିଲେ । ମୃତ୍ୟୁର ଉପତ୍ୟକାରେ ପରିଣତ ହୋଇଥିଲା ଜାପାନର ଏହି ଦୁଇ ସହର । ସେହି ଦୁଃଖଦ ମୁହୂର୍ତ୍ତକୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ । ଜାପାନ ଉପରେ କରିଥିବା ଏହି ବିସ୍ଫୋରଣ ପାଇଁ ଆମେରିକା ଅନେକଥର ପଶ୍ଚାତାପ କରିଛି ଏବଂ ସାରା ବିଶ୍ୱର ସମାଲୋଚନାର ପାତ୍ର ମଧ୍ୟ ହୋଇଛି । ଏହି ବୋମା ପରେ ହିଁ ଏସିଆରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ଔପଚାରିକତା ହୋଇ ରହିଯାଇଥିଲା । ଜାପାନ ସେନା ପଛଘୁଞ୍ଚା ଦେଇଥିଲେ । ପ୍ରାୟ ଏକ ସପ୍ତାହ ପରେ ଜାପାନ କିଛି ମିତ୍ର ଦେଶର ମିଳିତ ସହଯୋଗୀଙ୍କ ପାଖରେ ଆତ୍ମସମର୍ପଣ କରିଥିଲା । 'ହିରୋସୀମା ଦିବସ' ପରମାଣୁ ଯୁଦ୍ଧର ବିନାଶକାରୀ ପ୍ରଭାବକୁ ସ୍ମରଣ କରାଇବା ସହ ବିଶ୍ୱ ଶାନ୍ତି ଏବଂ ନିରସ୍ତ୍ରୀକରଣ ପାଇଁ ବିଶ୍ୱର ସବୁ ରାଷ୍ଟ୍ରକୁ ଚେତାବନୀ ଦିଏ । ଏହିଦିନ ପରମାଣୁ ଆକ୍ରମଣରେ ପ୍ରାଣ ହରାଇଥିବା ନିରୀହ ଲୋକମାନଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ ।



# କମ୍ବଳ ଆକାରର ରୁଟି

ବିଶ୍ୱର ବିଭିନ୍ନ ଦେଶରେ ବିବାହ ସହିତ ଜଡ଼ିତ ଅନେକ ଅନନ୍ୟ ପରମ୍ପରା ସବୁ ଦେଖିବାକୁ ମିଳେ । ଏହି କ୍ରମରେ ଏବେ ସୋସିଆଲ ମିଡିଆରେ ପାକିସ୍ତାନର ବିବାହ ସମୟରେ ପରଷା ଯାଉଥିବା ଏମିତି ଏକ ପାରମ୍ପରିକ ରୁଟିର ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି, ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି । ଭିଡିଓରେ ଦେଖାଯାଉଥିବା ଏହି ବିଶାଳ ରୁଟିକୁ ପ୍ରଥମେ ଦେଖିଲେ କୌଣସି ରେକର୍ଡ ପାଇଁ ଏହାକୁ ପ୍ରସ୍ତୁତ କରାଯାଉଛି ବୋଲି ଲାଗିବ । ପ୍ରକୃତରେ ଏହା ପାକିସ୍ତାନର ଖୈବର ପଖତୁନଖ୍ୱା ଅଞ୍ଚଳର ଏକ ପାରମ୍ପରିକ ରୁଟି, ଯାହାକୁ ବିଶେଷକରି ବିବାହ କିମ୍ବା ବଡ଼ ସାମୂହିକ ଭୋଜିରେ ପ୍ରସ୍ତୁତ କରାଯାଏ । ଏହି ବିଶାଳକାୟ ରୁଟିକୁ ସ୍ଥାନୀୟ ଭାଷାରେ 'ପୋସ୍ତା' ବା 'ବନ୍ଦୁ' କୁହାଯାଏ । ଏହା ପ୍ରାୟ ୧୦ ରୁ ୧୨ ଫୁଟ ଚଉଡ଼ା ହୋଇଥାଏ । ୧୦ରୁ ୧୫ ଜଣ ଲୋକ ଏହି ରୁଟିଟିକୁ ଖାଇପାରିବେ । ଏହାକୁ ବେଲିବା ପାଇଁ ବେଲଣାର ବ୍ୟବହାର କରାଯାଏ ନାହିଁ । କାରିଗରମାନେ ନିଜ ହାତରେ ଏବଂ ବାହୁ ସାହାଯ୍ୟରେ ଅଟାକୁ ବୁଲାଇ ବୁଲାଇ ଏବଂ ପବନରେ ଫେଣେଇ ଏହାକୁ ବଡ଼ କରିଥାନ୍ତି । ଏହାକୁ ସେକିବା ପାଇଁ ବିଶେଷ ଭାବେ ଲମ୍ବା ଏବଂ ଚଉଡ଼ା ବିଶିଷ୍ଟ ଇଟା ଚୁଲା ଖୋଲା ପଡ଼ିଆରେ ନିର୍ମାଣ କରାଯାଏ । ଏହା ଉପରେ ଏକ ବଡ଼ ଲୁହା କିମ୍ବା ମାଟିର ପ୍ଲେଟ୍ ଥାଏ, ଯାହାକୁ କୋଇଲା ବା କାଠ ନିଆଁରେ ଗରମ କରାଯାଏ । ଏତେ ବଡ଼ ରୁଟିକୁ ଚୁଲା ଉପରେ ପକାଇବା ଏବଂ ତାହା ଯେପରି କେଉଁଠି ହେଲେ ନ ଚିରିବ କିମ୍ବା ନ ପୋଡ଼ିବ, ସେଥିପାଇଁ ତିନିରୁ ଚାରି ଜଣ ଅଭିଜ୍ଞ ବ୍ୟକ୍ତିଙ୍କର ଏକାଠି ସାହାଯ୍ୟ ଦରକାର ହୋଇଥାଏ । ତେବେ ଏହି ବିଶାଳ ରୁଟି ପ୍ରତିଦିନ ତିଆରି ହୁଏ ନାହିଁ; ବରଂ ଗାଁର ମଉଜ-ମଜଲିସ୍, ବଡ଼ ବିବାହ ଉତ୍ସବ ଏବଂ ସାମୂହିକ ଭୋଜିରେ ବିଶେଷ ଭାବେ ତିଆରି କରାଯାଏ । ପାସତୁନ୍ ସଂସ୍କୃତିରେ ସମସ୍ତ ଅତିଥି ଗୋଟିଏ ବଡ଼ ସାମୂହିକ ରୁଟିକୁ ଭାଙ୍ଗି ମିଶି କାହାନ୍ତି, ଯାହା ସେମାନଙ୍କ ପାରମ୍ପରିକ ଅତିଥିସତ୍କାର ଏବଂ ଭାଇଚାରାର ପରିଚୟ ଦେଇଥାଏ ।

# ନୀରଜଙ୍କ ବାୟୋପିକ୍ ଫିଲ୍ମରେ ଅକ୍ଷୟ



ଅନେକ ଦିନ ହେଲାଣି ଆର୍. ଡି. ବର୍ମନଙ୍କ ବାୟୋପିକ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି । ପୂର୍ବରୁ ଏହି ଚଳଚ୍ଚିତ୍ରର ମୁଖ୍ୟ ଅଭିନେତାଙ୍କୁ ନେଇ ଖବର ଆସିଥିଲା, ଏବେ ଏଥିରେ ଆଉଜଣେ ସୁପରଷ୍ଟାର୍‌ଙ୍କ ଏଣ୍ଟ୍ରି ହୋଇଥିବା ଜଣାପଡ଼ିଛି । ନିର୍ଦ୍ଦେଶକ ନୀରଜ ପାଣ୍ଡେ ଆର. ଡି. ବର୍ମନଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି, ଯେଉଁଥିରେ ସେ ତାଙ୍କ ସଂଘର୍ଷରୁ ନେଇ ସଫଳତାର ଯାତ୍ରାକୁ ପରଦାରେ ଦେଖାଇବେ । ଏଥିରେ ଫରହାନ୍ ଅଖତର ଆର୍.ଡି ବର୍ମନଙ୍କ ଭୂମିକାରେ ଦେଖାଯିବେ । ହେଲେ ଏବେ ଏଥିରେ ଆଉ ଜଣେ ବଲିଉଡ୍ ସୁପରଷ୍ଟାର୍‌ଙ୍କ ଏଣ୍ଟ୍ରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ତେବେ ନୀରଜ ଏହି ଫିଲ୍ମ ପାଇଁ ଅକ୍ଷୟ କୁମାରଙ୍କ ସହ ଯୋଗାଯୋଗ କରିବା ପରେ ସେ ଏହି ଚଳଚ୍ଚିତ୍ରରେ କାମ କରିବା ପାଇଁ ରାଜି ହୋଇଯାଇଥିବା ଜଣାପଡ଼ିଛି । ଅକ୍ଷୟ ଏଥିରେ ଅତିଥି କଳାକାର ଭାବେ ସାମିଲ ହୋଇ ପାରନ୍ତି ବୋଲି କୁହାଯାଉଛି । ହେଲେ, ଏପର୍ଯ୍ୟନ୍ତ ତାଙ୍କ ଚରିତ୍ର ବିଷୟରେ କୌଣସି ସ୍ପଷ୍ଟ ସୂଚନା ସାମ୍ନାକୁ ଆସିନାହିଁ । ନିର୍ମାତାମାନେ ଏହାକୁ ଗୋପନୀୟ ରଖିଛନ୍ତି । ପ୍ରକୃତରେ ଅକ୍ଷୟ ଏବଂ ନୀରଜ ବହୁତ ଭଲ ସାଙ୍ଗ । ଅତୀତରେ ଏହି ଯୋଡ଼ି ବକ୍ସ ଅଫିସ୍‌କୁ 'ସ୍ପେଶାଲ ୨୬' ଏବଂ 'ବେବି' ଭଳି ହିଟ୍ ଚଳଚ୍ଚିତ୍ର ଦେଇଛନ୍ତି । ତେଣୁ ଅକ୍ଷୟ ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିବା ଜଣାପଡ଼ିଛି । 'ଭୂତ ବଙ୍ଗଲା' ଏବଂ 'ୱେଲକମ୍ ଟୁ ଦ ଜଙ୍ଗଲ' ଭଳି ସଫଳ ଫିଲ୍ମ ପରେ ଏବେ ଅକ୍ଷୟ 'ହୈୱାନ' ଫିଲ୍ମରେ ନଜର ଆସିବେ । ଏହା ଆସନ୍ତା ସେପ୍ଟେମ୍ବର ୧୧ରେ ମୁକ୍ତିଲାଭ କରିବ ।

## ସୁଶ୍ରୀ

## ହଜିଯାଉଥିବା ସ୍ୱାଦ

# ସଜନା ଶାଗ ପତୁଆ



**ଆବଶ୍ୟକ ସାମଗ୍ରୀ**

ଧୁଆ ସଜନା ଶାଗ – ଦୁଇ କପ୍, ସୋରିଷ ରସୁଣ ବଟା – ଏକ ଚାମଚ, ଶୁଖିଲା ଲଙ୍କା – ଦୁଇଟି, କଟା ପିଆଜ – ଅଧା କପ୍, କଟା ଟମାଟୋ – ଅଧା କପ୍, ଲଙ୍କା ଗୁଣ୍ଡ- ଅଧା ଚାମଚ, ହଳଦୀ – ଅଧା ଚାମଚ, ଜିରା ଗୁଣ୍ଡ – ଅଧା ଚାମଚ, ଲୁଣ ସ୍ୱାଦାନୁସାରେ, ସୋରିଷ ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ବାଉଲ୍‌ରେ ଶାଗ ନେଇ ସେଥିରେ ପିଆଜ, ଟମାଟୋ, ସୋରିଶ ବଟା, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ ଏବଂ ଏକ ଚାମଚ ସୋରିଷ ତେଲ ଦେଇ ଭଲରେ ଗୋଳାନ୍ତୁ । ଏହାପରେ ଏକ କଦଳୀ ପତ୍ରରେ ଗୋଳା ଶାଗକୁ ରଖି କାଠିରେ ବନ୍ଦ କରନ୍ତୁ । ଏହାପରେ ଚୁଲିରେ ତାୱା ବସାଇ ଅଙ୍ଗାର ରଖି ସେଥିରେ କଦଳୀପତ୍ର ରଖନ୍ତୁ । ୨୦ ମିନିଟ୍ ପରେ ତାୱା କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ସଜନା ଶାଗ ପତୁଆ' ।

# ଲୋକପ୍ରିୟ ହସ୍ତତନ୍ତ ଶାଢ଼ି

**ହାତବୁଣା ଶାଢ଼ିର ଏକ ବିଶେଷ ମହତ୍ତ୍ୱ ରହିଛି । ଏହା ଭାରତର ସଂସ୍କୃତି, ହସ୍ତତନ୍ତ ଶିଳ୍ପ, ଉତ୍କୃଷ୍ଟ କଳାର ପରିଚୟ ପ୍ରଦାନ କରିଥାଏ । ଏଥିସହ ଶାଢ଼ିଗୁଡ଼ିକ ଜଟିଳ ବୁଣାଶୈଳୀ, ଡିଜାଇନ୍ ଏବଂ ରଙ୍ଗ ପାଇଁ ଜଣାଯାଏ । ପ୍ରତ୍ୟେକ ଶାଢ଼ିରେ ସ୍ଥାନୀୟ ସଂସ୍କୃତି, ପରମ୍ପରା ଏବଂ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତିଫଳିତ ହୋଇଥାଏ । ତେବେ ଓଡ଼ିଶା ଏବଂ ଭାରତରେ ପ୍ରସିଦ୍ଧି ଲାଭ କରିଥିବା କିଛି ଲୋକପ୍ରିୟ ହସ୍ତତନ୍ତ ଶାଢ଼ିକୁ ନେଇ ଏହି ଆଲେଖ୍ୟ ।**





### ଖଣ୍ଡୁଆ

ଓଡ଼ିଶାର ପାରମ୍ପରିକ ହାତବୁଣା ପାଟଶାଢ଼ି ଭାବେ ଖଣ୍ଡୁଆର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ଓଡ଼ିଶାର ବାନ୍ଧକଳା ଓ ସାଂସ୍କୃତିକ ପରମ୍ପରାର ଅଭିନ୍ନ ଅଂଶ । ଏହି ପାଟ ଶାଢ଼ି ସୂକ୍ଷ୍ମ କପା ଏବଂ ରେଶମ ସୂତାରେ ବୁଣି ପ୍ରସ୍ତୁତ କରାଯାଏ । ଏହା ଜଟିଳ ଡିଜାଇନ୍ ପାଇଁ ଜଣାଶୁଣା । ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଖଣ୍ଡୁଆ ପାଟ ଶାଢ଼ି ଲାଗି କରାଯାଏ । ସେହିପରି ଏହା ଟେମ୍ପୁଲ ବର୍ଡର ପାଇଁ ମଧ୍ୟ ଜଣାଶୁଣା । ଏହା ଜଗନ୍ନାଥ ସଂସ୍କୃତି, ଓଡ଼ିଶା ହସ୍ତତନ୍ତ ଐତିହ୍ୟର ପ୍ରତୀକ ଭାବେ ପରିଚିତ । ଖଣ୍ଡୁଆ ଶାଢ଼ୀର ମୂଲ୍ୟ ଏହାର ଡିଜାଇନ ଉପରେ ନିର୍ଭର କରେ । ଏହା ବିଦେଶରେ ମଧ୍ୟ ଖୁବ୍ ଲୋକପ୍ରିୟ ।

### ସମ୍ବଲପୁରୀ

ଲୋକପ୍ରିୟ, ପ୍ରତିଷ୍ଠିତ ହସ୍ତତନ୍ତ ଶାଢ଼ୀ ମଧ୍ୟରୁ ଗୋଟିଏ ସମ୍ବଲପୁରୀ ଶାଢ଼ି । ଏହାର ଜଟିଳ ଏବଂ ରଙ୍ଗୀନ ପ୍ୟାଟର୍ଣ୍ଣ ପାଇଁ ବୁଣା ଓ ତନ୍ତସୂତାକୁ ବାନ୍ଧି ରଙ୍ଗ କରାଯାଏ । ଏହି ଶାଢ଼ିର ଜ୍ୟାମିତିକ ଆକୃତି, ଫୁଲ ପ୍ରକୃତି ଡିଜାଇନ୍, ପୌରାଣିକ କାହାଣୀ ଏବଂ ଲୋକକଥା ଦ୍ୱାରା ଅନୁପ୍ରାଣିତ ବିଷୟବସ୍ତୁ ପାଇଁ ଜଣାଶୁଣା । ଏହା ଓଡ଼ିଶାର ଗୌରବ ଏବଂ ପରିଚୟର ପ୍ରତୀକ । ମହିଳାମାନେ ବିଭିନ୍ନ ପର୍ବପର୍ବାଣି ତଥା ବିଶେଷ ଦିନରେ ଏହାକୁ ପିନ୍ଧିଥାନ୍ତି । ଏହାର ମୂଲ୍ୟ ଡିଜାଇନ୍ ଏବଂ ବୁଣାକାରଙ୍କ କାରିଗରୀ ଉପରେ ନିର୍ଭର କରିଥାଏ ।



### କାଞ୍ଜିବରମ୍

ତାମିଲନାଡୁ କାଞ୍ଚିପୁରମ୍‌ର ପାରମ୍ପରିକ ଶାଢ଼ି ଭାବେ ଏହା ବେଶ୍ ପରିଚିତ । ଏହାକୁ ରେଶମ ସୂତାରେ ବୁଣି ପ୍ରସ୍ତୁତ କରାଯାଏ । ଏହା ମଲବେରୀ ରେଶମ, ଜରିକାମ, ସୁନ୍ଦର ଡିଜାଇନ୍, ଦୀର୍ଘସ୍ଥାୟୀ ଏବଂ ବୁଣାଶୈଳୀ ପାଇଁ ପ୍ରସିଦ୍ଧି ଲାଭ କରିଛି । ଏହାକୁ ବିବାହ, ପର୍ବପର୍ବାଣୀ ସମେତ ବିଶେଷ ଅବସରରେ ପିନ୍ଧାଯାଏ । ବଲିଉଡ୍ ଅଭିନେତ୍ରୀଙ୍କଠୁ ନେଇ ସାଧାରଣ ମହିଳାଙ୍କ ମଧ୍ୟରେ ଏହି ଶାଢ଼ି ବେଶ୍ ଲୋକପ୍ରିୟ । ଏହାର ଡିଜାଇନ୍,ଅନୁସାରେ ମୂଲ୍ୟ ଭିନ୍ନ ଥାଏ ।



### ବନାରସୀ

ଉତ୍ତର ପ୍ରଦେଶ ବାରଣସୀରେ ପ୍ରସ୍ତୁତ ଏକ ପ୍ରସିଦ୍ଧ ପାରମ୍ପରିକ ପାଟଶାଢ଼ି ଭାବେ ବନାରସୀ ଶାଢ଼ି ବେଶ୍ ପରିଚିତ । ଏହା ଶୁଦ୍ଧ ରେଶମ, ସୁନା ଓ ରୂପା ଜରିକାମ ଏବଂ ସୁନ୍ଦର କାରୁକାର୍ଯ୍ୟ ପାଇଁ ଜଣାଯାଏ । ଏହି କଳା ମୋଗଲ ସାମ୍ରାଜ୍ୟରୁ ଆରମ୍ଭ ବୋଲି ବିଶ୍ୱାସ ରହିଛି । ବିବାହ ଭଳି ମାଙ୍ଗଳିକ କାର୍ଯ୍ୟରେ ଏହା ମହିଳାଙ୍କ ପ୍ରଥମ ପସନ୍ଦ । ବାରଣସୀର ବୁଣାକାରମାନେ ଏହି ଶାଢ଼ି ପ୍ରସ୍ତୁତ କରିଥାନ୍ତି । ହାତରେ ଏହି ଶାଢ଼ି ପ୍ରସ୍ତୁତ କରିବା ପାଇଁ ତିନିଜଣ କାରିଗରଙ୍କ ପରିଶ୍ରମ ଲାଗିଥାଏ । ଡିଜାଇନ୍ ଅନୁସାରେ ଏହାର ମୂଲ୍ୟ ଭିନ୍ନ ଭିନ୍ନ ରହିଥାଏ ।




# ବ୍ୟାଗ୍ ଚାର୍ମ ଟ୍ରେଣ୍ଡ

**ପୋଷାକ ଭଳି ଆସେସରିଜ୍ ମଧ୍ୟ ଲୁକ୍‌କୁ ଆକର୍ଷଣୀୟ କରିଥାଏ । ସେଥିମଧ୍ୟରୁ ଗୋଟିଏ ବ୍ୟାଗ୍ ଚାର୍ମ । ଏହା ଚାବି ରିଙ୍ଗ୍ ଭଳି ଛୋଟ ଆକର୍ଷଣୀୟ ହୋଇଥାଏ । ଅଧିକାଂଶ କଲେଜ ଛାତ୍ରୀ ଏବଂ କର୍ମଜୀବୀ ମହିଳାମାନେ ବ୍ୟାଗ୍‌କୁ ସୁନ୍ଦର କରିବା ପାଇଁ ଏହା ବ୍ୟବହାର କରିଥାନ୍ତି ।**

**ବ୍ୟାଗ୍ ଚାର୍ମସ କ'ଣ ?**

- ଏହା ଛୋଟ ଡେକୋରେଟିଭ୍ ଆସେସରିଜ୍ ଭାବେ ପରିଚିତ । ଏହାକୁ ବ୍ୟାଗ୍ ଚେନ୍‌ରେ ଚାବି ରିଙ୍ଗ୍ ଭଳି ଝୁଲାଯାଏ । ଏହା ଲେଦର, ମେଟାଲ୍, ମୋତି, ରିବନ୍ ଫ୍ୟାବ୍ରିକ୍‌ରେ ଉପଲବ୍ଧ । କିଛି ମହିଳା ବ୍ୟାଗ ଚାର୍ମ ଭାବେ ସେମାନଙ୍କ ନାମର ପ୍ରଥମ ଅକ୍ଷର, ପ୍ରିୟ ଚରିତ୍ର ମଧ୍ୟ ବ୍ୟବହାର କରନ୍ତି ।
- ଏହା ବିଭିନ୍ନ ପ୍ରକାର ବ୍ୟାଗ୍‌ରେ ଲଗାଇପାରିବେ । ସିନେ ତାରକା ଏବଂ ଇନ୍‌ଫ୍ଲୁଏନ୍ସର୍‌ମାନେ ବ୍ୟାଗ୍‌ରେ ଭଳିକି ଭଳି ଚାର୍ମ ଲଗାଇ ତାକୁ ଏକ ପର୍ସନାଲ ଟଚ୍ ଦେଇଥାନ୍ତି । ଅବଶ୍ୟ ଏବେ ସାଧାରଣ ଲୋକେ ମଧ୍ୟ ଏହି ଟ୍ରେଣ୍ଡକୁ ଅନୁକରଣ କରୁଛନ୍ତି ।
- ଏହା ସବୁ ପ୍ରକାର ବ୍ୟାଗ୍‌ରେ ଲଗାଇପାରିବେ । ଟୋଟ୍, ସୋଲଡର୍, କ୍ରସ୍‌ବଡୀ, ମିନିବ୍ୟାଗ୍ ଏବଂ ବ୍ୟାଗ୍‌ପ୍ୟାଗ୍‌ରେ ଲଗାଇପାରିବେ ।
- ସାଧା ବ୍ୟାଗ୍‌କୁ ଏହି ଚାର୍ମ ଅଧିକ ଆକର୍ଷଣୀୟ କରିଥାଏ ।



# କେଶ ମଝିରେ ଫାଙ୍କା ଥିଲେ...

**ଅନେକ ମହିଳାଙ୍କ ମଥା ସମ୍ମୁଖରେ କେଶ ପତଳା ବା ଖାଲି ସ୍ଥାନ ଦେଖିବାକୁ ମିଳିଥାଏ । ଏହା ଅନେକଙ୍କ ପାଇଁ ସମସ୍ୟାଜନକ ହୋଇଥାଏ । ଏଥିପାଇଁ ହେୟାର୍ ଟ୍ରାନ୍ସପ୍ଲାଣ୍ଟ ଭଳି ଦାମୀ ଟ୍ରିଟ୍‌ମେଣ୍ଟ ରହିଛି । ହେଲେ ଏହା ସଭିଙ୍କ ପକ୍ଷେ ସମ୍ଭବ ନୁହେଁ । ଏପରି ସ୍ଥଳେ ହେୟାରଲାଇନ୍ ମେକ୍‌ଅପ୍ କରି ଘନ କେଶ ପାଇପାରିବେ । ଏହା ସ୍ଥାୟୀ ନହେଲେ ବି ପାର୍ଟି ଫଙ୍କ୍‌ସନ୍ ପାଇଁ ଭଲ ହୋଇଥାଏ ।**

- ଏହି ପ୍ରକ୍ରିୟାରେ ହେୟାର୍ ପାଉଡର୍, ମ୍ୟାଟ୍ ଆଇସ୍ୟାଡୋ ଏବଂ ହେୟାର୍‌ଲାଇନ୍ ଷ୍ଟିକ୍ ସାହାଯ୍ୟରେ କେଶ ମଝିରେ ଥିବା ଖାଲି ସ୍ଥାନକୁ ପୂରଣ କରାଯାଏ । ଏହା କେଶକୁ ଘନ ଏବଂ କଳା କରିଥାଏ ।
- ପ୍ରଥମେ କେଶକୁ କୁଣ୍ଡାଇ ଭାଗ କରନ୍ତୁ । ଏହାପରେ କେଶ ସହ ମେଳ ଖାଉଥିବା ସ୍ୟାଡୋ ନେଇ ବ୍ରଶ୍ କିମ୍ବା ସ୍ପଞ୍ଜ ସାହାଯ୍ୟରେ ଖାଲି ସ୍ଥାନରେ ଲଗାନ୍ତୁ ।
- ଗାଢ଼ ରଙ୍ଗରୁ ଦୂରେଇ ରୁହନ୍ତୁ । ଏହାକୁ ନ ରଗଡ଼ି ହାଲୁକା ହାତରେ ଲଗାନ୍ତୁ ।
- ଦୀର୍ଘ ସମୟ ଧରି ବାହାରେ ରହୁଥିଲେ, ଝାଳରୋଧୀ ବା ଜଳରୋଧୀ ପ୍ରସାଧନ ଲଗାଇପାରିବେ । ରାତିରେ ଶୋଇବା ପୂର୍ବରୁ ଏହି ମେକ୍‌ଅପ୍‌କୁ ଛଡ଼ାଇ ଦିଅନ୍ତୁ ।



# ତାମିଲନାଡୁର କ୍ରୀଡ଼ା ବଜେଟ୍ ୧୦୫୧ କୋଟି

ଚେନ୍ନଇ, ୫।୮ (ଏଜେନ୍ସି): ତାମିଲନାଡୁରେ ବୁଧବାର ଉପସ୍ଥାପନ କରାଯାଇଥିବା ବଜେଟରେ ଯୁବ କଲ୍ୟାଣ ଓ କ୍ରୀଡ଼ା ଉନ୍ନୟନ ଲାଗି ୧,୦୫୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଯୋଶେଫ ବିଜୟ ମୁଖ୍ୟମନ୍ତ୍ରୀ ହେବା ପରେ ନୂଆ ସରକାରଙ୍କର ଏହା ପ୍ରଥମ ବଜେଟ। ଯୁବ କଲ୍ୟାଣ ଓ କ୍ରୀଡ଼ା ଉନ୍ନୟନ ଲାଗି ପୂର୍ବବର୍ଷ ତୁଳନାରେ ଏଥର ୪୭୯ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏଥିରେ ସ୍କୁଲସ୍ତରରେ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ବ୍ୟତୀତ ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ଓ ପ୍ରସ୍ତୁତି ଲାଗି ଏହି ବଜେଟରେ ଅଧିକ ଅର୍ଥ ବରାଦ କରାଯାଇଛି। ରାଜ୍ୟରେ ୧୦ଟି ଅଲିମ୍ପିକ୍ ସେଣ୍ଟର ପ୍ରତିଷ୍ଠା କରାଯିବ। ଏହି କେନ୍ଦ୍ରଗୁଡ଼ିକ ଲାଗି ୫୦ କୋଟି ଲେଖାଏଁ ଟଙ୍କା ବ୍ୟୟବରାଦ ହେବ ବୋଲି ବଜେଟରେ ବ୍ୟବସ୍ଥା ରହିଛି।

### କୋରିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ଦ୍ୱିତୀୟ ରାଉଣ୍ଡରେ ତନ୍ୱୀ ଶର୍ମା



ଚେନ୍ନଇ, ୫।୮ (ଏଜେନ୍ସି): ନିକଟରେ ତାଇପେଇ ଓପନ ଟାଇଟଲ ଜିତିଥିବା ଭାରତର ତନ୍ୱୀ ଶର୍ମା ଦକ୍ଷିଣ କୋରିଆ ଓପନ ବ୍ୟାଡମିଣ୍ଟନରେ ମହିଳା ଏକକରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଖେଳରେ ସେ ଚୀନ୍‌ର ୟୁଆନ ଆନ କ୍ୱି'ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ତାଙ୍କର ମୁକାବିଲା ଆଉ ଜଣେ ଭାରତୀୟ ଖେଳାଳି ବା ଶ୍ରୀୟାଂଶୀ ଭାଲିସେଟ୍ଟୀଙ୍କ ସହ ହେବ। ଶ୍ରୀୟାଂଶି ପ୍ରଥମ ରାଉଣ୍ଡରେ ଚାଇନିଜ୍ ତାଇପେର ପାଇ ୟୁ'ଙ୍କୁ ୨-୦ରେ ହରାଇଥିଲେ। ଏହି ପ୍ରତିଯୋଗିତାର ଆଉ ଏକ ପ୍ରଥମ ରାଉଣ୍ଡ ଖେଳରେ ମାନସୀ ସିଂ ବିଜୟୀ ହୋଇଛନ୍ତି। ପୁରୁଷ ଯୁଗଳରେ ଚତୁର୍ଥ ସିଡ୍ ଥାଇଲାଣ୍ଡର ୱରାପି ଥୋଙ୍ଗସାଙ୍ଗା ଓ ଚାଲୋମ୍ପିଆନ ସି.ଙ୍କୁ ହରାଇ ଭାରତର ପୃଥ୍ୱୀ କ୍ରିଷ୍ଣମୂର୍ତ୍ତି ରୟ ଓ କ୍ରିଷ୍ଣା ପ୍ରସାଦ ଗାରଗା ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

# ଅଭିଜିତ୍‌ଙ୍କ ଅଭିଯୋଗ ପରେ ଜାତୀୟ ଚେସ୍ ଚାମ୍ପିଅନସିପ୍ ତାରିଖ ବଦଳିଲା

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଅର୍ଜୁନ ପୁରସ୍କାରପ୍ରାପ୍ତ ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତାଙ୍କ ଅଭିଯୋଗ ପରେ ସର୍ବଭାରତୀୟ ଚେସ୍ ମହାସଂଘ



ବା ଏଆଇସିଏଫ୍ ଜାତୀୟ ବରିଷ୍ଠ ଚେସ୍ ଚାମ୍ପିଅନସିପ୍‌ର ତାରିଖରେ ପରିବର୍ତ୍ତନ କରିଛି। ୨୦୨୬ ବର୍ଷ ଲାଗି ହେବାକୁ ଥିବା ଏହି ପ୍ରତିଯୋଗିତା ୨୦୨୭ ମାର୍ଚ୍ଚରେ ଆୟୋଜନ କରିବା ଲାଗି ଏଆଇସିଏଫ୍ କାର୍ଯ୍ୟକ୍ରମ ସ୍ଥିର କରିଥିଲା। ଏହାକୁ ବିରୋଧ କରିଥିଲେ ଅଭିଜିତ୍। ତାଙ୍କ ମତରେ ୨୦୨୬ରୁ ଟୁର୍ଣ୍ଣାମେଣ୍ଟ କାହିଁକି ୨୦୨୭ରେ ଖେଳାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ସେ ତାଙ୍କ ଅସନ୍ତୋଷ ସୋସିଆଲ ମିଡିଆରେ ପ୍ରକାଶ କରିବା ପରେ ହଜାର ହଜାର ସମର୍ଥନ ପାଇଥିଲେ। ଏହା ଜାଣିବା ପରେ ଏଆଇସିଏଫ୍ ଏହି ପ୍ରତିଯୋଗିତାକୁ ଚଳିତବର୍ଷ ନଭେମ୍ବର ୨୯ରୁ ଡିସେମ୍ବର ୯ ମଧ୍ୟରେ ଖେଳାଯିବାକୁ ସ୍ଥିର କରିଛି। ଉତ୍ତରପ୍ରଦେଶର ବାରାଣସୀରେ ଏହା ଆୟୋଜିତ ହେବ ବୋଲି କ୍ୟାଲେଣ୍ଡରରେ ସଂଶୋଧିତ କାର୍ଯ୍ୟସୂଚୀରେ ପ୍ରକାଶ ପାଇଛି।

# ବାସନ୍ଦ ହୋଇପାରନ୍ତି ୮ ପୂର୍ବତନ ପାକ୍ କ୍ରିକେଟର

କରାଚି, ୫।୮ (ଏଜେନ୍ସି): ଜାମ୍ବିଆର ଲୁସାକାରେ ଅନୁଷ୍ଠିତ ଏସିଆନ୍ ଲିଜେଣ୍ଡସ୍ କପ୍ ନାମକ ଏକ ଅନଧିକୃତ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା କିଛି ପୂର୍ବତନ ପାକିସ୍ତାନୀ ଖେଳାଳିଙ୍କ ପ୍ରତି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) କଠୋର ହୋଇଛି। ଏହି ଖେଳାଳିମାନଙ୍କୁ ପିସିବି ଦୁଇ ବର୍ଷ ପାଇଁ ବାସନ୍ଦ କରାଯିବାର ସମ୍ଭାବନା ରହିଛି। ଏହି ଖେଳାଳିମାନେ ହେଲେ ପୂର୍ବତନ ଦ୍ରୁତ ବୋଲର ମହମ୍ମଦ ଇରଫାନଙ୍କ ସମେତ ଇମ୍ରାନ୍ ନାଜିର, ତୌଫିକ୍ ଉମର, ରାହତ ଅଲି, ୟାସିର୍ ଶାହ, ଜାହିଦ୍ ମହମୁଦ୍, ହାସନ୍ ରାଜା ଏବଂ ଇବ୍ରାର ହୁସେନ। ପିସିବି ଏକ ବିବୃତ୍ତି ଜାରି କରି ସ୍ପଷ୍ଟ କରିଛି ଯେ ପିସିବିର ବିନା ଅନୁମୋଦନରେ ଏହି ଲିଗରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ଆଗାମୀ ଦିନରେ ଦେଶ କିମ୍ବା ବିଦେଶୀର କୌଣସି ପ୍ରତିଯୋଗିତାରୁ ଦୁଇ ବର୍ଷ ପାଇଁ ବାସନ୍ଦ ହୋଇପାରନ୍ତି। ଅପରପକ୍ଷରେ ଏହି ଲିଗକୁ ଅନୁମୋଦନ ମିଳି ନ ଥିବା ଜାଣିବା ପରେ କିଛି ଖେଳାଳି ଓହରି ଯାଇଥିଲେ। ଓହରି ଯାଇଥିବା ଖେଳାଳିଙ୍କ ମଧ୍ୟରେ ମହମ୍ମଦ ହାଫିଜ୍, ସୋଏବ୍ ମାଲିକ, ୱାହାବ୍ ରିଆଜ୍, ସୋହେଲ୍ ତନଭିର୍ ଏବଂ ଉମର ଆକମଲ୍ ରହିଛନ୍ତି।

### ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ପାକିସ୍ତାନୀ ଓ ଉଗାଣ୍ଡା ଆଥ୍‌ଲେଟ୍‌ଙ୍କ ପତ୍ତା ମିଳୁନି

ଗ୍ଲାସ୍‌ଗୋ, ୫।୮ (ଏଜେନ୍ସି):



ଗ୍ଲାସ୍‌ଗୋରେ ଗତ ରବିବାର ସଫଳତାର ସହ ଶେଷ ହୋଇଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା। ଏହି କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ପାକିସ୍ତାନ ଓ ଉଗାଣ୍ଡାର ଏକାଧିକ ପ୍ରତିଯୋଗୀଙ୍କ ପତ୍ତା ଏଯାଏ ମିଳୁନାହିଁ। ସେମାନେ କେଉଁଠି ଅଛନ୍ତି ସେ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି ପୁଲିସ୍ ସ୍କଟଲାଣ୍ଡ। ଅସମର୍ଥିତ ସୂତ୍ରରୁ ଜଣାଯାଇଛି, ଆହୁରି ଅନେକ ପ୍ରତିଯୋଗୀ ମଧ୍ୟ ଏହି ପ୍ରତିଯୋଗିତାରୁ କୁଆଡ଼େ ଚାଲିଯାଇଛନ୍ତି ତାହା ଜଣାପଡୁନାହିଁ। କେବଳ ପାକିସ୍ତାନ ଓ ଉଗାଣ୍ଡା କର୍ତ୍ତୃପକ୍ଷ ପୁଲିସ୍‌ରେ ଅଭିଯୋଗ କରିବା ପରେ ଏହି ଘଟଣା ପଦାକୁ ଆସିଛି। ଅଭିଯୋଗ କରି ନ ଥିବା ଦେଶ ଗୁଡିକ ମଧ୍ୟରେ ସର୍ବାଧିକ ଆଫ୍ରିକୀୟ ରାଷ୍ଟ୍ର ବୋଲି ସୂଚନା ମିଳିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ପ୍ରତିଯୋଗୀମାନଙ୍କ ଠିକଣା ନ ମିଳିବା ପରେ ସମ୍ପୃକ୍ତ ଦେଶର କ୍ରୀଡ଼ା ସଂଗଠନ ଗୁଡିକ ପୁଲିସ୍‌ରେ ଅଭିଯୋଗ କରିଥିବା କଥା ପୁଲିସ୍ ସ୍କଟଲାଣ୍ଡର ଜଣେ ମୁଖପାତ୍ର ସ୍ୱୀକାର କରିଛନ୍ତି। ଏହି ପ୍ରତିଯୋଗୀଙ୍କ ସମ୍ପର୍କରେ ଏବେ ତଦନ୍ତ ଆରମ୍ଭ ହୋଇଛି ଓ ଅଭିଯୋଗକାରୀଙ୍କୁ ରିପୋର୍ଟ ଖୁବ୍‌ଶୀଘ୍ର ଜଣାଇଦିଆଯିବ ବୋଲି ଏହି ମୁଖପାତ୍ର ଜଣଙ୍କ କହିଛନ୍ତି।

ଉଗାଣ୍ଡାର ଏନ୍‌ବିଏସ୍ ସ୍ପୋର୍ଟ୍ସ କରିଥିବା ରିପୋର୍ଟରୁ ଜଣାଯାଇଛି ଯେ, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହି ଦେଶରୁ ଅଂଶଗ୍ରହଣ କରିଥିବା ୬ ଜଣ ବକ୍ସରଙ୍କ ମଧ୍ୟରୁ ୪ଜଣଙ୍କ ପତ୍ତା ମିଳୁନାହିଁ। ଉଗାଣ୍ଡା ବକ୍ସରମାନେ ସ୍ୱଦେଶ ଫେରିବା ଲାଗି ହୋଟେଲ ଛାଡିଲା ବେଳକୁ ଏହି ୪ଜଣ ବକ୍ସର ହୋଟେଲରେ ନ ଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ପଚାରା ଉଚାରା କରିବା ପରେ ସେମାନେ ସ୍କଟଲାଣ୍ଡରେ ରାଜନୈତିକ ଆଶ୍ରୟ ନେବେ ବୋଲି ଯୋଜନା କରିଥିଲେ। ୪ଜଣ ସଫଳ ହୋଇଥିଲାବେଳେ ଅନ୍ୟ ୨ଜଣ ସ୍ୱଦେଶ ଫେରିଯାଇଛନ୍ତି। ଏହା ପରେ ଉଗାଣ୍ଡା ବକ୍ସିଂ ଫେଡେରେସନ ପୁଲିସ୍ ସ୍କଟଲାଣ୍ଡ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି।

ଉଗାଣ୍ଡାର ଅଭିଯୋଗର କିଛି ସମୟ ପରେ ପାକିସ୍ତାନ କର୍ତ୍ତୃପକ୍ଷ ସମାନ ଅଭିଯୋଗ ଆଣିଥିଲେ। ପାକିସ୍ତାନ ବକ୍ସିଂ ଫେଡେରେସନର ଅଭିଯୋଗ ଅନୁଯାୟୀ ଏହି ଦେଶର ଜଣେ ବକ୍ସର କ୍ୱାଦ୍ରାତୁଲ୍ଲା ହୋଟେଲରୁ କେଉଁଆଡେ ଚାଲିଯାଇଛନ୍ତି। ଜିଓ ନ୍ୟୁଜ୍ ଅନୁଯାୟୀ ପାକିସ୍ତାନୀ ଟିମ୍ ସଦସ୍ୟମାନେ ସ୍ୱଦେଶ ଫେରିବା ଲାଗି ବିମାନମନ୍ଦରକୁ ଯିବା ଲାଗି ହୋଟେଲ ଲବିରେ ଏକତ୍ର ହେଲା ବେଳକୁ କ୍ୱାଦ୍ରାତୁଲ୍ଲା ଆସି ନ ଥିଲେ। କର୍ମକର୍ତ୍ତାମାନେ ତାଙ୍କ ହୋଟେଲ ରୁମ୍ ଚେକ୍ କଲାବେଳକୁ ସେଠାରେ ସେ ନ ଥିଲେ। ସକାଳ ୯ଟାରେ ହୋଟେଲ ଲବିରେ ଏକତ୍ର ହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହା ପୂର୍ବରୁ ରାତି ୨ଟାରେ ସେ ହୋଟେଲରେ ଥିବାର ସୂଚନା ମିଳିଛି। ଏହା ପରେ ତାଙ୍କ ସମ୍ପର୍କରେ ଆଉ କିଛି ସୂଚନା ମିଳି ନ ଥିଲା। କ୍ୱାଦ୍ରାତୁଲ୍ଲାଙ୍କ ରିଟର୍ଣ୍ଣ ଟିକଟ ଓ ପାସ୍‌ପୋର୍ଟ ଟିମ୍ ମ୍ୟାନେଜରଙ୍କ ନିକଟରେ ରହିଛି।

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେବା ପରେ ଖେଳାଳି ନିଖୋଜ ହେବା କିଛି ନୂଆ କଥା ନୁହେଁ। ନିଜ ଦେଶରେ ସୁବିଧା ସୁଯୋଗ ନ ଥିଲାବେଳେ ଭଲ ଦେଶରେ ରହିବାକୁ ଏମାନେ ପସନ୍ଦ କରିଥାନ୍ତି। ୨୦୧୮ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୫୦ଜଣ ଆଥଲେଟ ଓ କର୍ମକର୍ତ୍ତା ନିଖୋଜ ହୋଇଯାଇଥିଲେ। ଏହା ଛଡ଼ା ୧୯୦ଜଣ ଅଷ୍ଟ୍ରେଲିଆରେ ଶରଣାର୍ଥୀ ରହିବା ଲାଗି ମଧ୍ୟ ଆବେଦନ କରିଥିଲେ। ଅଷ୍ଟ୍ରେଲିଆ ସରକାର କେତେଜଣଙ୍କୁ ଶରଣ ଦେଲେ ତାହା ଜଣା ପଡ଼ି ନ ଥିଲା। ଅଲିମ୍ପିକ୍ସଶେଷ ହେବା ପରେ ଏଭଳି ଘଟଣା ପ୍ରାୟତଃ ଦେଖିବାକୁ ମିଳିଥାଏ।

# ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ବିଜୟୀ



ପୋର୍ଟ ଅଫ୍ ସ୍ପେନ, ୫।୮ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ୮ ୱିକେଟରେ ବିଜୟୀ ହୋଇଛି। ଏହି ମ୍ୟାଚର ଚତୁର୍ଥ ଦିବସରେ ବୁଧବାର ୱେଷ୍ଟଇଣ୍ଡିଜ ପକ୍ଷରୁ ୭୫ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଯାହାକୁ ପିଛା କରିଥିବା ଭ୍ରମଣକାରୀ ପାକିସ୍ତାନ ଦଳ ଲଞ୍ଚ ପରେ ୨ ୱିକେଟ ହରାଇ ସହଜରେ ବିଜୟୀ ହୋଇଥିଲା। ପୂର୍ବରୁ ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜର ପ୍ରଥମ ପାଳି ସ୍କୋର ୩୪୪ ରନ ଜବାବରେ ୱେଷ୍ଟଇଣ୍ଡିଜ ୩୮୭ ରନ କରିଥିଲା। ଫଳରେ ୪୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୧୭ ରନରେ ସୀମିତ ରହିଥିଲା। ଦୁଇ ସ୍ପିନର ଅଲି ଉସମାନ ଓ ସାଜିଦ ଖାନ ୪ଟି ଲେଖାଏ ୱିକେଟ ନେଇ ୱେଷ୍ଟଇଣ୍ଡିଜର ବିପର୍ଯ୍ୟୟ ଘଟାଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ୱେଷ୍ଟଇଣ୍ଡିଜ ୯୦ ରନରେ ଜିତିଥିଲା। ଏବେ ପାକିସ୍ତାନ ଅନ୍ତିମ ଟେଷ୍ଟରେ ବିଜୟୀ ହେବାପରେ ସିରିଜ ୧-୧ରେ ଡ୍ର'ରେ ସମାପ୍ତ ହୋଇଛି।

### ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍

# ଭାରତରେ ଅଭ୍ୟାସ ମ୍ୟାଚ୍ ଖେଳିବନି ଅଷ୍ଟ୍ରେଲିଆ

ସିଡ୍‌ନୀ, ୫।୮ (ଏଜେନ୍ସି): ଆସନ୍ତାବର୍ଷ ବର୍ଡର-ଗାଭାସ୍କର ଟ୍ରଫି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଭାରତ ଆସିବ। ସିରିଜ୍ ଆରମ୍ଭ ପୂର୍ବରୁ ଅଷ୍ଟ୍ରେଲିଆ ଭାରତରେ କୌଣସି ଅଭ୍ୟାସ୍ ମ୍ୟାଚ୍ ଖେଳିବ ନାହିଁ ବୋଲି ହେଡ୍ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ କହିଛନ୍ତି। ଅଭ୍ୟାସ ମ୍ୟାଚ୍ ଅପେକ୍ଷା ଭାରତ କିମ୍ବା ୟୁଏଇରେ କିଛିଦିନ କ୍ୟାମ୍ପ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ଭାରତରେ ଟେଷ୍ଟ ସିରିଜ୍ ଖେଳିବା ପୂର୍ବରୁ ଅଷ୍ଟ୍ରେଲିଆ ଦଳ ମଧ୍ୟ ଏଭଳି ଶିବିରରେ ନିଜକୁ ପ୍ରସ୍ତୁତ କରିଥିଲାବୋଲି ସେ କହିଥିଲେ। ଭାରତରେ ଟେଷ୍ଟ ସିରିଜ୍ ୨୦୨୭ ଜାନୁଆରୀ ୨୧ରୁ ନାଗପୁରରେ ଆରମ୍ଭ ହେବ। ଏହା ପରେ ଚେନ୍ନଇ, ଗୌହାଟୀ, ରାଞ୍ଚି ଓ ଅହମ୍ମଦାବାଦ୍‌ରେ ପରବର୍ତ୍ତୀ ଟେଷ୍ଟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

# ଫାଓ ଲିଗ୍: ଟାଉନ କ୍ଲବକୁ ହରାଇଲା ଇଲେଭେନ ଗନ୍

ଭୁବନେଶ୍ୱର, ୫।୮ (ସମିସ): କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ର ୩୩ତମ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଲେଭେନ ଗନ୍ କ୍ଲବ ୩-୨ ଗୋଲ୍‌ରେ ଟାଉନ କ୍ଲବକୁ ହରାଇ ଦେଇଛି।



ବିଜୟୀ ଦଳ ପକ୍ଷରୁ ଅଧିନାୟକ ମନୋଜ କୁମାର ମାଝୀ ଦୁଇଟି ଓ ଅଭୟ ମୁର୍ମୁ ଗୋଟିଏ ଗୋଲ୍ ଦେଇଥିଲେ। ସେହିଭଳି ଅନିଲ ସ୍ୱାଇଁ ଓ ଅନୁଭବ ବସ୍ତି ଗୋଟିଏ ଲେଖାଏ ସ୍କୋର କରିଥିଲେ। ତେବେ ଏକଦା ମ୍ୟାଚ୍ ୨-୨ ଗୋଲରେ ବରାବର୍ ରହିଥିବାବେଳେ ୭୨ତମ ମିନିଟରେ ମନୋଜ ନିର୍ଣ୍ଣାୟକ ତୃତୀୟ ଗୋଲଟି ଦେଇ ଇଲେଭେନ ଗନ୍ କ୍ଲବକୁ ବିଜୟୀ କରାଇଥିଲେ।

# ଲକ୍ଷ୍ମଣ ହୋଇପାରନ୍ତି ମୁଖ୍ୟ ଚୟନକର୍ତ୍ତା



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଭାରତୀୟ ସିନିଅର କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ପଦରୁ ଅଜିତ ଅଗରକରଙ୍କୁ ହଟାଯାଇପାରେ। ବିସିସିଆଇ ତାଙ୍କ ସ୍ଥାନରେ ଭିଭିଏସ ଲକ୍ଷ୍ମଣଙ୍କୁ ପରବର୍ତ୍ତୀ ଚୟନ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିପାରେ। ୫୧ ବର୍ଷୀୟ ଲକ୍ଷ୍ମଣ ବର୍ତ୍ତମାନ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନୂତନ ମୁଖ୍ୟ ଚୟନକର୍ତ୍ତା ଦୌଡ଼ରେ ଲକ୍ଷ୍ମଣ ସର୍ବାଗ୍ରେ ରହିଛନ୍ତି।

ଏହି ସମ୍ପୂର୍ଣ୍ଣ ମାମଲା ରୋହିତ ଶର୍ମାଙ୍କୁ ଦଳରୁ ବାଦ ଦିଆଯିବା ଯୋଜନା ସହିତ ଜଡ଼ିତ। ଘଟଣାରୁ ଜଣାପଡ଼ିଛି ଯେ ଇଂଲଣ୍ଡ ବିପକ୍ଷ ଗତ ଦିନିକିଆ ସିରିଜ୍ ସମୟରେ, ରୋହିତଙ୍କ ଅବସର ନେଇ କଳ୍ପନାଜଳ୍ପନା ଜୋର ଧରିଥିଲା। କୁହାଯାଉଥିଲା ଯେ ରୋହିତ ଲର୍ଡସରେ ତାଙ୍କ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିବେ। ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ମଧ୍ୟ ଗୌତମ ଗମ୍ଭୀରଙ୍କ ନେତୃତ୍ୱାଧୀନ ଟିମ୍ ମ୍ୟାନେଜମେଣ୍ଟକୁ ଭବିଷ୍ୟତ ଯୋଜନାରୁ ରୋହିତଙ୍କୁ ବାଦ ଦେବା ପାଇଁ ପ୍ରସ୍ତାବ ଦେଇଥିଲା। ଏହି ସମୟରେ, ଲର୍ଡସ ଦିନିକିଆରେ ରୋହିତ ୧୩୮ ରନ୍‌ର ଦମଦାର ଶତକୀୟ ପାଳି ଖେଳିଥିଲେ। ଯାହାକି ଅଗରକରଙ୍କ ଯୋଜନାରେ ପୂର୍ଣ୍ଣଚ୍ଛେଦ ଟାଣିଥିଲା। ଫଳରେ ଟିମ୍ ମ୍ୟାନେଜମେଣ୍ଟ ସହିତ ରୋହିତଙ୍କ ସମ୍ପର୍କ ଠିକ୍‌ଠାକ ନ ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଶେଷରେ ବାଧହୋଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କୁ ଆଗକୁ ଆସିବାକୁ ପଡ଼ିଥିଲା। ସାଇକିଆ କହିଥିଲେ ଯେ ରୋହିତ ଯେପର୍ଯ୍ୟନ୍ତ ଦଳର ଅଂଶ ରହିଛନ୍ତି ସେପର୍ଯ୍ୟନ୍ତ ଖେଳ ଜାରି ରଖିବେ।

ଏହା ଉଲ୍ଲେଖନୀୟ ଯେ ବିସିସିଆଇ ଖୁବ୍ ଶୀଘ୍ର ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତର ନୈରାଶ୍ୟଜନକ ପ୍ରଦର୍ଶନ ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିବାକୁ ଯାଉଛି। ଏହି ବୈଠକରେ ଅଗରକରଙ୍କ ଭବିଷ୍ୟତ ବିଷୟରେ ମଧ୍ୟ ନିଷ୍ପତ୍ତି ନିଆଯାଇପାରେ। ଅଗରକରଙ୍କ କାର୍ଯ୍ୟକାଳ ଜୁନ୍ ୨୦୨୬ରେ ଶେଷ ହୋଇଥିଲା। କିନ୍ତୁ ତାଙ୍କ କାର୍ଯ୍ୟକାଳ ତିନି ମାସ ପାଇଁ ବୃଦ୍ଧି କରାଯାଇଥିଲା। ଆଶା କରାଯାଉଥିଲା ଯେ ସେ ୨୦୨୭ ବିଶ୍ୱକପ୍ ଶେଷ ପର୍ଯ୍ୟନ୍ତ ମୁଖ୍ୟ ଚୟନକର୍ତ୍ତା ରହିବେ। ତେବେ ବର୍ତ୍ତମାନ ପରିସ୍ଥିତି ବଦଳିଥିବା ପରି ମନେ ହେଉଛି।

# ଜାତୀୟ ଜୁନିଅର ହକି: ସେମିରେ ଓଡ଼ିଶା



ଭୁବନେଶ୍ୱର, ୫।୮ (ସମିସ):

ତାମିଲନାଡୁର କୋଏମ୍ବାଟୁରରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ର ୧୬ତମ ସଂସ୍କରଣର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ଓଡ଼ିଶା ସହ ପଞ୍ଜାବ ଏବଂ ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଶା ଦଳ ୫-୧ ଗୋଲରେ ଅନ୍ୟତମ ଟାଇଟଲ୍ ଦାବିଦାର ହରିୟାଣାକୁ ହରାଇଥିଲା। ଓଡ଼ିଶା ପକ୍ଷରୁ ଲେଲସାନ ମିଞ୍ଜ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ସେହିଭଳି ଅଧିନାୟକ ଦୀପକ ପ୍ରଧାନ ଓ ମନଦୀପ୍ କେରକେଟା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲଗୁଡ଼ିକରେ ପଞ୍ଜାବ ୫-୨ ଗୋଲ୍‌ରେ କର୍ଣ୍ଣାଟକକୁ, ଝାଡ଼ଖଣ୍ଡ ସୁଟଆଉଟରେ ୪-୩ ଗୋଲରେ ଉତ୍ତର ପ୍ରଦେଶକୁ ଏବଂ ମଧ୍ୟପ୍ରଦେଶ ୭-୩ ଗୋଲ୍‌ରେ ଦାଦ୍ରା ଆଣ୍ଡ ନଗର ହାବେଳୀ ଓ ଡାମନ ଆଣ୍ଡ ଡିଉ ଦଳକୁ ହରାଇଥିଲା।

# ପଦକ ବିଜେତାଙ୍କୁ ୧୩.୪୭ କୋଟି ଟଙ୍କା ପୁରସ୍କାର ଦେବ ହରିୟାଣା

ପଞ୍ଚକୁଲା, ୫।୮ (ଏଜେନ୍ସି): ନିକଟରେ ଶେଷ ହୋଇଥିବା ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରାଜ୍ୟର ପଦକ ବିଜେତା ଏବଂ ଅଂଶଗ୍ରହଣକାରୀ କ୍ରୀଡାବିତଙ୍କୁ ହରିୟାଣା ସରକାର ସମ୍ମାନିତ କରିବେ। ପଞ୍ଚକୁଲାର ସେକ୍ଟର-୩ସ୍ଥିତ ତାଉ ଦେବୀଲାଲ ଷ୍ଟାଡିୟମରେ ଅଗଷ୍ଟ ୭ରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଯେଉଁଥିରେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସଇନି ମୁଖ୍ୟଅତିଥି ଭାବରେ ଯୋଗଦେଇ କ୍ରୀଡାବିତଙ୍କୁ ନଗଦ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିବେ। ହରିୟାଣା କ୍ରୀଡ଼ାମନ୍ତ୍ରୀ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬**

ଗୌରବ ଗୌତମ ବୁଧବାର ଏହି ସୂଚନା ଦେଇଛନ୍ତି। ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ହରିୟାଣା କ୍ରୀଡ଼ାବିତ୍‌ମାନେ ମୋଟ୍ ୧୦ଟି ପଦକ ବିଜୟୀ ହୋଇଥିଲେ। ଯେଉଁଥିରେ ୭ଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ସାମିଲ। ହରିୟାଣା ସରକାରଙ୍କ କ୍ରୀଡା ନୀତି ଅନୁଯାୟୀ, ପଦକ ବିଜେତା ଏବଂ ଅଂଶଗ୍ରହଣକାରୀ କ୍ରୀଡାବିତଙ୍କୁ ମୋଟ୍ ୧୩.୪୭ କୋଟି ଟଙ୍କାର ନଗଦ ପୁରସ୍କାର ବଣ୍ଟନ କରାଯିବ। ସାତ ଜଣ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧.୫୦ କୋଟି ଟଙ୍କା ଲେଖାଏଁ ମିଳିବ। ସେହିଭଳି ରୌପ୍ୟ ବିଜେତାଙ୍କୁ ୭୫ ଲକ୍ଷ ଲେଖାଏଁ ଏବଂ କାଂସ୍ୟ ବିଜେତାଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଜଣାପଡ଼ିଛି। ଏହାବାଦ୍ ୧୩ ଜଣ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ପ୍ରୋତ୍ସାହନ ସ୍ୱରୂପ ପ୍ରତ୍ୟେକଙ୍କୁ ୭.୫୦ ଲକ୍ଷ ଟଙ୍କା ସହିତ ସମ୍ମାନିତ କରାଯିବ।

# ଲଙ୍କା ପ୍ରିମିଅର ଲିଗ୍‌ରେ ଦଳ କିଣିଲେ ଜାହିର

ମୁମ୍ବଇ, ୫।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ଜାହିର ଖାନ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ କରିଛନ୍ତି। ୪୭ ବର୍ଷୀୟ ଜାହିର ଲଙ୍କା ପ୍ରିମିୟର ଲିଗ (ଏଲ୍‌ପିଏଲ)ରେ 'ଆଙ୍କର୍ ଜାଫନା କିଙ୍ଗସ୍' ଫ୍ରାଞ୍ଚାଇଜର ସହ-ମାଲିକ ହୋଇଛନ୍ତି। ଏହି ଦଳଟି ପୂର୍ବରୁ ଜାଫନା କିଙ୍ଗସ୍' ଭାବରେ ଜଣାଶୁଣା ଥିଲା। କିନ୍ତୁ ବର୍ତ୍ତମାନ ଷ୍ଟକହୋମ-ଭିତ୍ତିକ 'ଆଙ୍କର୍ ସ୍ପୋର୍ଟ୍ସ ଏବି' ଗୋଷ୍ଠୀ ଦ୍ୱାରା ଜାଫନା କିଙ୍ଗ୍‌ସକୁ ଅଧିଗ୍ରହଣ କରାଯାଇଛି। ଅଗଷ୍ଟ ୪ରେ ଚୁକ୍ତିଟି ଆନୁଷ୍ଠାନିକ ହେବାପରେ, ଦଳର ନାମ ପରିବର୍ତ୍ତନ ହୋଇଯାଇଛି। ଏହି ଦଳର ନାମ ଏବେ 'ଆଙ୍କର୍ ଜାଫନା କିଙ୍ଗସ୍' ରଖାଯାଇଛି। ଆଙ୍କର୍ ସ୍ପୋର୍ଟ୍ସ ମାଲିକ ନଗେନ୍ଦ୍ର ସିଦ୍ଧୋତ୍ତମଙ୍କ ସହିତ ଜାହିର ଖାନ ଏହି ଫ୍ରାଞ୍ଚାଇଜର ନୂତନ ମାଲିକ ହୋଇଛନ୍ତି। ଏହାକୁ ନେଇ ଜାହିର କହିଛନ୍ତି ଯେ, ମୁଁ ସବୁବେଳେ ଶ୍ରୀଲଙ୍କାରୁ ଆସୁଥିବା ବୋଲିଂ ପ୍ରତିଭାର ଦକ୍ଷତା ଏବଂ ବିବିଧତାକୁ ପ୍ରଶଂସା କରିଛି। ଏହା ଏପରି ଏକ ଦେଶ ଯାହାକୁ ମୁଁ ପରିଦର୍ଶନ କରିଛି, ଖେଳିଛି



ଏବଂ ଏହାର ସୁନ୍ଦର ସ୍ମୃତି ରହିଛି। ମୁଁ ଏବେ ଶ୍ରୀଲଙ୍କା କ୍ରିକେଟରେ ସହ-ମାଲିକ ଭାବରେ ଯୋଗଦେବାକୁ ବହୁତ ଉତ୍ସାହିତ। ମୁଁ ଆଙ୍କର୍ ଜାଫନା କିଙ୍ଗସ ସହିତ କାମ କରିବାକୁ ଉତ୍ସାହିତ'। ଉଲ୍ଲେଖଯୋଗ୍ୟ ଜାହିରଙ୍କ ପୂର୍ବରୁ ରାହୁଲ ଦ୍ରାବିଡ ୟୁରୋପୀୟ ଟି୨୦ ପ୍ରିମିୟର ଲିଗରେ ଡବଲିନ୍ ଗାର୍ଡିଆନ୍ସର, ସଚିନ ତେନ୍ଦୁଲକର ନ୍ୟାସନାଲ କ୍ରିକେଟ ଲିଗରେ ଚିକାଗୋ ଷ୍ଟାର୍ସର, ଯୁବରାଜ ସିଂହ ଶ୍ରୀଲଙ୍କା ପ୍ରିମିୟର ଲିଗରେ କଲମ୍ବୋ ସୁପରଷ୍ଟାର୍ସ ଷ୍ଟ୍ରାଇକର୍ସର ସହ-ମାଲିକ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS